


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-67 ◆SUNDAY ◆31 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୭ ◆ରବିବାର ◆୩୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଖସିଲା ବିଦେଶୀ ମୁଦ୍ରା ଭଣ୍ଡାର



■ ମୁମ୍ବାଇ, ୩୦।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚଢ଼ା ଶୁଳ୍କର ପ୍ରଭାବ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ପଡ଼ିଛି। ଗତ ୨୨ ତାରିଖରେ ଶେଷ ହୋଇଥିବା ସପ୍ତାହରେ ମୁଦ୍ରା ଭଣ୍ଡାରରେ ୪.୩୮୬ ବିଲିୟନ ଡଲାର ହ୍ରାସ ପାଇଛି। କେବଳ ସେତିକି ନୁହେଁ, ଏଫସିଏ, ସ୍ୱର୍ଣ୍ଣ ଭଣ୍ଡାର ଏବଂ ଏସ୍‌ଡିଆର ସମେତ ସବୁ ପଣ୍ୟ କାରବାର ମଧ୍ୟ ହ୍ରାସ ଘଟିଥିବା ଜଣାପଡ଼ିଛି। ଏଥିଯୋଗୁଁ ମୁଦ୍ରା ଭଣ୍ଡାର ହ୍ରାସ ପାଇ ୬୯୦. ୭୨୦ ବିଲିୟନ ଡଲାରକୁ ଖସି ଆସିଛି। ଏହାର ପୂର୍ବ ସପ୍ତାହରେ ମୁଦ୍ରା ଭଣ୍ଡାରରେ ୧.୪ ବିଲିୟନ ଡଲାର ବୃଦ୍ଧି ଦେଖାଦେଇଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟ, ସମୀକ୍ଷାଧୀନ ସପ୍ତାହରେ ଫରେନ କରେନ୍ସି ଆସେଟ (ଏଫସିଏ) ମଧ୍ୟ ୩.୬୫୨ ବିଲିୟନ ଡଲାର ହ୍ରାସ ପାଇଥିଲା। ଏବେ ଏହି ଭଣ୍ଡାର ୫୮୨. ୨୫୧ ବିଲିୟନ ଡଲାରକୁ ଖସି ଯାଇଛି। ସେହିପରି ଭାରତର ସ୍ୱର୍ଣ୍ଣ ଭଣ୍ଡାର ୪୬୪ ନିୟୁତ ଡଲାର ହ୍ରାସ ପାଇ ୮୫.୦୦୩ ବିଲିୟନ ଡଲାର ରହିଛି।

## ରାଜସ୍ଥାନ ରୟାଲ୍ସ ଛାଡ଼ିଲେ ଦ୍ରାବିଡ୍




**ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା**

■ ଜୟପୁର, ୩୦।୮ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦୨୬ ସିଜନ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଦଳକୁ ବଡ଼ ଝଟ୍‌କା ଲାଗିଛି। ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଦ୍ରାବିଡ୍ ଇସ୍ତଫା ଦେଇଥିବା ନେଇ ଶନିବାର ରାଜସ୍ଥାନ ଫ୍ରାଞ୍ଚାଇଜ ପକ୍ଷରୁ ଏକ ବିବୃତି ଜାରି କରି ସୂଚନା ଦିଆଯାଇଛି। ଫ୍ରାଞ୍ଚାଇଜ ପକ୍ଷରୁ ତାଙ୍କୁ ବଡ଼ ପଦବୀ ଲାଗି ଅଫର୍ ଦିଆଯାଇଥିଲା। କିନ୍ତୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଗତ ବର୍ଷ ସେପ୍ଟେମ୍ବରରେ ଦ୍ରାବିଡ୍ ରାଜସ୍ଥାନ ରୟାଲ୍ସର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ରାଜସ୍ଥାନ ଆଇପିଏଲ୍‌ର ଗତ ୧୮ତମ ସଂସ୍କରଣରେ ୧୪ ମ୍ୟାଚ୍ ଖେଳି ମାତ୍ର ୪ଟି ବିଜୟ ହାସଲ କରିପାରିଥିଲା। ▶ବିବରଣୀ ପୃଷ୍ଠା-୧୨

## ବିଶ୍ୱର ସବୁଠୁ ଧନୀ ଗାଁ ମାଧାପାର

**ଏଫ୍‌ଡିରେ ୫ ହଜାର କୋଟିର ନିବେଶ**



■ ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଭାରତରେ ବିଶ୍ୱର ସବୁଠୁ ଧନୀ ଗାଁ ରହିଛି। ଗୁଜରାଟର କଚ୍ଛ ଜିଲ୍ଲାରେ ଥିବା ଏହି ଗାଁର ନାଁ ମାଧାପାର। ୧୨ଶ ଶତାବ୍ଦୀରେ ପ୍ରତିଷ୍ଠା ହୋଇଥିବା ଏହି ଗାଁ ମିସ୍ତ୍ରୀ ସମୁଦାୟ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲା। ଏମାନେ ଅନେକ ମନ୍ଦିର ଏବଂ ଐତିହାସିକ କୋଠା ନିର୍ମାଣ କରିଥିଲେ। କିନ୍ତୁ ଏବେ ଏହି ମାଧାପାର ଗାଁ ପ୍ରବାସୀ ଭାରତୀୟ ବା ଏନ୍‌ଆର୍‌ଆଇଙ୍କ ପାଇଁ ସଫଳତାର ଶିଖର ଛୁଇଁଛି। ବିଶ୍ୱର ସବୁଠୁ ଧନୀ ଗାଁର ମାନ୍ୟତା ପାଇଛି। ଏହି ଗାଁରେ ଥିବା ବ୍ୟାଙ୍କ ଶାଖାଗୁଡିକରେ ପ୍ରାୟ ୫ ହଜାର କୋଟି ଟଙ୍କାର ଫିକ୍ସଡ ଡିପୋଜିଟ (ଏଫଡି) ବା ସ୍ଥାୟୀ ଜମା ରହିଛି। ଗାଁରେ ମୋଟ ୯୨ ହଜାର ଲୋକ ରହୁଛନ୍ତି। ଏଠାରେ ପ୍ରାୟ ୭,୬୦୦ ଘର ରହିଛି। କିନ୍ତୁ ଏନ୍‌ଆରଆଇ ଏହି ଗାଁ ପାଇଁ ଆଶୀର୍ବାଦ ପାଲଟିଛନ୍ତି। ଆଜି ବିଶ୍ୱର ଅନେକ ରାଷ୍ଟ୍ରରେ ଏହି ଗାଁର ଲୋକେ ରହିଛନ୍ତି। ପ୍ରାୟ ୬୫ ପ୍ରତିଶତ ଲୋକ ଏନ୍‌ଆର୍‌ଆଇ ଥିବା ଜଣାପଡ଼ିଛି। ▶ପୃଷ୍ଠା-୭

### ଟ୍ରମ୍ପଙ୍କୁ ଫେଡେରାଲ୍ କୋର୍ଟରୁ ବଡ଼ ଝଟ୍‌କା

# ଚଢ଼ା ଶୁଳ୍କ ବେଆଇନ

**ଶୁଳ୍କ ଲଗାଇବାର କ୍ଷମତା ରାଷ୍ଟ୍ରପତିଙ୍କୁ ମିଳିନି**



**ଶୁଳ୍କ ଉପରେ ରୋକ୍ ଲଗାଇଲେନି କୋର୍ଟ**

**ଅକ୍ଟୋବର ୧୪ ଯାଏ ଦେଲେ ମହଲତ**

■ ୱାସିଂଟନ, ୩୦।୮ (ଏଜେନ୍ସି): ଚଢ଼ା ଶୁଳ୍କ ଲଗାଇ ସାରା ବିଶ୍ୱରେ ଆର୍ଥିକ ଯୁଦ୍ଧ ଆରମ୍ଭ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶନିବାର କୋର୍ଟ ଝଟ୍‌କା ଲାଗିଛି। ସେ ଲଗାଇଥିବା ଅଧିକାଂଶ ଶୁଳ୍କ ବେଆଇନ ବୋଲି ଆମେରିକାର ଏକ ଅପିଲ କୋର୍ଟ ରାୟ ଦେଇଛନ୍ତି। ଏଭଳି ଶୁଳ୍କ ଲଗାଇ ଟ୍ରମ୍ପ ନିଜ ଅଧିକାର କ୍ଷେତ୍ରର ଉଲ୍ଲଙ୍ଘନ କରିଛନ୍ତି। ଏହି ଶୁଳ୍କ କାର୍ଯ୍ୟକାରୀ କରିବା ପାଇଁ ଟ୍ରମ୍ପ ଯେଉଁ ଆଇନ ବ୍ୟବହାର କରିଥିଲେ ତାହା ତାଙ୍କୁ ଏଭଳି ଅଧିକାର ପ୍ରଦାନ କରୁନାହିଁ। ୱାସିଂଟନ ସ୍ଥିତ 'ୟୁଏସ୍ କୋର୍ଟ ଅଫ୍ ଅପିଲ୍ସ ଫର ଦ ଫେଡେରାଲ ସର୍କିଟ' ପକ୍ଷରୁ ଦିଆଯାଇଥିବା ଏହି ରାୟ ଟ୍ରମ୍ପଙ୍କ ଆର୍ଥିକ ରଣନୀତି ପାଇଁ ଶକ୍ତ ଚାପୁଡ଼ା ସାବ୍ୟସ୍ତ ହୋଇଛି। ତେଣୁ ସେ ରାୟକୁ ତୀବ୍ର ସମାଲୋଚନା କରିଛନ୍ତି।



**ଶୁଳ୍କ ହଟିଲେ ଦେଶ ବରବାଦ ହୋଇଯିବ। ରାୟ ବିରୁଦ୍ଧରେ ସୁପ୍ରିମକୋର୍ଟ ଯିବି**

ଶୁଳ୍କ ହଟିଲେ ଦେଶ ବର୍‌ବାଦ ହୋଇଯିବ ବୋଲି କହିଛନ୍ତି। ରାୟ ବିରୋଧରେ ସୁପ୍ରିମକୋର୍ଟ ଯିବେ ବୋଲି କହିଛନ୍ତି।

ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ସବୁ ଆମଦାନୀ ଉପରେ ଶୁଳ୍କ ଲଗାଇବା ପାଇଁ ଟ୍ରମ୍ପଙ୍କୁ ଅସୀମିତ କ୍ଷମତା ମିଳିନାହିଁ। ତେବେ ଏହି ଶୁଳ୍କ ଉପରେ କୋର୍ଟ କୌଣସି କଟକଣା ଲଗାଇ ନାହାନ୍ତି। ଏହି ରାୟ ଅକ୍ଟୋବର ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବନାହିଁ। ସୁପ୍ରିମକୋର୍ଟରେ ଆବେଦନ ପାଇଁ ରାଷ୍ଟ୍ରପତିଙ୍କୁ ଏହି ସମୟ ଦିଆଯାଇଛି। କୋର୍ଟରେ ▶ପୃଷ୍ଠା-୭



**X ରେ ଭାଇରାଲ୍ 'ଟ୍ରମ୍ପ ମୃତ'**

*ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୃତ୍ୟୁ' ଖବର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟ୍ରେଣ୍ଡ କରୁଛି। 'ଟ୍ରମ୍ପ ଇଜ୍ ଡେଡ୍' ଅର୍ଥାତ ଟ୍ରମ୍ପଙ୍କ ମୃତ୍ୟୁ ହୋଇଛି ବୋଲି ଲେଖାଯାଇଛି। ଶନିବାର ଟ୍ରମ୍ପଙ୍କ ମୃତ୍ୟୁଖବର ଖବର ସହିତ ଜଡିତ ୬୦ ହଜାର ପୋଷ୍ଟ ସେୟାର କରାଯାଇଛି।*

➡ ପୃଷ୍ଠା-୨

# ୭ ବର୍ଷ ପରେ ଚୀନ୍‌ରେ ମୋଦୀ

■ ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଜାପାନ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଚୀନରେ ଯାଇ ପହଞ୍ଚିଛନ୍ତି। ୭ ବର୍ଷ ପରେ ଏହା ହେବ ତାଙ୍କର ପ୍ରଥମ ଚୀନ ଗସ୍ତ। ଭାରତ ଓ ଆମେରିକା ମଧ୍ୟରେ ଶୁଳ୍କକୁ ନେଇ ସଂପର୍କ ତିକ୍ତ ହୋଇଥିବା ବେଳେ ମୋଦୀଙ୍କ ଚୀନ ଗସ୍ତ ବେଶ ଗୁରୁତ୍ୱ ବହନ କରୁଛି। ସଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶୀର୍ଷ ବୈଠକରେ ଯୋଗ ଦେବାପାଇଁ ଚୀନ ଯାଇଥିବା ମୋଦୀ ଚୀନ ଓ ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ଚୀନର ତିଆନଜିନ୍ ସହରରେ ପହଞ୍ଚିବା କ୍ଷଣି ସେଠାରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆସନ୍ତାକାଲି ଅଗଷ୍ଟ ୩୧ ଏବଂ ସେପଟେମ୍ବର ୧ ତାରିଖରେ ଦୁଇ ଦିନ ଧରି ତିଆନଜିନରେ ସଂଘାଇ ଶୀର୍ଷ ବୈଠକ ହେବ। ଏହି ଅବସରରେ ଚୀନ ରାଷ୍ଟ୍ରପତି ଜି ଜିଙ୍ଗପିଙ୍ଗ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ କଥାବାର୍ତ୍ତା ହେବ। ଏହି ବହୁପ୍ରତୀକ୍ଷିତ କଥାବାର୍ତ୍ତା ଉପରେ ସମସ୍ତଙ୍କର ନଜର ରହିଛି। ଭାରତ ଉପରେ ଆମେରିକାର ୫୦ ପ୍ରତିଶତ ଶୁଳ୍କ ଘୋଷଣା ପରେ ପ୍ରଥମ ଥର ଲାଗି ଦୁଇ ନେତାଙ୍କ ମଧ୍ୟରେ ହେଉଥିବା ଏହି ବୈଠକରେ ଭାରତ-ଚୀନ ଅର୍ଥନୈତିକ ସଂପର୍କକୁ ସୁଦୃଢ଼ କରିବା ଉପରେ ଆଲୋଚନା ହେବ। ଏହାସହିତ ଲଦାଖ ସୀମା ଉତ୍ତେଜନା ପରେ ତିକ୍ତ ହୋଇପଡ଼ିଥିବା ଦ୍ୱିପାକ୍ଷିକ ସଂପର୍କକୁ କେମିତି ସ୍ୱାଭାବିକ କରାଯାଇପାରିବ, ତାହା ଉପରେ ଦୁଇ ନେତା ▶ପୃଷ୍ଠା-୭



**ସବୁଦିନ ପାଇଁ କେହି ଶତ୍ରୁ କି ମିତ୍ର ନୁହନ୍ତି**

**ଜିନ୍‌ପିଙ୍ଗ ଓ ପୁଟିନଙ୍କ ସହ ହେବ ଆଲୋଚନା**



## ଓଡ଼ିଶା ଆସିବେ ରାହୁଲ



■ ଭୁବନେଶ୍ୱର, ୩୦।୮ (ସମିସ): ଜାତୀୟ କଂଗ୍ରେସ ଫୋକସ୍‌ରେ ଓଡ଼ିଶା ରହିଥିବା ବେଳେ ଆଗାମୀ ଦିନରେ କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶାକୁ ଏକାଧିକ ଗସ୍ତ କରିବେ। ଏହି କ୍ରମରେ ଆସନ୍ତା ନଭେମ୍ବର, ଡିସେମ୍ବର ମଧ୍ୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିବେ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି। ଭୋଟ ଚୋରି, ଗରିବୀ, ନାରୀ ସୁରକ୍ଷା ପ୍ରସଙ୍ଗରେ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି।

# ରାଜ୍ୟରେ ସାର ସଙ୍କଟ

### କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

■ ଭୁବନେଶ୍ୱର, ୩୦।୮ (ସମିସ): ରାଜ୍ୟବ୍ୟାପୀ ସାର ସଂକଟ, ଯୋଗାଣ ଅଭାବ ଏବଂ ବ୍ୟାପକ ଅବ୍ୟବସ୍ଥା କାରଣରୁ ଚାଷୀକୁଳ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସରକାର ସାର ଯୋଗାଇ ପାରୁନାହାନ୍ତି। ତେଣୁ, ଚାଷୀ ରାଜରାସ୍ତାକୁ ଓହ୍ଲାଇ ।ଲେଣି। ଗୋଟିଏପଟେ ସାର ଅଭାବ ସାଙ୍ଗକୁ ଅନ୍ୟପଟେ କଳାବଜାର, ଅପମିଶ୍ରଣ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଚାଷୀକୁଳର ଏପରି ସଙ୍କଟଜନକ ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶନିବାର କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ଚିଠି ଲେଖି ନବୀନ ରାଜ୍ୟରେ ସାର ଯୋଗାଣରେ ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବା ସହ ଚାଷୀକୁଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଆବଶ୍ୟକ ୟୁରିଆ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି।

ନିଜ ଚିଠିରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ କୃଷି ଓଡ଼ିଶା ଅର୍ଥନୀତିର ମୁଖ୍ୟ ଆଧାର। ରାଜ୍ୟର ୭୦ ଭାଗରୁ ଅଧିକ ଲୋକଙ୍କୁ କୃଷି ହିଁ ଜୀବିକା ଯୋଗାଇଥାଏ। ଗତ ଦୁଇ ଦଶନ୍ଧିରେ ଓଡ଼ିଶା କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ୨୦୦୦ ମସିହାରେ ଚାଉଳ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବା ଓଡ଼ିଶା ଆଜି ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଣରେ ▶ପୃଷ୍ଠା-୭



- ସାର ଅଭାବ ଯୋଗୁଁ କୃଷିକାର୍ଯ୍ୟ ବାଧାପ୍ରାପ୍ତ, ସଙ୍କଟରେ ଚାଷୀ
- ତୁରନ୍ତ ଆବଶ୍ୟକ ୟୁରିଆ ଯୋଗାଣ ସୁନିଶ୍ଚିତ ଦାବି
- ୭.୯୪ ଲକ୍ଷ ଟନ ସାର ମହଜୁଦ ଥିବା ନେଇ ଦାବି କରୁଛନ୍ତି ରାଜ୍ୟ ସରକାର; ଚାଷୀଙ୍କୁ ମିଳୁନି
- ଚାଷୀଙ୍କ ବଦଳରେ ଘରୋଇ ଡିଲରଙ୍କୁ ସାର ବିକୁଛି ମାର୍କଫେଡ
- ୭ ବର୍ଷ ବିତିଲା; କାର୍ଯ୍ୟକ୍ଷମ ହୋଇନି ତାଳଚେର ସାର କାରଖାନା

## ଆହୁରି ୪ ଦିନ ବର୍ଷା



■ ଭୁବନେଶ୍ୱର, ୩୦।୮ (ସମିସ): ରାଜ୍ୟରେ ଆହୁରି ୪ ଦିନ ବର୍ଷା ଲାଗି ରହିବ। କିଛି କିଛି ସ୍ଥାନରେ ଝିପିଝିପି ବର୍ଷା ସହ ବିଜୁଳି ଘଡଘଡି ହେବାର ସମ୍ଭାବନା ବି ରହିଛି। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ୨୦ ଜିଲ୍ଲାରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କତା ଜାରି କରାଯାଇଛି। ବର୍ଷା ସମୟରେ ପବନର ବେଗ ୩୦ରୁ ୪୦ କିମି ରହିବ। କିଛି ସ୍ଥାନରେ ସାମାନ୍ୟ ଓ କିଛି ସ୍ଥାନରେ ଅଧିକ ବର୍ଷା ହେବା ସହ ଘଡ଼ଘଡ଼ି ଓ ପବନର ▶ପୃଷ୍ଠା-୭

**୩ରେ ପୁଣି ଏକ ଲଘୁଚାପ**

## ଜିଏସ୍‌ଟି ସଂଶୋଧନରେ ରାଜସ୍ୱ କ୍ଷତି ଆଶଙ୍କା

### ୨ ଲକ୍ଷ କୋଟି ଦାବିକଲେ ୮ ବିରୋଧୀ ଶାସିତ ରାଜ୍ୟ




■ ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଜନତାଙ୍କ ପାଇଁ ବଡ଼ ଘୋଷଣା କରିଥିଲେ। ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି)ର ସ୍ଲାବକୁ ହ୍ରାସ କରି ଦୀପାବଳି ଭେଟି ଦିଆଯିବ ବୋଲି କହିଥିଲେ। ମାତ୍ର ଏହା ଏବେ କେବଳ ଘୋଷଣା ହୋଇ ରହିଛି। ଆସନ୍ତା ତିନି ଏବଂ ଚାରି ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏଥିରେ ଜିଏସ୍‌ଟି ସ୍ଲାବକୁ ୪ରୁ ହ୍ରାସ କରି ଦୁଇ କରିବାକୁ ନିଷ୍ପତ୍ତି ନିଆଯାଇପାରେ। ତେବେ ବିରୋଧୀ ଦଳଙ୍କ ଶାସିତ ୮ ରାଜ୍ୟ ଏଥିରେ କେଁ ପୂରାଇଛନ୍ତି। ଜିଏସ୍‌ଟି ପରିଷଦ ବୈଠକରେ ନୂଆ ଦାବି ରଖିବାକୁ ଏହି ରାଜ୍ୟମାନେ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଜିଏସ୍‌ଟିରେ ସୁଧାର ପାଇଁ କେନ୍ଦ୍ର ଦେଇଥିବା ପ୍ରସ୍ତାବ ଦ୍ୱାରା ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ପଞ୍ଜାବ, ତାମିଲନାଡୁ, ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗର ୧.୫ ଲକ୍ଷ କୋଟିରୁ ୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ କ୍ଷତି ହେବ। ତେଣୁ ଏହାର ଭରଣା କରିବାକୁ ୫ ବର୍ଷ ପର୍ଯ୍ୟନ୍ତ କ୍ଷତିପୂରଣ ଦେବା ନିମନ୍ତେ ଦାବି କରିଛନ୍ତି। ଏହି ସବୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କ ମଧ୍ୟରେ ଶୁକ୍ରବାର ନୂଆଦିଲ୍ଲୀରେ ଏକ ▶ପୃଷ୍ଠା-୭

## ଚଳନ୍ତା ଭ୍ୟାନ୍‌ରେ ଯୁବତୀଙ୍କୁ ଗଣଦୁଷ୍କର୍ମ

■ ବାରିପଦା, ୩୦।୮ (ସମିସ): ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ଚଳନ୍ତା ଭ୍ୟାନ୍‌ରେ ଗଣଦୁଷ୍କର୍ମ କରାଯିବା ଭଳି ଘଟଣା ଆଜି ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୁକ୍ତମାନେ ଏକ ଓମିନି ଭ୍ୟାନ୍‌ରେ ଯୁବତୀଙ୍କୁ ବାଙ୍ଗିରିପୋଷିରୁ ଉଦଳାକୁ ନେବା ସମୟରେ ରାସ୍ତାପାର୍ଶ୍ୱରେ ଗଣଦୁଷ୍କର୍ମ କରିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଏହାସହ ପୁଲିସ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇବା ସହ ବୟାନ ରେକର୍ଡ ପରେ ତାଙ୍କ ମା'ଙ୍କ ସହିତ ସୁଧାର ଗୃହରେ ଛାଡ଼ିଛି। ସୂଚନାନୁଯାୟୀ, ଶୁକ୍ରବାର ଜଣେ ଯୁବକ ତା'ର ସହଯୋଗୀଙ୍କ ସହ ବାଙ୍ଗିରିପୋଷି ଥାନା ଅଞ୍ଚଳକୁ ଆସିଥିଲା। ▶ପୃଷ୍ଠା-୭

**୨ ଅଟକ**

### ଏକାଧିକ ସମସ୍ୟାକୁ ନେଇ ସନ୍ତୁଳି ହେଉଛନ୍ତି ପୌରସଂସ୍ଥା

## ବଢୁଛି ରାଜନୈତିକ ହସ୍ତକ୍ଷେପ; ବିକାଶ ବାଧାପ୍ରାପ୍ତ

■ ଭୁବନେଶ୍ୱର, ୩୦।୮ (ସମିସ): ଆସନ୍ତାକାଲି ରାଜ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବ। ସହରାଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବା କ୍ଷେତ୍ରରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ଏକାଧିକ ସମସ୍ୟାକୁ ନେଇ ପୌରସଂସ୍ଥା ଗୁଡ଼ିକ ସନ୍ତୁଳି ହେଉଥିବା ବେଳେ ରାଜନୈତିକ ହସ୍ତକ୍ଷେପ ଏହାକୁ ଅଧିକ ଜଟିଳ କରୁଛି। ଯାହାକୁ ନେଇ ପୌର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ଏଥିରେ ଲଗାମ ଲାଗିବା ଜରୁରି ବୋଲି ସାଧାରଣରେ ମତପ୍ରକାଶ ପାଇଛି।




**ନୂଆ ଏନଏସି ଘୋଷଣାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ, ପୂର୍ବ ସରକାରଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବାକୁ ଦାବି**

**ସମ୍ବଲପୁର ଓ ରାଉରକେଲା ମହାନଗର ନିଗମରେ ଆଜିପର୍ଯ୍ୟନ୍ତ ହେଲାନି ନିର୍ବାଚନ**

ସୂଚନାଯୋଗ୍ୟ ଯେ ନିକଟରେ ରାଜ୍ୟ ସରକାର ୧୨ଟି ନୂଆ ଏନ୍‌ଏସି ଗଠନ ପାଇଁ ଡ୍ରାଫ୍ଟ ବିଜ୍ଞପ୍ତି ଘୋଷଣା କରିଛନ୍ତି। ଯାହାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷର ନିଆଁ କୁହୁଳିଛି। ଯୋଗ୍ୟତା ଅପେକ୍ଷା ନୂଆ ଏନ୍‌ଏସି ଗଠନ ପ୍ରକ୍ରିୟାରେ ରାଜନୈତିକ ଦବଦବାକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ସାଧାରଣରେ ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୫୬ଟି ଏନ୍‌ଏସି ଗଠନ ହେବ ବୋଲି ଘୋଷଣା କରିଥିଲେ। ଏହା ସହ ୫ଟି ଏନ୍‌ଏସି ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯାଇଥାନ୍ତା। ନୂଆ ସରକାର ମାତ୍ର ୧୨ଟି ନୂଆ ଏନଏସି ଘୋଷଣା କରିଥିବା ବେଳେ ଆଉ ୯ଟି ଏନଏସି ଆସନ୍ତାକାଲି ଘୋଷଣା କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ପୂର୍ବରୁ ତାଲିକାଭୂକ୍ତ ବହୁ ଏନ୍‌ଏସି ନୂତନ ▶ପୃଷ୍ଠା-୭




# ‘ହ୍ୟୁମାନ୍ ଜିପିଏସ୍’ ଭାବେ ପରିଚିତ ଆତଙ୍କବାଦୀ ବାଗୁ ଖାନ୍ ନିହତ



**୨୫ ବର୍ଷରେ ୧୦୦ରୁ ଅଧିକ ଅନୁପ୍ରବେଶ କରାଇଥିଲା**

ଶ୍ରୀନଗର, ୩୦।୮ (ଏଜେନ୍ସି): ‘ହ୍ୟୁମାନ ଜିପିଏସ୍’ ନାମରେ ପରିଚିତ ଆତଙ୍କବାଦୀ ବାଗୁ ଖାନ୍ ଭାରତୀୟ ସୁରକ୍ଷାବାହିନୀ ସହ ଏନକାଉଣ୍ଟର ବେଳେ ନିହତ ହୋଇଛି। ଜମ୍ମୁ-କଶ୍ମୀର ବନ୍ଦିପୋରା ଜିଲ୍ଲାର ଗୁରେଜ ସେକ୍ଟରରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ସେ ପ୍ରାଣ ହରାଇଛି। ବାଗୁ ଖାନ୍ ମଧ୍ୟ ‘ସମନ୍ଦର ଚାଚା’ ଭାବେ ପରିଚିତ ଥିଲା। ୧୯୯୫ରେ ବାଗୁ ଖାନ୍ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ରହୁଥିଲା। ସେ ଗତ ୨୫ ବର୍ଷ ହେବ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ ଥିଲା। ସେ ଆତଙ୍କୀଙ୍କୁ ଅନୁପ୍ରବେଶ କରାଇବାରେ ସିଦ୍ଧହସ୍ତ ଥିଲା। ସେ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ସାମିଲ ରହିଥିଲା ବୋଲି ସେନା ତରଫରୁ କୁହାଯାଇଛି। ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରାଇବାର ସବୁ ରାସ୍ତା ତାକୁ ଜଣାଥିଲା। ଧରା ପଡ଼ିବା ପରେ କେମିତି ଖସିବ ତାହା ମଧ୍ୟ ସେ ଭଲଭାବେ ଜାଣିଥିଲା। ଏଥିପାଇଁ ତାକୁ ‘ହ୍ୟୁମାନ ଜିପିଏସ୍’ କୁହାଯାଉଥିଲା। ସେ ହିଜବୁଲ ମୁଜାହିଦ୍ଦିନର ମୋଷ୍ଟ ୱାଣ୍ଟେଡ୍ ଆତଙ୍କାବାଦୀ ଭାବେ ସୁରକ୍ଷା ଏଜେନ୍ସିଗୁଡ଼ିକର ହିଟ୍‌ଲିଷ୍ଟରେ ଥିଲା। ଅଗଷ୍ଟ ୨୮ ରୁ ଗୁରେଜ ସେକ୍ଟରରେ ବାଗୁ ଖାନ୍ ଅନୁପ୍ରବେଶ କରିବାକୁ ପ୍ରୟାସ କରୁଥିଲା। ଏହିସମୟାରେ ଭାରତୀୟ ସେନା ସହ ଗୁଳି ବିନିମୟ ଚାଲିଥିଲା। ଏଥିରେ ତା’ର ଜଣେ ସହଯୋଗୀ ନିହତ ହୋଇଛି।

ଗୁଇନ୍ଦା ସୂଚନା ଆଧାରରେ ସେନା ଓ ଜମ୍ମୁ-କଶ୍ମୀର ପୁଲିସ ମିଳିତ ଭାବେ ଅପରେସନ ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇବାରୁ ସେନା ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏଥିରେ ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ। ଉଲ୍ଲେଖଥାଉ କି ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଜମ୍ମୁ-କଶ୍ମୀରର ଭିନ୍ନ ଭିନ୍ନ ୭ଟି ସ୍ଥାନରେ ହୋଇଥିବା ଏନ୍‌କାଉଣ୍ଟରରେ ଏପର୍ଯ୍ୟନ୍ତ ୨୩ ଜଣ ଆତଙ୍କବାଦୀ ନିହତ ହେଲେଣି।

# ଟ୍ରମ୍ପଙ୍କ ‘ମୃତ୍ୟୁ’ ନେଇ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ



ୱାସିଂଟନ, ୩୦।୮ (ଏଜେନ୍ସି): ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଟିପ୍ପଣୀ ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୃତ୍ୟୁ ଖବରକୁ ନେଇ ସାମାଜିକ ଗଣମାଧ୍ୟମରେ ହଇଚଇ ସୃଷ୍ଟି ହୋଇଛି। ‘ଟ୍ରମ୍ପ ଇଜ୍ ଡେଡ୍’ ହାସଟାଗ୍‌ର ଟ୍ରେଣ୍ଡ ଚାଲିଛି। ଶନିବାର ଦ୍ୱିପହର ସୁଦ୍ଧା ଏ ସମ୍ବନ୍ଧିତ ୬୦ ହଜାର ପୋଷ୍ଟ ସେୟାର କରାଯାଇଛି। ଗତ ଜୁଲାଇରେ ୭୯ ବର୍ଷୀୟ ଟ୍ରମ୍ପଙ୍କ ହାତରେ କ୍ଷତ ଚିହ୍ନ, ପାଦ ଫୁଲିଥିବା ଫଟୋ ସାମ୍ନାକୁ ଆସିଥିଲା। ଏହାପର ଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଚାଲିଛି। ସେତେବେଳେ ହ୍ୱାଇଟ୍ ହାଉସ୍ ଏହାକୁ ଗୁଜବ କହି ଖବରକୁ ପ୍ରତ୍ୟାଖାନ କରି ଦେଇଥିଲା। କିନ୍ତୁ ଗତ ୨୭ ତାରିଖରେ ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏକ ସାକ୍ଷାତକାରରେ ଦେଇଥିବା ଟିପ୍ପଣୀ ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। କୌଣସି ଖରାପ୍ ସ୍ଥିତି ଆସିଲେ ଦେଶର ନେତୃତ୍ୱ ନେବାକୁ ସେ ପ୍ରସ୍ତୁତ ବୋଲି ଭାନ୍ସ କହିଥିଲେ। କିନ୍ତୁ ଟ୍ରମ୍ପ ଏବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଓ ସୁସ୍ଥ ଅଛନ୍ତି ବୋଲି ସେ କହିଥିଲେ। ମାତ୍ର ହ୍ୱାଇଟ୍ ହାଉସ ପକ୍ଷରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ପୁଣି ଭାନ୍ସଙ୍କ ସାକ୍ଷାତକାର ପରେ ଟ୍ରମ୍ପଙ୍କୁ ଗତ ୨୪ ଘଣ୍ଟା ମଧ୍ୟରେ ସାର୍ବଜନୀନ ଭାବେ ଦେଖିବାକୁ ମିଳିନାହିଁ ବୋଲି ସାମାଜିକ ଗଣମାଧ୍ୟମରେ ଦାବି କରାଯାଇଛି। ୨୦୨୫ରେ ଫେବୃଆରୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଓ ଜୁଲାଇରେ ୟୁରୋପିଆନ କମିସନ ଅଧ୍ୟକ୍ଷ ଉରଜୁଲା ଭାନ ଡେର ଲେୟେନଙ୍କ ସହ ସାକ୍ଷାତ ଅବସରରେ ଟ୍ରମ୍ପଙ୍କ ହାତରେ କ୍ଷତ ଚିହ୍ନ ଓ ଏହାର ମେକ୍‌ଅପ୍ ଦେଖିବାକୁ ମିଳିଥିଲା। ଏହାପରେ ଟ୍ରମ୍ପ ସ୍ନାୟବିକ ରୋଗରେ ପୀଡିତ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଉଥିଲା। କିନ୍ତୁ ବୃକକ ଓ ହୃତ୍‌ପିଣ୍ଡ ଜନିତ ସମସ୍ୟା ନ ଥିବା କୁହାଯାଇଥିଲା। ମାତ୍ର ସାମାଜିକ ଗଣମାଧ୍ୟମରେ ଚାଲିଥିବା ଏହି ଟ୍ରେଣ୍ଡକୁ ନେଇ ହ୍ୱାଇଟ୍ ହାଉସ ତରଫରୁ କିଛି କୁହାଯାଇନାହିଁ। ଏହା ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଲାଗି ରହିଥିବା ସଂଶୟକୁ ଅଧିକ ବୃଦ୍ଧି କରିଛି।

## ୟୁକ୍ରେନର ପୂର୍ବତନ ସାଂସଦଙ୍କୁ ଗୁଳିକରି ହତ୍ୟା

କିଭ୍, ୩୦।୮ (ଏଜେନ୍ସି): ୟୁକ୍ରେନର ପ୍ରମୁଖ ରାଜନେତା ତଥା ପୂର୍ବତନ ସାଂସଦ ଅଧ୍ୟକ୍ଷ ଆନ୍ଦ୍ରି ପାରୁବୀଙ୍କୁ ଶନିବାର ଗୁଳିକରି ହତ୍ୟା କରାଯାଇଛି। ଦକ୍ଷିଣ ଫ୍ରାଙ୍କିଭସ୍କି ଜିଲ୍ଲାରେ ଦିନ ୧୨ରେ ଗୁଳିକାଣ୍ଡ ହୋଇଥିବା କଥା ପୁଲିସ କହିଛି। ଆକ୍ରମଣକାରୀ ପାରୁବୀଙ୍କ ଉପରେ ଏକାଧିକ ରାଉଣ୍ଡ ଗୁଳିମାଡ଼ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେ ମୃତ୍ୟୁବରଣ କରିଥିଲେ। ଡେଲିଭରୀ ବଏ ଭାବେ ଆସି ଆକ୍ରମଣକାରୀ ଏହି ଘଟଣା ଘଟାଇଥିଲା। ସେ ଏକ ଇଲେକଟ୍ରିକ ସାଇକଲ ଚଢ଼ି ଆସିଥିଲା। ଗୁଳି ମାରିବା ପରେ ସେ ସାଇକଲ ଚଳାଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ୫୪ ବର୍ଷୀୟ ପାରୁବୀ ଦୀର୍ଘବର୍ଷ ଧରି ସାଂସଦ ରହିଆସିଥିଲେ। ୨୦୦୪ରେ ସେ ଅରେଞ୍ଜ କ୍ରାନ୍ତି ଓ ୨୦୧୩-୧୪ରେ ୟୁରୋ ମଇଦାନ କ୍ରାନ୍ତିରେ ଅଂଶଗ୍ରହଣ କରିଥିଲେ। ୨୦୧୪ରେ ରୁଷିଆ କ୍ରିମିଆ ଉପରେ ଅଧିକାର କରିବା ପରେ ଓ ଡୋନବାସ୍‌ରେ ଯୁଦ୍ଧ ଆରମ୍ଭ ହେବା ପରେ ସେ ରାଷ୍ଟ୍ରିୟ ସୁରକ୍ଷା ଓ ପ୍ରତିରକ୍ଷା ପରିଷଦର ସଦସ୍ୟ ଥିଲେ।

## ମୋରିଟାନିଆରେ ନୌକା ବୁଡ଼ି; ୪୯ ମୃତ, ୧୦୦ ନିଖୋଜ

ନୌକାଚୋଟ୍, ୩୦।୮ (ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମୋରିଟାନିଆରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ଚଳିତ ସପ୍ତାହ ପ୍ରାରମ୍ଭରେ ଏହି ଦେଶର ଉପକୂଳରେ ପ୍ରବାସୀ ନାଗରିକଙ୍କୁ ନେଇ ଯାଉଥିବା ଏକ ନୌକା ବୁଡିବା ଫଳରେ ୪୯ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୧୦୦ ଜଣ ନିଖୋଜ ଅଛନ୍ତି। ୧୭ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏପର୍ଯ୍ୟନ୍ତ ୪୯ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଓ ସେମାନଙ୍କୁ କବର ଦିଆଯାଇଛି। ନିଖୋଜ ଥିବା ଲୋକଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ନୌକାରେ ପାଖାପାଖି ୧୬୦ଜଣ ଲୋକ ଥିଲେ। ଏଥିରେ ସେନେଗାଲ ଓ ଗାମ୍ବିଆର ନାଗରିକମାନେ ମଧ୍ୟ ଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ଜଣାଶୁଣା ନ୍ୟୁଜ ଏଜେନ୍ସି ଏଏଫ୍‌ପି ସୂଚନା ଦେଇଛି।

## ସ୍କୁଲ୍ ଟଏଲେଟ୍‌ରେ ୯ମ ଶ୍ରେଣୀ ଛାତ୍ରୀଙ୍କ ପ୍ରସବ

ୟାଦଗିର, ୩୦।୮ (ଏଜେନ୍ସି): କର୍ଣ୍ଣାଟକର ୟାଦଗିର ଜିଲ୍ଲାର ଶାହାପୁର ତାଲୁକ୍‌ରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଏହି ଅଞ୍ଚଳରେ ଥିବା ଏକ ସରକାରୀ ଆବାସିକ ବିଦ୍ୟାଳୟର ୯ମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ଟଏଲେଟ୍‌ରେ ପିଲା ଜନ୍ମ ଦେଇଛନ୍ତି। ରୁଜୁ ହୋଇଥିବା ଏତଲା ଅନୁସାରେ ବାଳିକା ଜଣକ ୯ମାସର ଗର୍ଭବତୀ ଥିବା ଜଣାଯାଇଛି। ଛାତ୍ରୀ ଜଣକ ସେତେବେଳେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ, ସେତେବେଳେ ତାଙ୍କ ସହପାଠୀ ସ୍କୁଲ କର୍ତ୍ତୃପକ୍ଷ ଏନେଇ ଅବଗତ କରାଯାଇଥିଲେ। ଉଭୟ ବାଳିକା ଓ ନବଜାତ ଶିଶୁକୁ ହସ୍ପିଟାଲକୁ ନିଆଯାଇଥିଲା ଓ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାଯାଇଛି। ଏହି ମାମଲାରେ ଜଣେ ୨୮ ବର୍ଷୀୟ ବ୍ୟକ୍ତିଙ୍କ ବିରୋଧରେ ପୋକ୍‌ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ କର୍ଣ୍ଣାଟକ ଆବାସିକ ଶିକ୍ଷାନୁଷ୍ଠାନ ସୋସାଇଟିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦୁଇଜଣ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ପୁଲିସ ଆଉ ୪ଜଣ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି। ସେମାନେ ହେଉଛନ୍ତି ହଷ୍ଟେଲ ୱାର୍ଡେନ, ସ୍କୁଲ ପ୍ରିନ୍ସପାଲ, ଜଣେ ଷ୍ଟାଫ୍ ନର୍ସ। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ଣ୍ଣାଟକ ଶିଶୁ ଅଧିକାର କମିଶନ ତରଫରୁ କୁହାଯାଇଛି।

## ଦିଲ୍ଲୀ କାଲକାଜି ମନ୍ଦିରରେ ସେବାୟତଙ୍କୁ ପିଟିପିଟି ହତ୍ୟା

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଦିଲ୍ଲୀର ପ୍ରସିଦ୍ଧ କାଲକାଜି ମନ୍ଦିରରେ ଜଣେ ସେବାୟତଙ୍କୁ ବାଡିରେ ପିଟିପିଟି ହତ୍ୟା କରାଯିବାର ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ରାତିରେ ଯୋଗେନ୍ଦ୍ର ସିଂ ନାମକ ଜଣେ ସେବାୟତଙ୍କୁ କେତେଜଣ ଯୁବକ ହତ୍ୟା କରିଛନ୍ତି। ଏହି ଘଟଣା ଭିଡିଓ ଭାଇରାଲ ହୋଇଛି। ଦୁଇଜଣ ତାଙ୍କୁ ନିସ୍ତୁକ ଭାବେ ପିଟୁ ଥିବା ବେଳେ ଅନ୍ୟମାନେ ପାଖରେ ଠିଆ ହୋଇ ଦେଖୁଥିବା ଭିଡିଓରେ ଦେଖିବାକୁ ମିଳିଛି। ମନ୍ଦିରରେ ବହୁ ସଂଖ୍ୟାରେ ଭକ୍ତ ଥିଲେ ମଧ୍ୟ ସେମାନଙ୍କୁ ରୋକିବାକୁ ପ୍ରୟାସ କରି ନଥିଲେ। ଆକ୍ରମଣ କରିବା ପରେ ଯୁବକମାନେ ସେଠାରୁ ପଳାଇ ଯାଇଥିଲେ। ୩୦ ବର୍ଷୀୟ ଅତୁଲ ପାଣ୍ଡେ ନାମକ ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରିବାରେ ସଫଳ ହୋଇଥିଲେ ବୋଲି ପୁଲିସ କହିଛି। ଅଭିଯୁକ୍ତମାନେ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ ଓ ଯୋଗେନ୍ଦ୍ରଙ୍କଠାରୁ ପ୍ରସାଦ ମାଗିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।

# ୫୦ରୁ କମ୍ ଅସ୍ତ୍ର ବ୍ୟବହାର କରି ଲକ୍ଷ୍ୟ ହାସଲ କରିଥିଲା ବାୟୁସେନା



ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ପହଲଗାମ ଆକ୍ରମଣ ପରେ ଭାରତୀୟ ସେନା ଦ୍ୱାରା ହୋଇଥିବା ‘ଅପରେସନ ସିନ୍ଦୂର’କୁ ନେଇ ଏବେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଭାରତୀୟ ବାୟୁସେନାର ଉପ-ମୁଖ୍ୟ ତଥା ଏୟାର ମାର୍ଶାଲ ନର୍ମଦେଶ୍ୱର ତିୱାରୀ ଏ ନେଇ ନୂଆ ଖୁଲାସା କରିଛନ୍ତି। ଭାରତୀୟ ବାୟୁସେନା ମାତ୍ର ୫୦ରୁ କମ୍ ଅସ୍ତ୍ର ବ୍ୟବହାର କରି ପାକିସ୍ତାନକୁ ଅସ୍ତ୍ରବିରତି କରିବାକୁ ବାଧ କରିଥିଲା ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରରେ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀଙ୍କ ଠିକଣା ଉପରେ ଆକ୍ରମଣର ୩ ମାସ ପରେ ସେ ଏହି କଥା କହିଛନ୍ତି। ଏକ ଘରୋଇ ନ୍ୟୁଜ ଚ୍ୟାନେଲର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏ ନେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି। ପହଲଗାମ ଆକ୍ରମଣର ଜବାବରେ ଅପରେସନ ସିନ୍ଦୂର ଆରମ୍ଭ କରାଯାଇଥିଲା। ଯୁଦ୍ଧ ଆରମ୍ଭ କରିବା ସହଜ, କିନ୍ତୁ ଶେଷ କରିବା କଷ୍ଟକର ବୋଲି ସେ କହିଥିଲେ। ଏହାକୁ ଦୃଷ୍ଟିରେ ରଖି ଆମେ ପ୍ରସ୍ତୁତି ଆରମ୍ଭ କରିଥିଲୁ। ସେନାକୁ ସକ୍ରିୟ ରଖିବା ସହ ମୁତୟନ କରିବାକୁ ନିଷ୍ପତ୍ତି ନେଇଥିଲୁ। ସବୁ ପ୍ରକାର ସମ୍ଭାବ୍ୟ ସ୍ଥିତିର ମୁକାବିଲା କରିବାକୁ ଆମେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଥିଲୁ। ବାୟୁସେନା ସମ୍ମୁଖରେ ଏକାଧିକ ବିକଳ୍ପ ଥିଲା। କିନ୍ତୁ ଶେଷରେ ୯ଟି ସ୍ଥାନକୁ ଟାର୍ଗେଟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

### ‘ଅପରେସନ ସିନ୍ଦୂର’

ଇଣ୍ଟିଗ୍ରେଟେଡ ଏୟାର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ (ଆଇଏସିସିଏସ୍) ରଣନୀତି ପ୍ରସ୍ତୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହି ପ୍ରଣାଳୀ ଦ୍ୱାରା ଭାରତ ପ୍ରାରମ୍ଭିକ ଝଟ୍‌କା ପ୍ରତିହତ କରିବା ସହ ପାକିସ୍ତାନକୁ ଦୃଢ଼ ଜବାବ ଦେବାରେ ସଫଳ ହୋଇଥିଲା। ମାତ୍ର ୪ ଦିନ ମଧ୍ୟରେ ପାକିସ୍ତାନକୁ ନଇଁବା ପାଇଁ ବାଧ କରାଯାଇଥିଲା। ନିୟନ୍ତ୍ରଣ ରେଖା (ଏଲ୍‌ଓସି) ସେପଟେ ୪ ଦିନ ଧରି ଆମେ ସଠିକ ଭାବେ ମିସାଇଲ ମାଡ଼ କରିଥିଲୁ। ଡ୍ରୋନ୍, ତୋପ ଓ ଅନ୍ୟ ଅସ୍ତ୍ରଗୁଡିକର ଲଢେଇ ପରେ ମେ ୧୦ରେ ଭାରତ ଓ ପାକିସ୍ତାନ ସ୍ଥଳ, ଜଳ ଓ ବାୟୁରେ ସବୁପ୍ରକାର ଯୁଦ୍ଧକୁ ବନ୍ଦ କରିବାକୁ ସହମତି ପ୍ରକାଶ କରିଥିଲେ। ଏହାର କିଛି ଘଣ୍ଟା ପରେ ଶ୍ରୀନଗର, ଗୁଜରାଟର କିଛି ଅଞ୍ଚଳ ସମେତ ଜମ୍ମୁ-କଶ୍ମୀର ବିଭିନ୍ନ ସ୍ଥାନରେ ପାକିସ୍ତାନ ଡ୍ରୋନ ଦେଖିବାକୁ ମିଳିଥିଲା ଏବଂ ଏଗୁଡିକୁ ନିଷ୍କ୍ରିୟ କରାଯାଇଥିଲା ବୋଲି ସେ କହିଛନ୍ତି। ମେ ୧୦ ସକାଳେ ପାକିସ୍ତାନ ବାୟୁସେନା ମୁଖ୍ୟ ଠିକଣାଗୁଡିକ ଉପରେ ଭାରତୀୟ ବାୟୁସେନା ବିମାନ ବ୍ରହ୍ମୋସ (ଆକାଶରୁ ଭୂପୃଷ୍ଠକୁ) କ୍ରୁଜ୍ ମିସାଇଲ ମାଡ଼ କରିଥିଲା। ରାୱଲପିଣ୍ଡିର ଚକଲାଲା ଓ ପାକିସ୍ତାନ ପଞ୍ଜାବ ରାଜ୍ୟର ସରଗୋଧାରେ ଏହି ମିସାଇଲ ମାଡ଼ କରାଯାଇଥିଲା। ଏହି ଠିକଣାଗୁଡିକ ପାକିସ୍ତାନ ସେନା ପାଇଁ ରଣନୈତିକ ଦୃଷ୍ଟିକୋଣରୁ ବିଶେଷ ମହତ୍ତ୍ୱ ରଖୁଥିଲା। ପାକିସ୍ତାନ ଓ ପିଓକେର ବିଭିନ୍ନ ଠିକଣା ଉପରେ ହୋଇଥିବା ଆକ୍ରମଣ ନେଇ ସନ୍ଧ୍ୟାରେ ସ୍ପଷ୍ଟ ହୋଇଥିଲା। ଅପରେସନ ସିନ୍ଦୂର ଦ୍ୱାରା ଭାରତ ନିର୍ଣ୍ଣାୟକ ସଫଳତା ଅର୍ଜନ କରିଥିଲା।

# ଜମ୍ମୁ- କଶ୍ମୀରରେ ଭୂସ୍ଖଳନ, ଆଉ ୧୧ ମୃତ



**ପଞ୍ଜାବରେ ୨୫୦ ଗାଁ ବନ୍ୟା ଘେରରେ**

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ମୌସୁମୀ ଜନିତ ବର୍ଷା କାରଣରୁ ସାରା ଉତ୍ତର ଭାରତରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ବାଦଲଫଟା ବର୍ଷା, ଭୂସ୍ଖଳନ, ବନ୍ୟା କାରଣରୁ ବହୁ ଧନଜୀବନ ହାନି ହୋଇଛି। ଜମ୍ମୁ-କଶ୍ମୀରର ରିଆସି ଜିଲ୍ଲାରେ ବଦାର ଗାଁରେ ଶନିବାର ସକାଳେ ଭୂସ୍ଖଳନ ହୋଇଛି। କାଦୁଅ ତଥା ଆବର୍ଜନା ତଳୁ ୭ଟି ମୃତଦେହ ଉଦ୍ଧାର କରାଯାଇଛି। ଏଥିରେ ଆହୁରି କେତେ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି ଓ ଏମାନଙ୍କୁ ଖୋଜିବା ଜାରି ରହିଛି। ସେହିପରି ରାମବନର ରାଜଗଡ଼ରେ ବାଦଲ ଫଟା ବର୍ଷା କାରଣରୁ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି ଓ ତାଙ୍କୁ ଖୋଜା ଜାରି ରହିଛି। ସେହିପରି ହିମାଚଳ ପ୍ରଦେଶର ମଣ୍ଡି ଗୋହରରେ ଶୁକ୍ରବାର ବିଳମ୍ବିତ ରାତିରେ ବାଦଲ ଫଟା ବର୍ଷା ହୋଇଥିଲା। ନାଣ୍ଡି ପଞ୍ଚାୟତରେ ନସେନୀ ନାଳରେ କେତୋଟି ଗାଡ଼ି ସୁଅରେ ଭାସି ଯାଇଛି। ସେହିପରି ସିମ୍‌ଲାର ଜୁଟୋଗ କ୍ୟାଣ୍ଟନମେଣ୍ଟରେ ମଧ୍ୟ ଭୂସ୍ଖଳନ ହୋଇଛି। ଫଳରେ ସେଠାରେ ଥିବା ଭାରତୀୟ ସେନାର ଆବାସିକ ଭବନଗୁଡିକୁ ଖାଲି କରାଯାଇଛି। ପଞ୍ଜାବର ଅମୃତସର, ପଠାନକୋଟ ସମେତ ୮ଟି ଜିଲ୍ଲା ବନ୍ୟା ସ୍ଥିତି ଜାରି ରହିଛି। ୨୫୦ରୁ ଉର୍ଦ୍ଧ୍ୱ ଗାଁରେ ୫ରୁ ୧୫ ଫୁଟ ପର୍ଯ୍ୟନ୍ତ ପାଣି ଭରି ରହିଛି। ବ୍ୟାନରେ ଏପର୍ଯ୍ୟନ୍ତ ୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ୩ ଜଣ ନିଖୋଜ ଅଛନ୍ତି। ଉତ୍ତରାଖଣ୍ଡର ଚମୋଲୀ, ରୁଦ୍ରପ୍ରୟାଗ, ତେହରୀ ଓ ବାଗେଶ୍ୱର ଜିଲ୍ଲାରେ ଶୁକ୍ରବାର ବାଦଲଫଟା ବର୍ଷା ହୋଇଥିବାର ସୂଚନା ମିଳିଛି। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୧୧ ଜଣ ନିଖୋଜ ଅଛନ୍ତି। ବାଗେଶ୍ୱରର କାପକୋଟ୍‌ରେ କେତୋଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଉତ୍ତରପ୍ରଦେଶରେ ୧୮ଟି ଜିଲ୍ଲାରେ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ରାଜ୍ୟରେ ଏପର୍ଯ୍ୟନ୍ତ ୭୭୪ଟି ବାସଗୃହ ବର୍ଷା ଓ ବନ୍ୟାରେ ଭୁଶୁଡି ପଡ଼ିଛି। ବାରଣାଶୀର ସବୁ ୮୪ଟି ଘାଟ ମଧ୍ୟରେ ପରସ୍ପର ସମ୍ପର୍କ ଛିନ୍ନ ହୋଇଛି। ଜାମ୍ମୁ-କଶ୍ମୀର କଟରାରେ ବର୍ଷା କାରଣରୁ ବୈଷ୍ଣୋଦେବୀ ଯାତ୍ରା ୫ ଦିନ ହେବ ବନ୍ଦ ରହିଛି। ଅଗଷ୍ଟ ୨୬ରେ ହୋଇଥିବା ଭୂସ୍ଖଳନ ଯୋଗୁଁ ଏଠାରେ ୩୪ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି ମହାରାଷ୍ଟ୍ରର ଲାଟୁରରେ ନାନ୍ଦେଡରେ ୫୦ଟି ସଡକ ଓ ପୋଲ ପାଣିରେ ବୁଡିଯାଇଛି। ଉତ୍ତରାଖଣ୍ଡର ଡେରାଡୁନରେ ପ୍ରବଳ ବର୍ଷା ଜାରି ରହିଛି। ପଞ୍ଜାବର ଫିରୋଜପୁରରେ ଏପର୍ଯ୍ୟନ୍ତ ୩, ୦୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ହରିୟାଣା କୁରୁକ୍ଷେତ୍ରର କଠବାର ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ହିମାଚଳରେ ପ୍ରବଳ ବର୍ଷା ଓ ଭୂସ୍ଖଳନ କାରଣରୁ ୫୫୭ ସଡକ ବନ୍ଦ ରହିଛି ଓ ମଣିମହେଶ ଯାତ୍ରା ସ୍ଥଗିତ ରଖାଯାଇଛି।

## ସବୁଦିନ ପାଇଁ କେହି ମିତ୍ର କିମ୍ବା ଶତ୍ରୁ ନୁହନ୍ତି: ରାଜନାଥ



ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ବୈଶ୍ୱିକ ରାଜନୀତିରେ ସବୁଦିନ ପାଇଁ କେହି ବନ୍ଧୁ କିମ୍ବା ଶତ୍ରୁ ନୁହନ୍ତି ବୋଲି ଭାରତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଭାରତ ଉପରେ ଆମେରିକା ଲାଗୁ କରିଥିବା ୫୦ ପ୍ରତିଶତ ଟାରିଫ ନୀତି ଉପରେ ମତ ଦେବାକୁ ଯାଇ ସେ ଏହି ଟିପ୍ପଣୀ ଦେଇଛନ୍ତି। କେବଳ ସ୍ୱାର୍ଥ ହିଁ ସ୍ଥାୟୀ ବୋଲି ସେ କହିଛନ୍ତି। ଭାରତ କାହାକୁ ଶତ୍ରୁ ଭାବେ ବିବେଚନା କରେନାହିଁ। ଦେଶର କୃଷକ ଓ ଉଦ୍ୟୋଗ ଆମ ପାଇଁ ଗୁରୁତ୍ୱବହନ କରୁଛି। ତେଣୁ ଏମାନଙ୍କ ସ୍ୱାର୍ଥକୁ ବଳି ଦେବା ଭଳି କୌଣସି ନିଷ୍ପତ୍ତି ନେବୁ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏନ୍‌ଡିଟିଭି ଡିଫେନ୍ସ ସମ୍ମିଟ୍‌ରେ ଯୋଗଦେଇ ସେ ଅନ୍ୟ ବିଷୟରେ ମଧ୍ୟ ନିଜର ମତ ରଖିଥିଲେ। ପ୍ରତିଦିନ ବିଶ୍ୱରେ ବହୁ ପରିବର୍ତ୍ତନ ହେଉଛି। ତେଣୁ ଆମ ଆଗରେ ବିଭିନ୍ନ ପ୍ରକାରର ଆହ୍ୱାନ ସୃଷ୍ଟି ହେଉଛି। ମହାମାରୀ, ଆତଙ୍କବାଦ୍, ଆଞ୍ଚଳିକ ବିବାଦ ଆମ ଆଗରେ ବିଭିନ୍ନ ସମସ୍ୟା ସୃଷ୍ଟିକରୁଛି। ତେଣୁ ଏବେ ତିଷ୍ଠି ରହିବା ସହ ପ୍ରଗତି କରିବା ନିହାତି ଜରୁରୀ ହୋଇପଡ଼ିଛି। ପ୍ରତିରକ୍ଷା ରପ୍ତାନୀରେ ଭାରତ ଯଥେଷ୍ଟ ଉନ୍ନତି କରିଛି।୨୦୧୪ରେ ଭାରତର ପ୍ରତିରକ୍ଷା ରପ୍ତାନୀ ମାତ୍ର ୭୦୦ କୋଟି ଟଙ୍କାଥିଲା। କିନ୍ତୁ ଏବେ ଏହା ୨୪, ୦୦୦ କୋଟି ଟଙ୍କାରେ ପହଞ୍ଚିଛି। ଭାରତ ଏବେ କେବଳ ପ୍ରତିରକ୍ଷା ସାମଗ୍ରୀ କେବଳ କ୍ରୟ କରୁନାହିଁ, ବିକ୍ରି ମଧ୍ୟ କରୁଛି ବୋଲି କହିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ଉପରେ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି। ଅପରେସନ ସିନ୍ଦୂର ମାତ୍ର ୪ ଦିନ ହୋଇଥିଲେ ମଧ୍ୟ ଏହା ଦ୍ୱାରା ଭାରତର ଦୀର୍ଘଦିନର ରଣନୈତିକ ପ୍ରସ୍ତୁତିର ପରୀକ୍ଷା ହୋଇଥିଲା। ଏଥିରେ ଆମେ ଉତ୍ତୀର୍ଣ୍ଣ ହୋଇଥିଲୁ। ଅପରେସନ ସିନ୍ଦୂର ଦ୍ୱାରା ଆମେ ବହୁତ କିଛି ଶିକ୍ଷା କରିଛୁ ଓ ଭବିଷ୍ୟତରେ ଆମ ପ୍ରସ୍ତୁତିରେ କିପରି ଉନ୍ନତ ଆଣିବୁ ସେ ନେଇ ଅବଗତ ହୋଇଛୁ ବୋଲି ସେ କହିଛନ୍ତି।

## ଏଏଆଇ ମ୍ୟାନେଜରଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ୨୩୨ କୋଟି ଟଙ୍କା ଅର୍ଥ ହଡପ ଅଭିଯୋଗରେ ସିବିଆଇ ରାହୁଲ ବିଜୟ ନାମକ ଜଣେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ର ଜଣେ ବରିଷ୍ଠ ମ୍ୟାନେଜରଙ୍କୁ ଗିରଫ କରିଛି। ଡେରାଡୁନ୍‌ରେ ନିୟୋଜିତ ହୋଇଥିବା ବେଳେ ଯୋଜନାବଦ୍ଧ ଭାବେ ନକଲି କାଗଜପତ୍ର ସହ ଠକାମୀ କରି ୨୩୨ କୋଟି ଟଙ୍କାରୁ ଅଧିକ ଅର୍ଥ ନିଜ ଖାତାକୁ ସେ ପଠାଇଥିବାର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଆଧାର କରି ସିବିଆଇ ତାଙ୍କୁ ଗିରଫ କରିଛି। ସେ ପାଣ୍ଠିକୁ ନିଜ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରିଥିଲେ। ଏହିକ୍ରମରେ ସେ ଆସାଧୁ ଉପାୟ ଅବଲମ୍ବନ କରିଥିଲେ ବୋଲି ଏକ ଅଭ୍ୟନ୍ତରୀଣ ଅଡିଟ୍‌ରୁ ଜଣା ପଡ଼ିଛି। ୨୦୧୯- ୨୦ ଓ ୨୦୨୨-୨୩ ସମୟ ଅବଧୀରେ ସେ ଏହି ପାଣ୍ଠି ହଡପ କରିଥିଲେ। ଏ ନେଇ ଏଏଆଇର ବରିଷ୍ଠ ଫାଇନାନସିଆଲ ମ୍ୟାନେଜର ପି ଚନ୍ଦ୍ରକାନ୍ତ ସିବିଆଇରେ ଔପଚାରିକ ଭାବେ ଅଭିଯୋଗ କରିଥିଲେ।

**ପୂର୍ବତନ ଏନ୍‌ଏସ୍‌ଏଙ୍କ ଟିପ୍ପଣୀ**

## ଆମେରିକା ଛବିକୁ ଅଳିଆ ଗଦାରେ ପକାଉଛନ୍ତି ଟ୍ରମ୍ପ

ୱାସିଂଟନ, ୩୦।୮ (ଏଜେନ୍ସି): ଜବାବୀ ଶୁଳ୍କକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଆମେରିକାରେ ତୀବ୍ର ସମାଲୋଚନା କରାଯାଉଛି। ତାଙ୍କ ସମାଲୋଚକଙ୍କ ମଧ୍ୟରେ ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଜ୍ୟାକବ ଜେରେମିଆ ସୁଲିଭନ ସାମିଲ ଅଛନ୍ତି। ସେ ଆମେରିକାକୁ ଚୀନ୍ ସହ ତୁଳନା କରିଛନ୍ତି। ସେ କହିଛନ୍ତି ଯେ ଆଜି ବିଶ୍ୱ ଚୀନ୍‌କୁ ଦାୟିତ୍ୱବାନ ଦେଶ ଭାବେ ଦେଖୁଛି। ଏ ସବୁ ଟ୍ରମ୍ପ ସରକାରଙ୍କ ପାଇଁ ହେଉଛି। କାରଣ ସରକାର ଦେଶର ଛବିକୁ ଅଳିଆ ଗଦାରେ ପକାଇ ଦେଇଛନ୍ତି। ସେଥିପାଇଁ କୌଣସି ଦେଶ ଆମେରିକାକୁ ଭରସା କରିବାକୁ ଚାହୁଁନାହାନ୍ତି। ସୁଲିଭାନ ଚୀନ୍‌କୁ ଆମେରିକାର ବିକଳ୍ପ କହିଛନ୍ତି। ଲୋକପ୍ରିୟତା ମାମଲାରେ ଆମେରିକାକୁ ଚୀନ୍ ପଛରେ ପକାଇ ଦେଇଛି। ବର୍ଷେ ତଳେ ସ୍ଥିତି ଏପରି ନ ଥିଲା। ବ୍ରାଣ୍ଡ ଆମେରିକା ଶେଷ ହୋଇଗଲାଣି ଏବଂ ଚୀନ୍ ଦାୟିତ୍ୱ ସମ୍ପନ୍ନ ରାଷ୍ଟ୍ର ଭାବେ ବାହାରିଛି ବୋଲି ଏବେ ଅନେକ ଦେଶ କହୁଛନ୍ତି।

ଭାରତ ଉପରେ ଶୁଳ୍କକୁ ନେଇ ସୁଲିଭାନ ଟ୍ରମ୍ପଙ୍କୁ ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ଶୁଳ୍କ ଯୋଗୁଁ ୱାସିଂଟନ ଏବଂ ନୂଆଦିଲ୍ଲୀ ସମ୍ପର୍କ ଖରାପ ହେବାରେ ଲାଗିଛି। ଚୀନ୍ ସହ ଆଲୋଚନା କରିବା ପାଇଁ ଭାରତକୁ ଟ୍ରମ୍ପ ବାଧ୍ୟ କରାଇଛନ୍ତି। କିନ୍ତୁ ବାଇଡେନ ସରକାର ସମୟରେ ଏପରି ହୋଇ ନ ଥିଲା। ଭାରତ ସହ ଭଲ ସମ୍ପର୍କ ରଖାଯାଇଥିଲା। ଚୀନ୍‌କୁ କାଉଣ୍ଟର କରିବା ପାଇଁ ଏଭଳି ଆଭିମୁଖ୍ୟ ଆପଣା ଯାଇଥିଲା। ଆମେରିକା ନିବେଶ ବ୍ୟାଙ୍କର ଉଦାହରଣ ଦେଇ ସୁଲିଭାନ କହିଛନ୍ତି ଯେ ବ୍ୟକ୍ତିଗତ କ୍ରୋଧ ପାଇଁ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। କାରଣ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ଟ୍ରମ୍ପଙ୍କ ଦାବିକୁ ନୂଆଦିଲ୍ଲୀ ପକ୍ଷରୁ ଖଣ୍ଡନ କରିଦିଆଯାଇଥିଲା।

# ପୁଣି ଚର୍ଚ୍ଚାରେ ଧନଖଡ଼: ବିଧାୟକ ପେନ୍‌ସନ୍ ପାଇଁ ଆବେଦନ



ଜୟପୁର, ୩୦।୮ (ଏଜେନ୍ସି): ଏକ ମାସ ପରେ ପୁଣି ଚର୍ଚ୍ଚାରେ ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼। ଉପରାଷ୍ଟ୍ରପତି ପଦରୁ ଅଚାନକ ଇସ୍ତଫା ପରେ ସାଧାରଣ କାର୍ଯ୍ୟକ୍ରମରୁ ଦୂରେଇ ରହିଥିବା ଧନଖଡ଼ ଏବେ ବିଧାୟକ ପେନସନ ପାଇଁ ଆବେଦନ କରିଛନ୍ତି। ଜଣେ ପୂର୍ବତନ ବିଧାୟକ ଭାବେ ସେ ରାଜସ୍ଥାନ ବିଧାନସଭା ସଚିବାଳୟକୁ ଏ ନେଇ ଆବେଦନ କରିଛନ୍ତି। ସେ ୧୯୯୩ରୁ ୧୯୯୮ ମଧ୍ୟରେ ଆଜମୀର ଜିଲ୍ଲାର କିଶାନଗଡ଼ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଆବେଦନ ପାଇବା ପରେ ସଚିବାଳୟ ପେନ୍‌ସନ ଦେବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଯଦି ତାଙ୍କର ଏହି ଆବେଦନକୁ ଗ୍ରହଣ କରାଯାଏ ତେବେ, ଧନଖଡ ମାସକୁ ୪୨ହଜାର ଟଙ୍କା ପେନସନ ପାଇବେ। ଜଣେ ବିଧାୟକ ୩୫ ହଜାର ଟଙ୍କା ମାସିକ ପେନସନ ପାଇଁ ହକଦାର ଥିବା ବେଳେ ବୟସ ୭୦ରୁ ଅଧିକ ହୋଇଥିଲେ ୨୦ ପ୍ରତିଶତ ପେନସନ ଅଧିକ ପାଇବେ। ଧନଖଡ଼ଙ୍କୁ ୭୪ ବର୍ଷ ହୋଇଥିବାରୁ ସେ ୪୨ ହଜାର ଟଙ୍କା ମାସିକ ପେସନ ପାଇବେ ବୋଲି ଜଣାପଡ଼ିଛି।

ଧନଖଡ଼ ଏବେ ତିନି ପ୍ରକାର ପେନସନ ପାଇବେ। ସେ ଜଣେ ପୂର୍ବତନ ଉପରାଷ୍ଟ୍ରପତି, ପୂର୍ବତନ ବିଧାୟକ ଓ ପୂର୍ବତନ ସାଂସଦ ଭାବେ ଏହିସବୁ ସୁବିଧା ହାସଲ କରିବେ। ପୂର୍ବତନ ଉପରାଷ୍ଟ୍ରପତି ଭାବେ ତାଙ୍କୁ ୨ ଲକ୍ଷ ଟଙ୍କା ମାସିକ ପେନସନ ମିଳିବ। ପୂର୍ବତନ ସାଂସଦ ହିସାବରେ ତାଙ୍କୁ ମାସିକ ୩୧ ହଜାର ଟଙ୍କା ପେନସନ ମିଳିବ। ଏହିପରି ସେ ମାସିକ ୨ ଲକ୍ଷ ୭୩ ହଜାର ଟଙ୍କା ପେନସନ ଆକାରରେ ପାଇବେ ବୋଲି ଜଣାପଡ଼ିଛି। ଏହାସହିତ ପୂର୍ବତନ ଉପରାଷ୍ଟ୍ରପତିଙ୍କୁ ମିଳୁଥିବା ଅନ୍ୟାନ୍ୟ ସୁବିଧା ବି ମିଳିବ।

ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୨୧ରେ ସେ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିଲେ ମଧ୍ୟ ବିରୋଧୀ ଦଳ ଏହା ପଛରେ ଅନ୍ୟ କିଛି କାରଣ ଥାଇପାରେ ବୋଲି ସନ୍ଦେହ ପ୍ରକାଶ କରିଥିଲେ।

# ଅକ୍ଟୋବର ୪ ଓ ୫ରେ ପୁଲିସ୍ ଏସ୍ଆଇ ନିଯୁକ୍ତି ପରୀକ୍ଷା

**କଟକ, ୩୦।୮ (ସମିସ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଦ୍ୱାରା ପରିଚାଳିତ ପୁଲିସ ସବ୍-ଇନ୍ସପେକ୍ଟର୍ (ଏସଆଇ) ନିଯୁକ୍ତି ପରୀକ୍ଷା ଆସନ୍ତା ୨୦୨୫ ଅକ୍ଟୋବର ୪ ଓ ୫ତାରିଖରେ ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଆଡମିଟ କାର୍ଡ(ପ୍ରବେଶ ପତ୍ର) ଆସନ୍ତା ସେପ୍ଟେମ୍ବର ୨୦ରୁ ଓଡିଶା ପୁଲିସର ୱେବସାଇଟରେ ଉପଲବ୍ଧ ହେବ। ପ୍ରାର୍ଥୀମାନେ ସେମାନଙ୍କ ଆଇଡି ଓ ପାସୱାର୍ଡ ବ୍ୟବହାର କରି ପ୍ରବେଶପତ୍ରକୁ ଡାଉନଲୋଡ୍ କରିବେ। ସେହିଭଳି ଏଥିରୁ ପରୀକ୍ଷା କେନ୍ଦ୍ର ଓ ପରୀକ୍ଷା ସମୟ ନିର୍ଘଣ୍ଟ ସମ୍ପର୍କିତ ତଥ୍ୟ ପାଇପାରିବେ ବୋଲି ପୁଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ଆଜି ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି। ଡାଉନଲୋଡ୍ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଲେ ପୁଲିସ ମୁଖ୍ୟାଳୟକୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ଉପରୋକ୍ତ ଲିଖିତ ପରୀକ୍ଷା ଓଏମ୍ଆରରେ କରାଯିବ। ପ୍ରକାଶଥାଉକି, ଗତ ୨୦୨୫ ଜାନୁଆରି ୧୭ରେ ମୋଟ ୯୩୩ଟି ଏସ୍ଆଇ ପଦବୀରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏଥିମଧ୍ୟରେ ୬୦୯ଟି ଏସ୍ଆଇ, ୨୫୩ଟି ଏସ୍ଆଇ(ଆର୍ମଡ୍), ୪୭ଟି ଷ୍ଟେସନ୍ ଅଫିସର୍ ଓ ୨୪ଟି ସହକାରୀ ଜେଲର୍ ପଦ ପାଇଁ ନିଯୁକ୍ତି ପରୀକ୍ଷା କରାଯିବା ପାଇଁ ପୂର୍ବରୁ ଦୁଇଟି ସ୍ଥିରୀକୃତ ତାରିଖରେ ପରୀକ୍ଷା ସ୍ଥଗିତ ରହିଥିଲା।

■ ବଢ଼ିଲା ଏସ୍ଆଇ ଓ ଇନ୍ସପେକ୍ଟରଙ୍କ କ୍ଷମତା

# ଏଣିକି ଏସ୍‌ସି/ଏସ୍‌ଟି ମାମଲାର କରିବେ ତଦନ୍ତ

ଭୁବନେଶ୍ୱର, ୩୦।୮ (ସମିସ): ଏଣିକି ସବ୍-ଇନ୍ସପେକ୍ଟର ଓ ଇନ୍ସପେକ୍ଟର ପାହ୍ୟାର ଅଧିକାରୀମାନେ ଏସ୍‌ସି/ଏସ୍‌ଟି ମାମଲାର ତଦନ୍ତ କରିପାରିବେ। ଏନେଇ ଆଜି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ କେବଳ ଡେପୁଟି ସୁପରିନଟେଣ୍ଡେଣ୍ଟ (ଡିଏସପି) କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲାର ତଦନ୍ତ କରୁଥିଲେ। ହେଲେ ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ଏଣିକି ସବ୍-ଇନ୍ସପେକ୍ଟର୍ ଓ ଇନ୍ସପେକ୍ଟର୍ ପାହ୍ୟାର ଅଧିକାରୀ ମଧ୍ୟ ଏହି ମାମଲାର ତଦନ୍ତ କରିପାରିବେ। କେବଳ ତଦନ୍ତ ନୁହଁ, ଏସସି/ଏସଟି ମାମଲା ରୁଜୁ ସହ ଅଭିଯୁକ୍ତକୁ ଗିରଫ ମଧ୍ୟ କରିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ଓ ନିବାରଣ) ଆଇନ ୧୯୮୯ର ଧାରା ୯ ଅନୁଯାୟୀ ରାଜ୍ୟ ସରକାର ଏହି କ୍ଷମତା ପ୍ରଦାନ କରିଛନ୍ତି।

# ଗର୍ଜନଖୋଲ ଜଳପ୍ରପାତରେ ଯୁବକ ନିଖୋଜ



**ପାଲଲହଡ଼ା/ତେଲକୋଇ,୩୦।୮ (ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ନଗିରା ଗାଁ ଜଙ୍ଗଲରେ ଥିବା ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଶୁକ୍ରବାର ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ, କେନ୍ଦୁଝରର ଜିଲ୍ଲା ବାଂଶପାଳ ବ୍ଲକ୍ ବାଲରାଇ ଗ୍ରାମର ଅର୍ଜୁନ ବେହେରାଙ୍କ ସାନ ପୁଅ ଲିପୁନ ବେହେରା। ବାଂଶପାଳ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ଲିପୁନଙ୍କ ପତ୍ତା ମିଳି ନ ଥିଲା। ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶନିବାର ପୁଣି ପାଲଲହଡ଼ା ଥାନା ପୁଲିସ ଓ ବାଂଶପାଳ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଲିପୁନଙ୍କ ପତ୍ତା ମିଳିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ବାଂଶପାଳ ବ୍ଲକ ବାଲରାଇ ଗାଁର ଲିପୁନ ବେହେରା, ଶୁଭମ୍ ପଲେଇ ଏବଂ ଗୋପପୁର ଗ୍ରାମର ଗିରିଧାରୀ ପଲେଇ ତିନିଜଣ ଏକାଠି ଗର୍ଜନଖୋଲ ଜଳପ୍ରପାତ ବୁଲିବାକୁ ଆସିଥିଲେ। ଜଳପ୍ରପାତରେ ଗାଧୋଇବା ସମୟରେ ଲିପୁନ ନିଖୋଜ ହୋଇଯାଇଥିଲେ।

## ମହାନଦୀ ଜଳ ବିବାଦ: ଆପୋସ ସମାଧାନକୁ ଗୁରୁତ୍ୱ

# ସେପ୍ଟେମ୍ବରରେ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ

■ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଚିହ୍ନଟ ଏବଂ ସମାଧାନ ନେଇ ହେବ ଆଲୋଚନା
■ ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହ ମୁଖ୍ୟ ସଚିବ ସ୍ତରରେ ହେବ ବୈଠକ
■ ଡିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ହୋଇପାରେ ଭେଟଘାଟ

**ଭୁବନେଶ୍ୱର,୩୦।୮ (ସମିସ):** ମହାନଦୀ ଜଳବିବାଦ ମାମଲାରେ ରାଜ୍ୟ ସରକାର ଆପୋସ ସମାଧାନ ଚାହୁଁଥିବା ବେଳେ ଏନେଇ ଶନିବାର ଏକ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ମହାନଦୀ ଜଳବିବାଦ କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ଚିହ୍ନଟ ଏବଂ ସମାଧାନ କରିବା ପାଇଁ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି)ଙ୍କ ନେତୃତ୍ୱରେ ବୈଷୟିକ କମିଟି ଆସନ୍ତା ସେପ୍ଟେମ୍ବର ମାସରେ ସାପ୍ତାହିକ ବୈଠକ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ପ୍ରଦାନ କରିଛନ୍ତି। ଶନିବାର ଉଭୟ ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟ ସଚିବ ଏବଂ ବରିଷ୍ଠ ଜଳସମ୍ପଦ ଅଧିକାରୀମାନେ ଏନେଇ ବୈଠକ କରି ବିଚାରବିମର୍ଶ କରିଛନ୍ତି। ଆଲୋଚନା ଏବଂ ସହଯୋଗ ମାଧ୍ୟମରେ ପାରସ୍ପରିକ ସମାଧାନ ପାଇଁ ଉଭୟ ରାଜ୍ୟ ଆନ୍ତରିକ ଏବଂ ସୌହାର୍ଦ୍ଦପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

ବୈଠକର ନିଷ୍ପତ୍ତି ଅନୁଯାୟୀ, ଅନୁଷ୍ଠିତ ହେବାକୁ ଥିବା ସାପ୍ତାହିକ ବୈଠକରେ ବୈଷୟିକ କମିଟିଗୁଡ଼ିକ ମହାନଦୀ ଜଳ ବଣ୍ଟନ ଉପରେ ଦୃଢ଼ ସମନ୍ୱୟ ପାଇଁ ସଂସ୍ଥାଗତ ଢାଞ୍ଚା ସୃଷ୍ଟି କରିବା ବିଷୟରେ ମଧ୍ୟ ଆଲୋଚନା କରିବେ। ଅଗ୍ରଗତି ସମୀକ୍ଷା ଏବଂ ଆଲୋଚନାକୁ ଆଗକୁ ନେବା ପାଇଁ ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହିତ ମୁଖ୍ୟ ସଚିବସ୍ତରରେ ଏକ ବୈଠକ ଆୟୋଜନ କରାଯିବ। ଉଭୟ ରାଜ୍ୟର ଲୋକଙ୍କ ସ୍ୱାର୍ଥ ପାଇଁ ଅଗ୍ରଗତି ସମୀକ୍ଷା କରିବା ଏବଂ ମହାନଦୀ ଜଳ ବିବାଦର ଏକ ସୌହାର୍ଦ୍ଦପୂର୍ଣ୍ଣ, ଦୀର୍ଘକାଳୀନ ସମାଧାନ ଅନୁସନ୍ଧାନ କରିବା ପାଇଁ ଆସନ୍ତା ଡିସେମ୍ବରରେ ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ସାକ୍ଷାତ କରିପାରନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ମହାନଦୀ ଜଳ ବିବାଦ ମାମଲାର ୪୫ତମ ଶୁଣାଣି ଧାର୍ଯ୍ୟ ହୋଇଛି। ୪୪ତମ ଶୁଣାଣିରେ ଓଡ଼ିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଭୟ ସରକାରଙ୍କ ପକ୍ଷରୁ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ଏଯାବତ୍ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ରାଜ୍ୟରେ ପ୍ରଶାସନିକ ତଥା ରାଜନୈତିକସ୍ତରରେ ଆପୋସ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ। ଏପରିସ୍ଥଳେ ଉଭୟ ରାଜ୍ୟ ପାରସ୍ପରିକ ଆଲୋଚନାକୁ ଗୁରୁତ୍ୱ ଦେଉଥିବା ବେଳେ ଆସନ୍ତା ଶୁଣାଣିରେ ଉଭୟ ପକ୍ଷ ଟ୍ରିବ୍ୟୁନାଲରେ କେଉଁ ଯୁକ୍ତି ଉପସ୍ଥାପନ କରୁଛନ୍ତି, ତାହାକୁ ନେଇ ବିଶେଷଜ୍ଞ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏ ସଂକ୍ରାନ୍ତରେ ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ଚିଠି ଲେଖିଥିଲେ। ଜୁଲାଇ ୨୫ରେ ଲେଖିଥିବା ଚିଠିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମହାନଦୀ ବିବାଦରେ ଆପୋସ ସମାଧାନକୁ ଗୁରୁତ୍ୱାରୋପ କରିଥିବା ବେଳେ ଏହି ପ୍ରସ୍ତାବ ବିଚାରାଧୀନ ରହିଛି ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ କହିଥିଲେ। ଅପରପକ୍ଷେ ନିକଟରେ ସାମାଜିକ ସଂସ୍ଥା ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମଧ୍ୟ ବିବାଦର ସମାଧାନ ପାଇଁ ଛତିଶଗଡ଼ର ରାୟପୁରଠାରେ ମହାନଦୀ ସମସ୍ୟାର ସମାଧାନ ପାଇଁ ଏକ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳପୁରୁଷ ରାଜେନ୍ଦ୍ର ସିଂ ଯୋଗ ଦେଇଥିଲେ। ବୈଠକରେ ଦୁଇ ରାଜ୍ୟର ସରକାର ନିଜ ଭିତରେ ଆଲୋଚନାକୁ ସୀମିତ ନରଖି ଏଥିରେ ନଦୀ ସହ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସାମିଲ କରିବାକୁ ଅନୁରୋଧ କରାଯାଇଥିଲା। ଏହାସହ କୌଣସି ଆପୋସ ସମାଧାନକୁ ଯିବା ପୂର୍ବରୁ ଅଣମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ଅଟେ, ତାହା ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା।

# ବଢ଼ିବ ଚାଷୀ ପଞ୍ଜୀକରଣ ଅବଧି

## ଜାଲିଆତି କରିଥିବା ଚାଷୀଙ୍କୁ ଧରିବେ ସରକାର

ଭୁବନେଶ୍ୱର, ୩୦।୮ (ସମିସ): ଖରିଫ୍ ଚାଷ ପଞ୍ଜୀକରଣ ଅବଧି ବୃଦ୍ଧି ପାଇବ। କୌଣସି କାରଣବଶତଃ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ ହୋଇପାରିନଥିବା ଚାଷୀଙ୍କୁ ସୁଯୋଗ ମିଳିବ। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏବର୍ଷ ରେକର୍ଡସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି। ଯେଉଁମାନେ ଚାଷ ଛାଡ଼ିଥିଲେ, ସେମାନେ ଚାଷ କାର୍ଯ୍ୟକୁ ଫେରୁଛନ୍ତି।

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଖରିଫ ଧାନ ବିକ୍ରି ପାଇଁ ସର୍ବାଧିକ ୧୯ ଲକ୍ଷ ୬୭ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ହେଲେ ଏ ଭିତରେ ଜାଲିଆତି କରି ପଞ୍ଜୀକରଣ କରିଥିବା ଲୋକଙ୍କ ତାଲିକା ସରକାରଙ୍କ ହାତରେ ଲାଗିଛି। ଜାଲିଆତି କରି ପଞ୍ଜୀକରଣ କରିଥିବା ଚାଷୀଙ୍କୁ ଚିହ୍ନଟ ପାଇଁ ସବୁ ଜିଲ୍ଲାପାଳଙ୍କୁ ଖୁବଶୀଘ୍ର ଯୋଗାଣ ବିଭାଗ ଚିଠି କରିବ। ଏଥିରେ ସମ୍ପୃକ୍ତ ଥିବା ଚାଷୀ, ସମବାୟ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ତେଣୁ ଏ ସବୁର କ୍ଷେତ୍ରସ୍ତରୀୟ ଯାଞ୍ଚ ପରେ ଜାଲିଆତିରେ ସମ୍ପୃକ୍ତ ଥିବା ଚାଷୀ ଓ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗ ଯୋଜନା କରୁଛି।

ବଡ କଥା ହେଲା, ୨୦୨୫-୨୬ ରବି ଫସଲ ସମୟରେ ୧ ଲକ୍ଷ ୮୧ ହଜାର ୬୮୪ ଚାଷ ହୋଇ ନଥିବା ଜମି ପଞ୍ଜୀକରଣ ହୋଇଥିଲା। ଯୋଗାଣ ବିଭାଗର ଏ ଚିଠିର ଏହାକୁ ସ୍ପଷ୍ଟ କରିଥିଲା। ପୁଣିଥରେ ଚଳିତ ଖରିଫ ପଞ୍ଜୀକରଣ ସମୟରେ ବିଭାଗ ନଜରକୁ ଏପ୍ରକାର ଜାଲିଆତି ଆସିଛି। ତେଣୁ ଜାଲିଆତି କରିଥିବା ଚାଷୀ ଓ ଅଧିକାରୀଙ୍କୁ ଆଗୁଆ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ମାତ୍ର ରବି ଫସଲ ସମୟରେ ଧରାପଡ଼ିଥିବା ଚାଷୀଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ତେଣୁ ଏଥର ବି କେବଳ ସରକାର କଥାରେ କହି ଚୁପ୍ ବସିଯିବେ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।


# ରାଜ୍ୟରେ ସାର ଅଭାବ ପାଇଁ ସରକାର ଦାୟୀ: ବିଜେଡି

## ତୁରନ୍ତ ସମାଧାନ ନହେଲେ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ

ଭୁବନେଶ୍ୱର,୩୦।୮ (ସମିସ): ରାଜ୍ୟରେ ସାର ଅଭାବକୁ ନେଇ ଚାଷୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ରାଜ୍ୟ ସରକାରଙ୍କୁ ଏଥିପାଇଁ ଦାୟୀ କରିଛି ବିଜୁ ଜନତା ଦଳ। ଦଳର ବରିଷ୍ଠ ନେତା ତଥା ବିଧାୟକ ଡ. ଅରୁଣ ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ସାରର ନିଅଣ୍ଟିଆ ସ୍ଥିତି ଦେଖାଦେଇଥିବା ବେଳେ ସାରବିକ୍ରିରେ ଅନିୟମିତତା, କଳାବଜାର ଓ ଅତ୍ୟଧିକ ଦରବୃଦ୍ଧି ଚାଷୀକୁଳକୁ ହନ୍ତସନ୍ତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ରାଜ୍ୟ ସରକାର ନିଜକୁ ଲୋକଙ୍କ ସରକାର ବୋଲି ଦାବି କରୁଛନ୍ତି। କିନ୍ତୁ କୃଷକମାନେ କ'ଣ ରାଜ୍ୟର ନୁହଁନ୍ତି କି ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି। ରାଜ୍ୟର ଚାଷୀକୁଳଙ୍କ ସମସ୍ୟାକୁ ବୁଝି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ମନ୍ତ୍ରୀଙ୍କୁ ଚିଠି ଲେଖି ଏହାର ତ୍ୱରିତ ସମାଧାନ ପାଇଁ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଏକଦା ଚାଉଳ ନିଅଣ୍ଟିଆ ରାଜ୍ୟ ଭାବେ ପରିଚୟ ଥିବା ଓଡ଼ିଶା ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଚାଉଳ ବଳକା ରାଜ୍ୟରେ ପରିଣତ ହେବା ସହିତ ଚାଉଳ ଉତ୍ପାଦନ କ୍ଷେତ୍ରରେ ଦେଶର ତୃତୀୟ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଛି। ଏହି ସ୍ଥିତିରେ ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତାଙ୍କୁ ସାର ଭଳି ଆବଶ୍ୟକ ସାମଗ୍ରୀ ସୁବିଧାରେ ଯୋଗାଇ ଦେବାର ଆବଶ୍ୟକତା ରହିଛି। ସାର ଯୋଗାଇଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଯାହାକୁ ନେଇ କୃଷକମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାରଜନିତ ଯନ୍ତ୍ରଣାରୁ ମୁକ୍ତି ପାଇଁ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ନଚେତ୍ ରାଜ୍ୟବ୍ୟାପୀ କୃଷକ ଆନ୍ଦୋଳନକୁ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଡ. ସାହୁ କହିଛନ୍ତି।



# ଭୁବନେଶ୍ୱରରୁ ଆରମ୍ଭ ହେବ ଏସ୍‌ସି/ଏସ୍‌ଟିଙ୍କ ବିକାଶ: ଓମ୍ ବିର୍ଲା




ଭୁବନେଶ୍ୱର,୩୦।୮ (ସମିସ): ଅନୁସୂଚିତ ଜାତି ଓ ଜନଜାତି(ଏସ୍‌ସି/ଏସ୍‌ଟି)ଙ୍କ ବିକାଶର ରୋଡ଼ମ୍ୟାପ ଭୁବନେଶ୍ୱରରୁ ଆରମ୍ଭ ହେବ। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ପାଇଁ ଅନେକ ଯୋଜନା କରାଯାଇଛି। ସେଗୁଡ଼ିକର ସଠିକ ପ୍ରଣୟନ ହେଲେ ଏହି ବର୍ଗ ସମାଜରେ ଅନ୍ୟମାନଙ୍କ ଭଳି ଉନ୍ନତି କରିବା ସହ ତାଳମିଳାଇ ଆଗକୁ ଅଗ୍ରସର ହେଇପାରିବେ। ଭୁବନେଶ୍ୱର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଯୋଗଦେଇ ଏହା କହିଛନ୍ତି।

ଲୋକସଭା ବାଚସ୍ପତି କହିଲେ, ସଂସଦୀୟ କମିଟି ବଜେଟ୍ ସମୀକ୍ଷା କରିବା ସହ ଶତପ୍ରତିଶତ ଖର୍ଚ୍ଚ ପାଇଁ ଚେଷ୍ଟିତ ହେବା ଜରୁରି। ପ୍ରଯୁକ୍ତିବିଦ୍ୟା ଏବଂ ସୁଶାସନକୁ ଗ୍ରହଣ କଲେ ବଞ୍ଚିତ ବର୍ଗ ଉନ୍ନତିରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏହି କର୍ମଶାଳାରେ ରାଜ୍ୟ ଏବଂ କେନ୍ଦ୍ରର କମିଟି ଗୁଡ଼ିକ ଦ୍ୱାରା ବଞ୍ଚିତ ବର୍ଗ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ବାବଦରେ ଅଲୋଚନା ହୋଇଛି। ମିଳିଥିବା ମତାମତରୁ ସଂସଦୀୟ କମିଟି ଲୋକଙ୍କ ହିତରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସେସବୁକୁ କାର୍ଯ୍ୟକାରୀ କରାଯିବ। ଗଣମାଧ୍ୟମ ପ୍ରତିନିଧିମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତରରେ ଶ୍ରୀ ବିର୍ଲା କହିଲେ, ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ସମସ୍ୟା, ସୁବିଧା, ସୁରକ୍ଷା ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ପ୍ରଣୟନ ସହ ଏହାକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ଦିଗରେ ଗୁରୁତ୍ୱ ଦିଆଯିବ।

ଏହି ଅବସରରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ କହିଲେ, ବଞ୍ଚିତ ବର୍ଗମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ କମିଟି ପ୍ରତିଶ୍ରୁତିବଦ୍ଧ। ସେ ସମସ୍ତଙ୍କୁ ଏକଜୁଟ ହୋଇ କାମ କରି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ପାଖରେ ସରକାରଙ୍କ କଲ୍ୟାଣମୂଳକ ଯୋଜନାର ଲାଭ ପହଞ୍ଚାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସାମାଜିକ-ଆର୍ଥିକ ସଶକ୍ତୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ଗ୍ରହଣ କରାଯାଇଥିବା ପ୍ରସ୍ତାବମାନ ସଂସଦ ଓ ରାଜ୍ୟ ବିଧାନସଭା ପାଇଁ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବ। ସମ୍ମିଳନୀ ପ୍ରାରମ୍ଭରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ ଯେ ୨୫ ବର୍ଷ ପରେ ଏବଂ ଦିଲ୍ଲୀ ବାହାରେ ପ୍ରଥମ ଥର ପାଇଁ ଓଡିଶାରେ ଏହି ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଛି।

## ମୋହନଙ୍କ କଥାରେ ସତ୍ୟତା ନାହିଁ

# କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ନିଃସର୍ତ୍ତ କ୍ଷମା ମାଗନ୍ତୁ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୮ (ସମିସ):** ବିହାରରେ ଭୋଟର୍ ଅଧିକାର ଯାତ୍ରାକୁ ଅଭୂତପୂର୍ବ ଜନସମର୍ଥନ ଓ ସଫଳତା ଭାରତୀୟ ଜନତା ପାର୍ଟି ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଣୁ କଂଗ୍ରେସ ଦଳକୁ ବଦନାମ କରିବାକୁ ବିଜେପି ସରକାର ଷଡ଼ଯନ୍ତ୍ର, ମିଥ୍ୟା ଓ ଅପପ୍ରଚାରର ବାଟକୁ ଆପଣାଇଛି। ଏଥିରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସାମିଲ ହୋଇଛନ୍ତି। ମହମ୍ମଦ ରିଜିଭି ନାମକ ବ୍ୟକ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସ୍ୱର୍ଗତା ମାତାଙ୍କ ପ୍ରତି ଅତ୍ୟନ୍ତ ଅଶାଳୀନ, ଅରୁଚିକର ମନ୍ତବ୍ୟ ପ୍ରଦାନ କରିଥିଲେ। ତେବେ ରିଜଭି ବିଜେପି ସଂଖ୍ୟାଲଘୁ ସେଲର ବୋଲି ଜଣାପଡ଼ିବା ପରେ ବିଜେପିର ସବୁ ଷଡ଼ଯନ୍ତ୍ର ଧରାପଡ଼ିଗଲା। ରିଜଭି ଭାରତୀୟ ଜନତା ପାର୍ଟିର ସଂଖ୍ୟାଲଘୁ ବିଭାଗର ସଦସ୍ୟ ବୋଲି ସମସ୍ତ ଗଣମାଧ୍ୟମରେ ପ୍ରକାଶିତ ହେଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ଅନ୍ୟ ନେତୃବୃନ୍ଦଙ୍କ ସହ ରିଜଭିଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଅପପ୍ରଚାରକୁ ଦୋହରାଇବା ଅତ୍ୟନ୍ତ ନିନ୍ଦନୀୟ। ଏଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳକୁ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦ୍ୱାରା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି।

କଂଗ୍ରେସ ନେତୃବର୍ଗ ଓ ଦଳକୁ ସାଧାରଣ ଜନତାଙ୍କ ଆଗରେ ଅପମାନିତ କରିବା ଉଦ୍ଦେଶ୍ୟରେ ବିଜେପି ଦଳର ତୁଙ୍ଗ ନେତୃବୃନ୍ଦ ଜାଣିଶୁଣି ଏଭଳି ହୀନ ଓ ନୀଚ ଉଦ୍ୟମ କରିଛନ୍ତି ବୋଲି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିନା ତଥ୍ୟ ଆଧାରରେ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ପ୍ରତି ଯେଉଁ ମନ୍ତବ୍ୟ ପ୍ରଦାନ କରିଛନ୍ତି, ଶ୍ରୀ ମହାନ୍ତି ଏହାର ପ୍ରତିବାଦ କରିଛନ୍ତି। ମୁଖ୍ୟମନ୍ତ୍ରୀ ସବୁ ସତ ଜାଣିଲା ପରେ ମଧ୍ୟ କାହିଁକି ଏଭଳି ମନ୍ତବ୍ୟ ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିହାରରେ ରାହୁଲ ଗାନ୍ଧୀଙ୍କ ଭୋଟର୍ ଅଧିକାର ଯାତ୍ରା ବିପୁଳ ସମର୍ଥନ ମିଳିବା ଦେଖି ବିଜେପି ଭୟଭୀତ ହୋଇପଡ଼ିଥିବା ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି।


ବ୍ରହ୍ମପୁର ମହାନଗର ନିଗମ

# ବ୍ରହ୍ମପୁର ମହାନଗର ନିଗମ

## ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ

**କରନ୍ତୁ**

(୧) ଆପଣଙ୍କ ଘର / ଅନୁଷ୍ଠାନ ର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦି କୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହ କାରୀ ଯାନରେ ପକାନ୍ତୁ ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ ।
(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

**କରନ୍ତୁ ନାହିଁ:**

(୧) ଗୋଟିଏ ଡ଼ଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ ।
(୩) ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ ।
(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।

ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ
କମିଶନର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ,
ମେୟର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ. ବିବେକ୍ ରେଡ୍ଡୀ
ଡେ଼ପୁଟି ମେୟର
ଓ
ସମସ୍ତ କର୍ପୋରେଟର ବୃନ୍ଦ
ବ୍ରହ୍ମପୁର ମହାନଗର ନିଗମ

# ବ୍ରହ୍ମେଶ୍ୱର ମନ୍ଦିରରୁ ଚୋରି

**ଚାରିଛକ,୩୦।୮ (ସମିସ):** ଚାରିଛକ ମେଡିକାଲ ଛକ ନିକଟରେ ଥିବା ବ୍ରହ୍ମକୁଣ୍ଡୀ ଗ୍ରାମର ବ୍ରହ୍ମେଶ୍ୱର ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ପରେସରରେ ଥିବା ଶିବ ମନ୍ଦିରରୁ ଶିବ-ପାର୍ବତୀଙ୍କ ମୁକୁଟ, ଚେନ୍, ମୁଦି, ମହାବୀର ମନ୍ଦିରରୁ ଠାକୁରଙ୍କ ଆଖି, ମୁକୁଟ, ରାମଚିତା, ତାରେଣୀ ମନ୍ଦିରରୁ ସୁନା ଚିତା, ରୁପା ଆଖି, ନୋଥ ଓ ଭଣ୍ଡାର ଘରୁ ପିତ୍ତଳ ବାସନ, ଦାନବାକ୍ସ ଭାଙ୍ଗି ସମସ୍ତ ଟଙ୍କା ଚୋରି ଯାଇଥିବା ନେଇ ମନ୍ଦିର କମିଟିର ସଭାପତି ଚକ୍ରଧର ସା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ସହ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ସାରି ଫେରିବା ପରେ ପୁରୀ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସ୍ଥାନୀୟ ପୁଲିସ ସହାୟତାରେ ଛାନ୍‌ଭିନ୍ ଚଳାଇଛନ୍ତି। ଏଥିରେ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସ୍‌ଆଇ କୈଳାସ ଚନ୍ଦ୍ର ପ୍ରଧାନ, ଏଏସ୍‌ଆଇ ଇନ୍ଦୁଲତା ମିଶ୍ର, ସାଇଣ୍ଟିଫିକ୍ ଟିମ୍‌ର ଅଫିସର ଆଦିତ୍ୟ ରଞ୍ଜନ ନାୟକ, ଫଟୋଗ୍ରାଫର ରମେଶ ଚନ୍ଦ୍ର ବାରିକ, ଲ୍ୟାବ୍ ଆଟେଣ୍ଡାଣ୍ଟ ବିଶ୍ୱଜିତ୍ ସାହୁ, କେ. ନାଇନ ସ୍କ୍ୱାଡ୍ ବିନ୍ଦୁ ସାଗର ପାଣି ପ୍ରମୁଖ ସାମିଲ ଥିଲେ। ଥାନାଠାରୁ ମାତ୍ର ୫ଶହ ମିଟର ଦୂରରେ ଥିବା ମନ୍ଦିରରୁ ଚୋରମାନେ ନିର୍ଭୟରେ ଚୋରି କରିବା ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଚୋରମାନଙ୍କୁ ତୁରନ୍ତ ଧରିବାକୁ ଚାରିଛକ ଅଞ୍ଚଳବାସୀ ଜୋର୍‌ଦାର୍ ଦାବି କରିଛନ୍ତି।

# ଦିନ ଦ୍ୱିପହରେ ଲୁଟ୍ ଉଦ୍ୟମ; ଯୁବକ ଗିରଫ

**ସାକ୍ଷୀଗୋପାଳ,୩୦।୮ (ସମିସ):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ମଧ୍ୟାହ୍ନ ୧୨ଟା ସମୟରେ ବନ୍ଧୁକ ଦେଖାଇ ପଥଚାରୀଙ୍କୁ ଆତଙ୍କିତ କରି ଡକାୟତି କରିବା ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଜିରାଗୁଣ୍ଡି ଗ୍ରାମର ଅକ୍ଷୟ ରାଉତ (୨୯)। ତା' ନିକଟରୁ ଏକ ବନ୍ଧୁକ, ମୋବାଇଲ୍ ଓ କାର୍ ଜବତ କରାଯାଇଛି।

ସତ୍ୟବାଦୀ ପୁଲିସ ପକ୍ଷରୁ ଜଣାପଡ଼ିଛି, ଶନିବାର ମଧ୍ୟାହ୍ନ ୧୨ଟା ସମୟରେ ସତ୍ୟବାଦୀ ଥାନାର ସବ୍‌ଇନ୍ସପେକ୍ଟର ସଂଗ୍ରାମ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ସତ୍ୟବାଦୀରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଖବର ପାଇଥିଲେ ଯେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ବୀରଗୋବିନ୍ଦପୁର ଛକ ନିକଟରେ ଜଣେ ଯୁବକ ଏକ କାର୍‌ରେ ଆସି ବନ୍ଧୁକ ଦେଖାଇ ପଥଚାରୀମାନଙ୍କୁ ଅଟକାଇ ଡକାୟତି ବା ଚୋରି ଉଦ୍ଦେଶ୍ୟରେ ବନ୍ଧୁକ, ମାରଣାସ୍ତ୍ର ଦେଖାଇ ଧମକଚମକ ଦେଇ ଭୟଭୀତ କରୁଛି। ଖବର ପାଇ ସବ୍‌ଇନ୍ସପେକ୍ଟର ଶ୍ରୀ ସ୍ୱାଇଁ ଏବଂ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ଗାଡ଼ିକୁ ଦେଖି ଅକ୍ଷୟ ସେଠାରୁ ଖସି ପଳେଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଅଭିଯୁକ୍ତକୁ ଧରି ତାକୁ ଜେରା ଓ ତନଖି କରିବା ପରେ ତା' ନିକଟରୁ ଏକ ବନ୍ଧୁକ, ବ୍ୟବହୃତ କାର୍ ଓ ମୋବାଇଲ୍ ଜବତ କରିଛି। ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ ୨୯୩/୨୫ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟକେତନ ବେହେରା ସୂଚନା ଦେଇଛନ୍ତି। ଅକ୍ଷୟ ନାମରେ ପୂର୍ବରୁ ଚନ୍ଦନପୁର ଥାନା ଓ ପୁରୀର ବାସେଳୀସାହି ଥାନାରେ ବିଭିନ୍ନ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଅକ୍ଷୟକୁ ପୁଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।

# କଂଗ୍ରେସ କର୍ମୀଙ୍କ ବିୟୋଗରେ ଶୋକ



**ନୟାହାଟ,୩୦।୮ (ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ପତ୍ରସାହି ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ ଶିବ ପ୍ରସାଦ ପାତ୍ର (୭୮)ଙ୍କ ବିୟୋଗରେ ସେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଜଙ୍ଗଲବୋରି ପଞ୍ଚାୟତ ସରପଞ୍ଚ ପ୍ରଭାତୀ ସାହୁ, ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ ପହଞ୍ଚି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ଶେଷଦର୍ଶନ କରିଥିଲେ।

## ଗୋପ ବ୍ଲକ୍‌ସ୍ତରୀୟ 'ମନରେଗା' ଜନଶୁଣାଣି ଶିବିର

# ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ



- ଜନଶୁଣାଣି ଶିବିରକୁ ଆସିଲେନି ବିଡିଓ
- ନିର୍ମାଣ ହୋଇନି ସୂଚନାଫଳକ
- ମୃତବ୍ୟକ୍ତିଙ୍କ ନାମରେ ଉଠୁଛି ରାସନ

**ଗୋପ,୩୦।୮ (ସମିସ):** ଶନିବାର ଗୋପ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି (ମନରେଗା) ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମନରେଗା ଯୋଜନାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଥିବାବେଳେ କେତେକ ରିଟେଲର ମୃତ ବ୍ୟକ୍ତିଙ୍କ ନାମରେ ରାସନ ସାମଗ୍ରୀ ହଡ଼ପ କରିଥିବା ନେଇ ଅଭିଯୋଗ ଆସିଥିଲା। ଅପରପକ୍ଷେ ଏହି ଜନଶୁଣାଣି ଶିବିରରେ ଗୋପ ବିଡିଓ ଛବିରାଣୀ ସାହୁ ଅନୁପସ୍ଥିତ ଥିବା ନେଇ ଅସନ୍ତୋଷ ଦେଖାଦେଇଥିଲା। ଗୋପ ବ୍ଲକ୍‌ର କେତେକ ଗ୍ରାମ ପଞ୍ଚାୟତରେ ମନରେଗା ଯୋଜନାରେ ପୋଖରୀ ଖନନ, ରାସ୍ତା କାମ, ନଡ଼ିଆ ଚାରାରୋପଣ, ରାସ୍ତା ପାଶ୍ୱର୍ ବନୀକରଣ ସମେତ ବିଭିନ୍ନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବା ନେଇ ବ୍ଲକ୍ କଂଗ୍ରେସ କମିଟି ସଭାପତି ଭାସ୍କର ସେଠ୍ ଅଭିଯୋଗ କରିଥିଲେ। ସେହିପରି କେତେକ ମୃତ ହିତାଧିକାରୀଙ୍କ ନାଁରେ ରାସନ ସାମଗ୍ରୀ ଉଠୁଛି ବୋଲି ଅଡିଟ୍‌ରେ ଜଣାପଡ଼ିଛି। ମୃତ୍ତିକା ସଂରକ୍ଷଣ ବିଭାଗରେ ବୃକ୍ଷରୋପଣ କରାଯାଇ ଲକ୍ଷ ଲକ୍ଷ ଟଙ୍କା ବିଲ୍ କରାଯାଇଥିବା ବେଳେ କୌଣସି ସ୍ଥାନରେ ଗୋଟିଏ ହେଲେ ବୃକ୍ଷ ନ ଥିବା ନେଇ ବରିଷ୍ଠ ବିଜେପି କର୍ମୀ ରାଜ କିଶୋର ନାୟକ ଅଭିଯୋଗ କରିଥିଲେ। ସେହିପରି ଉଦ୍ୟାନ ବିଭାଗରେ ବ୍ୟାପକ ନଡ଼ିଆ ଚାରାରୋପଣ କରାଯାଇଥିବା ବେଳେ ଅଧିକାଂଶ ସ୍ଥାନରେ ସୂଚନାଫଳକ ନ ଥିବା ଅଭିଯୋଗ ହୋଇଥିଲା। ଏହି ଜନଶୁଣାଣି ଶିବିରରେ ଜିଲ୍ଲା ସାମାଜିକ ସମୀକ୍ଷକ ରାଜ କିଶୋର ପରିଡ଼ା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଝୁନୁ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ଅତିରିକ୍ତ ବିଡିଓ ଦୀପକ କୁମାର ଜେନା, ସହକାରୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି, ସହକାରୀ ପ୍ରୋଗ୍ରାମ ଅଧିକାରୀ ମୋନାଲିସା ଶତପଥୀ, ଯୋଗାଣ ନିରୀକ୍ଷକ ରଚିତା ପଣ୍ଡା, ଆକାଉଣ୍ଟ ଅଫିସର ମୋହନ ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ଲକ୍ ସାମାଜିକ ସମୀକ୍ଷକ ଜନ୍ମେଜୟ ଦକ୍ଷିଣରାୟ ପରିଚାଳନା କରିଥିଲେ।

# ବାସୁଦେବ ମନ୍ଦିରରୁ ୬ ଲକ୍ଷର ମାଥାମଣି ଚୋରି

**ନୟାହାଟ,୩୦।୮ (ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ବାସୁଦେବ ମନ୍ଦିରରୁ ୬ଲକ୍ଷ ଟଙ୍କାର ସୁନା ଜିନିଷ ଚୋରି ହୋଇଥିବା ନେଇ ଶନିବାର ନୟାହାଟ ଫାଣ୍ଡିରେ ଭାଗିରଥି ବେହେରା ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଏହି ଫାଣ୍ଡି ଅନ୍ତର୍ଗତ ଆଳୁଦଣ୍ଡାପାଟଣା ବାସୁଦେବ ମନ୍ଦିରରୁ କେହି ଦୁର୍ବୃତ୍ତ ଶୁକ୍ରବାର ରାତିରେ ଠାକୁର ଘର ତାଲା ଭାଙ୍ଗି ୬ଲକ୍ଷ ଟଙ୍କାର ସୁନା ମାଥାମଣି ନେଇ ଫେରାର୍ ହୋଇଛି। ସିସିଟିଭିରେ ଉକ୍ତ ଚୋରର ଫଟୋ କଏଦ ହୋଇଛି। ଖବର ପାଇ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀ, ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଓ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପୁରୀରୁ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳକୁ ଆସି ଚୋରର ଆଙ୍ଗୁଳି ଛାପ ନେଇଛନ୍ତି। ନୟାହାଟ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଗୋପ ଥାନାରେ କେସ୍ ନମ୍ବର ୨୮୨/୨୫ରେ ଏକ ମାମଲା ରୁଜୁ ହୋଇଛି।

# ଶ୍ରୀରାଧା ଜନ୍ମ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



**ସାକ୍ଷୀଗୋପାଳ,୩୦।୮ (ସମିସ):** ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ସିଂହଦ୍ୱାର ଭଜନ ସମାରୋହ କମିଟି ଆନୁକୂଲ୍ୟରେ ଚାଲିଥିବା ତିନିଦିନିଆ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହ ଶ୍ରୀରାଧା ଜନ୍ମ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଂହଦ୍ୱାର ଭଜନ ସମାରୋହ କମିଟି ଆନୁକୂଲ୍ୟରେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞରେ ସୂର୍ଯ୍ୟପୂଜା, ଗୋ-ପୂଜା, ଆହୁତି, ବାଳଗୋପାଳ ସେବାରେ ସମବେତ ପ୍ରସାଦସେବନ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରଙ୍ଗୋଲି, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ସାଇ ଡ୍ୟାନ୍ସ ଏକାଡେମୀର କଳାକାରମାନେ ପରିବେଷଣ କରିଥିବା ଶ୍ରୀକୃଷ୍ଣ ରାସଲୀଳା ଉପସ୍ଥିତ ଦର୍ଶକମାନଙ୍କର ମନମୋହି ନେଇଥିଲା। ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ରାଜେଶ ସାହୁ। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଧାୟକ ତଥା ବିଜେଡିର ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସେବାୟତ ରାମଚନ୍ଦ୍ର ମହାପାତ୍ର ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟବାଦୀ ଦାସ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ସମୃଦ୍ଧି କାମନା କରିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ସମ୍ପାଦକ ଦିବାକର ମହାପାତ୍ର। ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ମହାପାତ୍ର, ସଦସ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା, ଜିତେନ ମହାପାତ୍ର, ଅଦାଲତ ଖୁଣ୍ଟିଆ ଓ ରବିନ୍ଦ୍ରନାଥ ଷଡ଼ଙ୍ଗୀ ପରିଚାଳନାରେ ସହଯୋଗ କରିଥିଲେ। ସଂଯୋଜନା କରିଥିଲେ ଅଞ୍ଜନା ହୋତା ଓ ଆଲୋକ ଖୁଣ୍ଟିଆ। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ କଳାକାରମାନେ ପାରମ୍ପରିକ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

# ଶାନ୍ତିଶୃଙ୍ଖଳାରେ ଭସାଣି ପାଇଁ ପ୍ରଶାସନର ପ୍ରସ୍ତୁତି

**କଣାସ,୩୦।୮ (ସମିସ):** କଣାସ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଗଣେଶ ପୂଜା କିପରି ଶାନ୍ତିଶୃଙ୍ଖଳାର ସହିତ ଗୋଟିଏ ମିଳିତ ଭାବେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ସେଥିପାଇଁ ଶନିବାର କଣାସ ପଞ୍ଚାୟତ ସମିତି ସଭାଗୃହରେ କଣାସ ଥାନା ଆଇଆଇସି ପ୍ରଶନ୍ନ ନାୟକଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ, କଣାସ ଅଗ୍ନିଶମ କାର୍ଯ୍ୟାଳୟର ଅଧିକାରୀ ରଘୁନାଥ ସାହୁ ଯୋଗଦେଇଥିଲେ। ଏହି ଭସାଣି ଉତ୍ସବ ଗୋଟିଏ ଦିନରେ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହେବା ପାଇଁ ଦୋକନ୍ଦା ଗ୍ରାମପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତପନ ସୁନ୍ଦରାୟ ଦୀର୍ଘ ଦିନ ହେଲା ପ୍ରଚେଷ୍ଟା ଚଳାଇଛନ୍ତି। ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହେବା ପାଇଁ ଏକ କମିଟି ଗଠନ କରାଯାଇଥିଲା। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ସଭାପତି, ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ ଉପସଭାପତି, କଣାସ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଶୁଶିଲ୍ ରାଉତ, ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ, ତପନ ସୁନ୍ଦରାୟ, ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ ମନୋନୀତ ହୋଇଥିବାବେଳେ ସମସ୍ତ ପୂଜା କମିଟିର ସଭାପତି, ସିରେଇ ସରପଞ୍ଚ ପ୍ରତିନିଧି ଦେବଦତ୍ତ ପରିଡ଼ା ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ଆସନ୍ତା ୨ ତାରିଖ ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବା ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଥିଲା। କମିଟିର କର୍ମକର୍ତ୍ତାମାନେ ବସି କେଉଁଠାରୁ ମେଢ଼ ବାହାରିବ ଏବଂ କେଉଁ କେଉଁ ବାଟ ଦେଇ ନଦୀରେ ବିସର୍ଜନ ହେବ ଯେପରିକି ଜନସାଧାରଣଙ୍କ କୌଣସି ଅସୁବିଧା ନ ହେବ ସେଥିପାଇଁ ପୁନଶ୍ଚ ବୈଠକ ବିସି ସ୍ଥିର କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ବ୍ରହ୍ମଗିରି ବ୍ଲକ୍ ପଞ୍ଚାୟତ ସମିତି ବୈଠକ



**ବ୍ରହ୍ମଗିରି,୩୦।୮ (ସମିସ):** ଶନିବାର ବ୍ରହ୍ମଗିରି ବ୍ଲକ୍ ପଞ୍ଚାୟତ ସମିତିର ଷଷ୍ଠ ଅଧିବେଶନ ବ୍ରହ୍ମଗିରି ବ୍ଲକ୍ ସମ୍ମିଳନୀ କକ୍ଷରେ ସମିତି ଅଧ୍ୟକ୍ଷା ରତ୍ନମାଳା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ଲକ୍ ଉପାଧ୍ୟକ୍ଷା ମାଳିନୀ ଦଳାଇ, ସାଂସଦ ପ୍ରତିନିଧି ଅନୁପ କୁମାର ପରିଡ଼ା, ବିଧାୟିକା ପ୍ରତିନିଧି ପ୍ରସନ୍ନ କୁମାର ବାରାଳ, ଜିଲ୍ଲା ପରିଷଦ କୈଳାଶ ପରିଡ଼ା, ଜମ୍ମେଶ୍ୱର ସାହୁ, ମଣ୍ଡଳ ଉନ୍ନୟନ ଅଧିକାରୀ ଅମିୟ କୁମାର ପଣ୍ଡା, ଉପ ଉନ୍ନୟନ ଅଧିକାରୀ ମହମ୍ମଦ ଆକବରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ଏହି ବୈଠକରେ ବିଶେଷକରି ପାନୀୟଜଳ ଯୋଗାଣ ଉପରେ ନିର୍ବାଚିତ ପ୍ରତିନିଧିମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ପରେ ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତର ଅଭାବ, ଜଳସେଚନ ସହିତ ବେଆଇନ ମଦ କାରବାର ବନ୍ଦ ଦାବି କରାଯାଇଛି। ଠିକ୍ ସମୟରେ ଭତ୍ତା ପ୍ରଦାନ କରାଯାଇ ନ ଥିବାରୁ ବହୁ ଅସହାୟ ଲୋକ ଭତ୍ତା ପାଉନଥିବା ଅଭିଯୋଗ କରିଛନ୍ତି। ସେହିଭଳି ବର୍ଷା ଯୋଗୁଁ ବିଭିନ୍ନ ରାସ୍ତାରେ ଖାଲଖମା ହୋଇଗଲାଣି, ଯିବାଆସିବାରେ ଅସୁବିଧା ହେଉଥିବାରୁ ରାସ୍ତା ମରାମତି ପାଇଁ କିଛି ସରପଞ୍ଚ ଦୃଷ୍ଟି ଆକର୍ଷଣ କରିଥିଲେ। ଏବେବି କିଛି ଲୋକ ରାସନ କାର୍ଡ ପାଇବାରୁ ବଞ୍ଚିତ ଅଛନ୍ତି, ଯେଉଁଥିପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଖୁବ୍‌ଶୀଘ୍ର ରାସନ କାର୍ଡ ଯୋଗାଇବାକୁ ଦାବି ହୋଇଛି। ଆସିଥିବା ଏହିସବୁ ଅଭିଯୋଗକୁ ଶୀଘ୍ର ସମାଧାନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

# ଏଚ୍‌ଏମ୍ ପ୍ଲାଣ୍ଟ ଅପରେଟର ଇଞ୍ଜିନିୟରଙ୍କ ଜରୁରୀକାଳୀନ ବୈଠକ

**କଣାସ,୩୦।୮ (ସମିସ):** ଶୁକ୍ରବାର ଅଲ୍ ଓଡ଼ିଶା ଏଚ୍‌ଏମ୍ ପ୍ଲାଣ୍ଟ ଅପରେଟର ଇଞ୍ଜିନିୟରମାନଙ୍କ ଏକ ଜରୁରୀକାଳୀନ ବୈଠକ ସଂଘର ସ୍ଥାୟୀ ସଭାପତି ନୀଳମଣି ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ କଟକର ମା' ଧାକୁଲେଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଗଠନର ୪ବର୍ଷ ମଧ୍ୟରେ ଏହା ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ। କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ତାହାର ନିରାକରଣ ପାଇଁ ଆପାତତଃ ସ୍ଥିର କରାଗଲା। ଭବିଷ୍ୟତରେ ସଂଘ କିପରି ସକ୍ରୀୟ ଭୂମିକା ଗ୍ରହଣ କରିବ ତାହା ଉପରେ ଆଲୋଚନା କରାଯାଇଥିଲା। କମ୍ପାନ୍, ମାଲିକ, କର୍ମଚାରୀମାନଙ୍କ ମଧ୍ୟରେ କିପରି ସମନ୍ୱୟ ରକ୍ଷା କରାଯାଇପାରିବ ତାହା ଉପରେ ଧ୍ୟାନ ଦିଆଗଲା।

# ନିମାପଡ଼ାକୁ ସବ୍‌ଡିଭିଜନ ଓ ଚାରିଛକକୁ ବ୍ଲକ୍ ମାନ୍ୟତା ଦାବି

**ଚାରିଛକ,୩୦।୮ (ସମିସ):** ପୁରୀ ଜିଲ୍ଲାର ନିମାପଡ଼ାକୁ ସବ୍‌ଡିଭିଜନ ଓ ଚାରିଛକକୁ ବ୍ଲକ୍ କରିବାକୁ ହୋଇଥିବା ଦାବି ଯଥାର୍ଥ ବୋଲି ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ମତବ୍ୟକ୍ତ କରିଛନ୍ତି। ବିଭିନ୍ନ କାର୍ଯ୍ୟ ନେଇ ନିମାପଡ଼ା ଓ ଚାରିଛକ ଅଞ୍ଚଳର ଲୋକମାନେ ପୁରୀକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଅନେକ ଲୋକ ବିଳମ୍ବରେ ପହଞ୍ଚିବା ଫଳରେ ସେମାନଙ୍କ କର୍ଯ୍ୟ ନ ହେବାରୁ ଅଯଥା ଖର୍ଚ୍ଚାନ୍ତ ହୋଇ ଫେରୁଛନ୍ତି। ନିମାପଡ଼ାକୁ ସବ୍‌ଡିଭିଜନ ଓ ଚାରିଛକକୁ ବ୍ଲକ୍ ମାନ୍ୟତା ଦେବାକୁ ଅଞ୍ଚଳବାସୀଙ୍କ ତରଫରୁ ବାରମ୍ବାର ସରକାରଙ୍କ ନିକଟରେ ଦାବି ହେଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପର୍ବପର୍ବାଣୀ, ଜାନିଯାତ୍ରା ପାଇଁ ଆସୁଥିବା ଅସଂଖ୍ୟ ଭକ୍ତ ଦେଶବିଦେଶର ଅତିଥିମାନଙ୍କ ପାଇଁ ପୁରୀ ଜିଲ୍ଲା ପ୍ରଶାସନ ସର୍ବଦା ସତର୍କ ଓ ବ୍ୟସ୍ତ ରହୁଛନ୍ତି। ଯାହା ଫଳରେ ଜିଲ୍ଲାର ପ୍ରଜାମାନଙ୍କ ବହୁବିଧ ସମସ୍ୟା ଠିକ୍ ସମୟରେ ସମାଧାନ ହୋଇପାରୁ ନାହିଁ। ସରକାରୀ କାର୍ଯ୍ୟ ସବୁ ବିଳମ୍ବିତ ହେଉଛି। ଏ ଦୃଷ୍ଟିରୁ ତୁରନ୍ତ ନିମାପଡ଼ାକୁ ଜିଲ୍ଲା ଓ ଚାରିଛକକୁ ବ୍ଲକ୍ ମାନ୍ୟତା ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି ରଖିଛନ୍ତି। ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ତଥା ଭକ୍ତ ଜୟଦେବଙ୍କ ବଂଶଜ ପ୍ରକୃତିବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ର ଏହି ଦାବିକୁ ଯଥାର୍ଥ ବୋଲି କହିଛନ୍ତି। ଅଞ୍ଚଳବାସୀ ତଥା ଅଞ୍ଚଳର ବହୁ ସମାଜସେବୀ, ବୁଦ୍ଧିଜୀବୀ ପ୍ରାଚୀ ତଟର ଝିଅ ତଥା ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପ୍ରାଚୀତଟର ବୋହୂ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ହୋଇଥିବାରୁ ଏ ଯଥାର୍ଥ ଦାବି ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଆଶା ରଖିଛନ୍ତି।


ଆସନ୍ତୁ ସ୍ୱଚ୍ଛ ଖଣ୍ଡପଡ଼ା ସହର ଗଢ଼ିବାରେ ସାମିଲ ହେବା ପରିବେଶକୁ ସୁସ୍ଥ ରଖିବା ସହ ନିଜକୁ ସୁସ୍ଥ ରଖିବା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛୁ।

୧. ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ବର୍ଜନ କରି "ପ୍ଲାଷ୍ଟିକ ମୁକ୍ତ ସହର" ଗଢ଼ିବା।
୨. ଘରର ଶୁଖିଲା ଅଳିଆ ଓ ଓଦା ଅଳିଆକୁ ଅଲଗା ଅଲଗା କରି ବିଜ୍ଞାପିତ ଅଂଚଳ ପରିଷଦକୁ ଦିଅନ୍ତୁ ଏବଂ ପରିବାରକୁ ରୋଗମୁକ୍ତ ଓ ପରିବେଶକୁ ସୁସ୍ଥ ରଖିବାରେ ସହାୟକ ହୁଅନ୍ତୁ।
୩. ମଳ ଉପଚାର ପ୍ଲାଣ୍ଟ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ସେପ୍‌ଟିକ ଗାଡ଼ିର ମଳ ପକାଇବା ଏକ ଦଣ୍ଡନୀୟ ଅପରାଧ।
୪. ପରିଷଦକୁ ସଠିକ୍ ସମୟରେ ଗୃହ ଏବଂ ଆଲୋକ ଟିକସ ପରିଶୋଧ କରନ୍ତୁ।
୫. ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକର ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ।
୬. ଘରର ନକ୍ସା ଅନୁମୋଦନ ପରେ ଗୃହ ନିର୍ମାଣ କରନ୍ତୁ।
୭. ବୃକ୍ଷ ରୋପଣ ଭଳି ମହତ କାର୍ଯ୍ୟରେ ସାମିଲ ହୋଇ ପରିବେଶକୁ ସୁରକ୍ଷା ରଖନ୍ତୁ।

ଏକ ପ୍ରଦୂଷଣ ମୁକ୍ତ, ସରସ, ସୁନ୍ଦର, ସବୁଜ ଓ ସମୃଦ୍ଧ ସହର ଗଢ଼ିତୋଳିବା ଆମର ଲକ୍ଷ୍ୟ ଏଥିରେ ସହରବାସୀଙ୍କ ଗଠନ ମୂଳକ ସହଯୋଗ ଆମର ଏକାନ୍ତ କାମ୍ୟ।

ଅଭିଷେକ ମିଶ୍ର
ନିର୍ବାହୀ ଅଧିକାରୀ ଏବଂ
ସମସ୍ତ କର୍ମଚାରୀବୃନ୍ଦ
ବିଜ୍ଞାପିତ ଅଂଚଳ ପରିଷଦ, ଖଣ୍ଡପଡ଼ା

ଶ୍ରୀମତୀ ଆରତୀ ପ୍ରଧାନ
ଅଧ୍ୟକ୍ଷା ଏବଂ
ସମସ୍ତ ପାରିଷଦବୃନ୍ଦ
ବିଜ୍ଞାପିତ ଅଂଚଳ ପରିଷଦ, ଖଣ୍ଡପଡ଼ା



ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ, ଜି: ନୟାଗଡ଼

ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଅବସରରେ ବାର୍ତ୍ତା

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଓଡ଼ଗାଁର ସମସ୍ତ ଗୁରୁଜନ, ମା' ମାଉସୀ ଓ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଦିଆଯାଉଅଛି। ଗଣତାନ୍ତ୍ରିକ ଶାସନରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ସହରବାସୀଙ୍କ ସାମାଜିକ ତଥା ଆର୍ଥିକ ବିକାଶର ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନାର ସଫଳ ରୂପାୟନ ସ୍ୱାୟତ୍ତ ଶାସନ ସଂସ୍ଥାର ମୌଳିକ ଦାୟିତ୍ୱ ହେବା ସହିତ ପ୍ରତ୍ୟେକ ଯୋଜନା କିପରି ସଠିକ ଭାବେ ଉପଯୋଗ କରାଯାଇପାରିବ, ସେଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ବିକାଶର ଧାରାକୁ ନିରବଚ୍ଛିନ୍ନଭାବେ ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ।

ସ୍ୱା/-
ଉପଜିଲ୍ଲାପାଳ,ନୟାଗଡ-ତଥା-ପ୍ରଶାସକ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡ଼ଗାଁ



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀପୌରପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail – municipalityjatni@gmail.com, Phone. No. 0674- 2490826

ସର୍ବସାଧାରଣ ନିମନ୍ତେ ସୂଚନା

ଏତଦ୍ ଦ୍ୱାରା ଜଟଣୀ ପୌରାଂଚଳ ସମସ୍ତ ଜନସାଧାରଣ ମାନଙ୍କୁ ଜଣାଇ ଦିଆଯାଉଛି କି,

- ଜଟଣୀ ସହରକୁ ସରଗ ସୁନ୍ଦର କରବା ପାଇଁ ସମସ୍ତ ରାସ୍ତା ଓ ଗଳିକୁ ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
- ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡ଼ିରେ ଦିଅନ୍ତୁ।
- ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁନାହିଁ। ଯଦି କରନ୍ତି ତେବେ ପରିଷଦ ଜୋରିମାନା ରାଶି ଆଦାୟ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।
- ଆପଣ ମାନଙ୍କ ଠାରୁ ସଂଗୃହିତ ହେଉଥିବା ଅଳିଆରୁ ଉତ୍କୃଷ୍ଟ ମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି। ଏହାର ଉପଯୋଗ କରନ୍ତୁ।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ପ୍ଲାନ୍ ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ। ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇନିଅନ୍ତୁ।
- ବ୍ୟବସାୟୀ ମାନେ ନିଜର ବ୍ୟବସାୟ ପ୍ରତିଷ୍ଠାନର ନୂତନ ଟ୍ରେଡ୍ ଲାଇସେନ୍ସ ଓ ନବିକରଣ ନିମନ୍ତେ ସୁଯୋଗ ପୋର୍ଟାଲ ରେ ଅନ୍‌ଲାଇନ ରେ ଆବେଦନ କରାଇନିଅନ୍ତୁ ଓ ବିଭିନ୍ନ ଟିକସ ଯଥା Holding Tax, User Fee, Hoarding Fee ଓ ଅନ୍ୟାନ୍ୟ ଟ୍ୟାକ୍ସ ଠିକ ସମୟରେ ପୈଠ କରନ୍ତୁ।
- ଭୂମି ଅଧିକାର ସାବ୍ୟସ୍ତ ନିମନ୍ତେ ଭୂମିର ସର୍ବେକ୍ଷଣ (ନକ୍ସା) କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ।
- ବାଣିଜ୍ୟିକ ପ୍ରତିଷ୍ଠାନର ସୂଚନା ଫଳକ (Display Board) ୬୦ ଭାଗ ଓଡ଼ିଆ ଭାଷାରେ ସେପ୍ଟେମ୍ବର ମାସ ତା ୩୦.୦୯.୨୦୨୫ ରିଖ ସୁଧା ଲେଖନ୍ତୁ। ନଚେତ୍ ପରିଷଦ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଲେଖା ନ ସରିବା ପର୍ଯ୍ୟନ୍ତ ପ୍ରତି ଦିନ ୫୦୦ଶହ ଟଙ୍କା ଜୋରିମାନା ରାଶି ଆଦାୟ କରିବେ।
- ପାଇଖାନା ଟାଙ୍କି ସଫା ନିମନ୍ତେ ପରିଷଦର ସେସ୍ ପୁଲ୍ ଗାଡ଼ି ପାଇଁ ଟୋଲ୍ ଫି ନଂ ୧୪୪୨୦ରେ ଯୋଗାଯୋଗ କରନ୍ତୁ।
- ରାସ୍ତା କଡ଼ ଡ୍ରେନ୍ କୁ ଜବର ଦଖଲ କରନ୍ତୁ ନାହିଁ। ଯଦି କରନ୍ତି ତେବେ ପରିଷଦ ଉକ୍ତ ଜବରଦଖଲ କୁ ଉଚ୍ଛେଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ।
- ପରିଷଦ ଇଲାକାରେ ଥିବା ସୈଇରାତ (ପୋଖରୀ) ଗୁଡ଼ିକୁ ପରିଷ୍କାର ରଖନ୍ତୁ।

ନିଖିଳ ଭାରତୀୟ ସ୍ୱାୟତ ଶାସନ ଦିବସ ୨୦୨୫ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଶ୍ରୀମତୀ ଆରତୀ ରାଉତ, ଉପାଧ୍ୟକ୍ଷା, ଜଟଣୀ ପୌର ପରିଷଦ
ଶ୍ରୀମତୀ ଆକ୍ରିତୀ ଗୋଏଙ୍କା, ନିର୍ବାହୀ ଅଧିକାରୀ, ଜଟଣୀ ପୌର ପରିଷଦ
ଶ୍ରୀଯୁକ୍ତ ଅନନ୍ତ ବେହେରା, ଅଧ୍ୟକ୍ଷ, ଜଟଣୀ ପୌର ପରିଷଦ



ପୌର ପରିଷଦ, ନୟାଗଡ଼

"ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ
ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"
ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"

ଉପାଧ୍ୟକ୍ଷ　　ଅଧ୍ୟକ୍ଷା
ସମସ୍ତ ପାରିଷଦ ବର୍ଗ, ପୌର ପରିଷଦ, ନୟାଗଡ଼
ନିର୍ବାହୀ ଅଧିକାରୀ ଓ ସମସ୍ତ କର୍ମଚାରୀ ବୃନ୍ଦ
ପୌର ପରିଷଦ, ନୟାଗଡ଼



"ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫" ଅବସରରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ର ସମସ୍ତ ଜନସାଧାରଣ ମାନକୁ ହାର୍ଦ୍ଦିକ ଅଭିନନ୍ଦନ। ଏହି ପରିଷଦକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ।

-ନିବେଦନ-
୧. ବାଣପୁର ସହରକୁ ସ୍ୱଚ୍ଛ, ସରସ ଓ ସୁନ୍ଦର କରିବା ପାଇଁ ଆମେ ସମସ୍ତେ ସଂକଳ୍ପ ନେବା
୨. ଅଳିଆ ଓ ଆବର୍ଜନାକୁ ପୃଥକୀକରଣ କରି ମଇଳା ସଂଗୃହିତ ଗାଡ଼ିରେ ଦିଅନ୍ତୁ।
୩. ବ୍ୟବସାୟୀ ମାନେ Single use Plastic ର ବ୍ୟବହାର ବର୍ଜନ କରନ୍ତୁ।
୪. ସର୍ବସାଧାରଣ ରାସ୍ତାରେ ଗାଈ ଗୋରୁ ଓ ମଇଳା ପାଣି ଛାଡ଼ନ୍ତୁ ନାହିଁ।
୫ ସହରର ପରିଷ୍କାର ଓ ପରିଚ୍ଛନ୍ନତା କୁ ଦୃଷ୍ଟିରେ ରଖି ନିୟମିତ User Fee ପୈଠ କରନ୍ତୁ।


ଅଧ୍ୟକ୍ଷ
ଶ୍ରୀଯୁକ୍ତ ମିଟୁ ନାୟକ
ବିଜ୍ଞାପିତ ଅଞ୍ଚଳ ପରିଷଦ,ବାଣପୁର


ଉପାଧ୍ୟକ୍ଷା
ଶ୍ରୀମତୀ ପ୍ରାଚୀପ୍ରଭା ସ୍ୱାଇଁ
ବିଜ୍ଞାପିତ ଅଞ୍ଚଳ ପରିଷଦ,ବାଣପୁର



"ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଏହି ପବିତ୍ର ନିଖିଳ ଭାରତ ସ୍ୱାୟତ ଶାସନ ଦିବସ-୨୦୨୫-ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ"

- ଆମେ ସମସ୍ତେ ମିଳିମିଶି ସଙ୍କଳ୍ପ ନେବା, ପରିଷଦର ଟିକସ ଠିକ୍ ସମୟରେ ପୈଠ କରିବା, ଘର ଓ ପରିବେଶକୁ ସଫା ରଖିବା, ଆବର୍ଜନା ପାଣି ଘର ପାର୍ଶ୍ୱରେ ଜମା ନରଖିବା ତେବେ ଯାଇ ଆମେ ମଶା ମାଛିଙ୍କ ଦାଉରୁ ରକ୍ଷା ପାଇବା।
- ପ୍ରତ୍ୟେକ ଦିନ ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ପରିମଳ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ।
- ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଓ ପଲିଥିନ୍ କୁ ସମ୍ପୂର୍ଣ୍ଣ ବର୍ଜନ କରନ୍ତୁ।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ନିର୍ମାଣାଧୀନ ଘରର ନକ୍ସାକୁ ପରିଷଦ ଦ୍ୱାରା ମଞ୍ଜୁର କରାଇ ନିଅନ୍ତୁ।
- ସରକାରୀ ନାଳ, ନର୍ଦ୍ଦମା ଓ ରାସ୍ତାଘାଟକୁ ଅବରୋଧ କରନ୍ତୁ ନାହିଁ।
- ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତାଘାଟକୁ ଛାଡ଼ନ୍ତୁ ନାହିଁ।
- ଦୋକାନ ଘରର ଟ୍ରେଡ୍ ଲାଇସେନ୍ସ ପରିଷଦ ଦ୍ୱାରା ମଞ୍ଜୁର କରାଇ ନିଅନ୍ତୁ।
- ଠିକ୍ ସମୟରେ ଘରର ହୋଲ୍ଡିଂ ଟିକସ ପୈଠ କରନ୍ତୁ।
- ପରିବେଶ ସଫା ସୁତୁରା ପାଇଁ ପ୍ରତିମାସରେ ୟୁଜର ଫି ପୈଠ କରନ୍ତୁ।
- ରାସ୍ତା ଉପରେ ଘର ତିଆରି ସାମଗ୍ରୀ (ବାଲି, ଗୋଡ଼ି, ଇଟା ଓ ପଥର) ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ।
- ଦୋକାନ ଆଗରେ ଓଡ଼ିଆରେ ନାମ ଫଳକ ଲେଖି ଟ୍ରେଡ୍ ଲାଇସେନ୍ସରେ ରିହାତି ପାଆନ୍ତୁ।

(ପ୍ରତ୍ୟେକ ଟିକସ ଦାତା ଜଣେ ରାଷ୍ଟ୍ର ନିର୍ମାତା)

ପ୍ରାଣନାଥ ସେଠ, ଓ.ରା.ସେ., ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁ
ଭଗବାନ ପ୍ରଧାନ, ଉପାଧ୍ୟକ୍ଷ, ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁ
ଶ୍ରୀମତୀ ସୁକାନ୍ତି ପାଇକରାୟ, ଅଧ୍ୟକ୍ଷା, ବିଜ୍ଞାପିତ ଅଂଚଳ ପରିଷଦ, ବାଲୁଗାଁ



● ରାଜ୍ୟସଭା ଆସ୍ୟୁରାନ୍ସ କମିଟିର ଓଡ଼ିଶା ଗସ୍ତ

# ସୂର୍ଯ୍ୟମନ୍ଦିର ପରିଦର୍ଶନରେ ୨୦୦ ପ୍ରତିନିଧିମଣ୍ଡଳୀ

ପୁରୀ,୩୦।୮ (ସମିସ): ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂଙ୍କ ନେତୃତ୍ୱରେ ରାଜ୍ୟସଭା ଆସ୍ୟୁରାନ୍ସ କମିଟିର ଅଧ୍ୟକ୍ଷଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ କେନ୍ଦ୍ର ସରକାରଙ୍କ ଜାତି ଓ ଜନଜାତି କମିଟିଗୁଡ଼ିକର ଅଧ୍ୟକ୍ଷ, ଅଧ୍ୟକ୍ଷା, ସଂସଦୀୟ କମିଟିର ଅଧ୍ୟକ୍ଷ ସଦସ୍ୟଗଣ ତଥା ରାଜ୍ୟସଭା ଓ ଲୋକସଭାର ଷ୍ଟାଣ୍ଡିଂ କମିଟି ସଦସ୍ୟ ପ୍ରତିନିଧିମଣ୍ଡଳୀ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସି ପ୍ରଥମେ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖ ବ୍ୟାଖ୍ୟାନ କେନ୍ଦ୍ର ନିକଟରେ ପହଞ୍ଚିଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପଥପ୍ରାନ୍ତ ପାରମ୍ପରିକ ସମ୍ବଲପୁରୀ, ଗୋଟିପୁଅ, ଓଡ଼ିଶୀ ନୃତ୍ୟ ଓ ଘୋଡ଼ାନାଚରେ ଅତିଥିଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଏହା ସହିତ ପୁରୀ ଉପଜିଲ୍ଲାପାଳ ରାଜକିଶୋର ନାୟକ, ଅତିରିକ୍ତ ଉପଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇ ବ୍ୟାଖ୍ୟାନ କେନ୍ଦ୍ର ମଧ୍ୟକୁ ପାଛୋଟି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇ ପୁରୀ ସର୍କଲ୍ ଅଧିକାରୀ ଡି.ବି ଗଡ଼ନାୟକ, ତହସିଲ୍‌ଦାର ଅନିଲ୍ କୁମାର ମହାନ୍ତି, ପର୍ଯ୍ୟଟନ ଅଧିକାରୀ ଅମୟା କୁମାର ସେଠୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଲୋଟସ୍ ଗ୍ରୁପ୍‌ର ପରିଚାଳକ ଭାରତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ଏହାପରେ କୋଣାର୍କ ସୂର୍ଯ୍ୟମନ୍ଦିରର କଳା ଭାସ୍କର୍ଯ୍ୟ, ସ୍ଥାପତ୍ୟ ଦେଖି ଓଡ଼ିଶାର କୀର୍ତ୍ତିରାଜିକୁ ନେଇ ଖୁବ୍ ପ୍ରଶଂସା କରିଥିଲେ। ଖୁବ୍‌ଶୀଘ୍ର ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିରର ଚତୁଃପାଶ୍ୱର୍ ନବୀକରଣ କରାଯାଇ ମନୋମେଣ୍ଟ ରହିଥିବା ସ୍ଥାନଗୁଡ଼ିକର ପୁନଃଉଦ୍ଧାର କରାଯିବା ନେଇ ରାଜ୍ୟସଭା ଆସ୍ୟୁରାନ୍ସ କମିଟିର ଅଧ୍ୟକ୍ଷ ଡ. ଏମ୍ ଥାମ୍ବିଦୁରାଇ କହିଛନ୍ତି।

# ୧୭ ଲକ୍ଷର ବ୍ରାଉନ୍‌ସୁଗର ଜବତ, ୩ ଗିରଫ

ପୁରୀ,୩୦।୮ (ସମିସ)

ଚନ୍ଦନପୁର ପୁଲିସ ଭାଇଲପୁର ଅଞ୍ଚଳରୁ ପ୍ରାୟ ୧୭ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କଠାରୁ ପ୍ରାୟ ୧ ଲକ୍ଷ ୬୩ ହଜାର ୫୨୦ଟଙ୍କା, ୨ଟି ବାଇକ୍, ଗୋଟିଏ ସ୍କୁଟି, ୩ଟି ମୋବାଇଲ୍, ଗୋଟିଏ ଛୁରୀ ଓ କତୁରୀ ଜବତ କରିଥିବା ସୂଚନା ମିଳିଛି। ଏନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା ସହ ଆଗାମୀ ଦିନରେ ନିଶା ବେପାର କରୁଥିବା ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଶୁକ୍ରବାର ଭାଇଲପୁର ଅଞ୍ଚଳରେ ବ୍ରାଉନ୍‌ସୁଗର ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ଏନେଇ ଚନ୍ଦନପୁର ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ନିଶା ବେପାରୀଙ୍କୁ ଧରିବା ପାଇଁ ଅନ୍ତିକେରା ପୋଲ ନିକଟରେ ଛକି ବସିଥିଲା। ଏହି ସମୟରେ ଚନ୍ଦନପୁର ଥାନା ଅଧୀନ ଚାଷପଡ଼ାର ପ୍ରଦୀପ ପ୍ରଧାନ(୨୨), ଭାଇଲପୁରର ଲିଟୁ ପ୍ରଧାନ(୪୦) ଏବଂ ନିରଞ୍ଜନ ପ୍ରଧାନ(୩୦) ୨ଟି ବାଇକ୍ ଓ ଗୋଟିଏ ସ୍କୁଟିରେ ଆସି ପହଞ୍ଚିଥିଲେ। ସେଠାରେ ବ୍ରାଉନ୍‌ସୁଗର ଚାଲାଣ କଲାବେଳେ ପୂର୍ବରୁ ଲୁଚି ରହିଥିବା ସ୍ୱତନ୍ତ୍ର ପୁଲିସ ଟିମ୍ ଅଚାନକ ଚଢ଼ଉ କରି ୩ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ପୁଲିସ ୨ଜଣ ସାକ୍ଷୀଙ୍କ ଉପସ୍ଥିତିରେ ନିଶା ବେପାରୀଙ୍କୁ ତଲାସୀବେଳେ ତାଙ୍କ ନିକଟରୁ ପ୍ରାୟ ୧୫୭.୩୮ ଗ୍ରାମ୍ ବ୍ରାଉନ୍‌ସୁଗର, ୧ ଲକ୍ଷ ୬୩ ହଜାର ୫୨୯ ଟଙ୍କା, ୩ଟି ମୋବାଇଲ୍ ଏବଂ ଗୋଟିଏ ଛୁରୀ ଓ କତୁରୀ ଜବତ କରିଥିଲା। ପଚରାଉଚରା ବେଳେ ୩ ଜଣ ବ୍ୟକ୍ତି ବ୍ରାଉନ୍‌ସୁଗର କାରବାର କରୁଥିବା ସ୍ୱୀକାର କରିଥିଲେ। ଏନେଇ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟରେ ଗିରଫ କରି ସେମାନଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଜିଲ୍ଲାରେ ପ୍ରତ୍ୟେକ ଦିନ ନିଶା ବେପାରୀ ଏବଂ ନିଶାଡ଼ିଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଦୀର୍ଘ ମାସ ପରେ ଏଭଳି ଚଢ଼ଉ ଦେଖିବାକୁ ମିଳିଲା। ପ୍ରତ୍ୟେକ ମାସରେ ଏଭଳି ଚଢ଼ଉ ହେବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ବ୍ରାଉନ୍‌ସୁଗର ବେପାରୀଙ୍କ ଉପରେ ଏଭଳି ଚଢ଼ଉ ଦୀର୍ଘ ମାସ ପରେ ଦେଖିବାକୁ ମିଳିଲା ବୋଲି କିଛି ଲୋକ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କଠାରୁ ଜବତ ମୋବାଇଲ୍ ଫୋନ୍‌ରୁ ମାଷ୍ଟରମାଇଣ୍ଡ ନିକଟରେ ପହଞ୍ଚିବା ସହଜ ହେବା ସହ ଏହାର ଚେର କେଉଁଠୁ କେଉଁଠିକୁ ଲମ୍ବିଛି ତାହା ଜାଣିବାରେ ସହାୟକ ହେବ ବୋଲି ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ନିଶା ବେପାରୀଙ୍କ ବିରୋଧରେ ଚଢ଼ଉକୁ ଆହୁରି ଜୋର୍‌ଦାର୍ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



# ନୀଳଗିରି ଚାରଗଣେଶ ଓ ଗଣେଶ ଗୁରୁଜର ଗଣପତି ମହୋତ୍ସବ




ପୁରୀ,୩୦।୮ (ସମିସ): ନୀଳଗିରି ଚାରଗଣେଶ, ଗଣେଶ ଗୁରୁଜ ପକ୍ଷରୁ ଆୟୋଜିତ ୨୫ତମ ଗଣପତି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେରେ ମୁଖ୍ୟ ଅତିଥି ଭାବେ ଡ. ସମ୍ବିତ୍ ପାତ୍ର ଯୋଗଦେଇ ଆଧାତ୍ମିକ ଓ ଦେଶାତ୍ମବୋଧ ଚେତନାରେ ଭାରତବର୍ଷ ମହିମାମୟ ହେଉ ବୋଲି କହିଛନ୍ତି। ଓଡ଼ିଶାର ଏହି ସର୍ବପୁରାତନ ଗଣପତି ଓ ମହୋତ୍ସବର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଓ ପୁରୀ ବାସିନ୍ଦା ତଥା ବୟୋଜ୍ୟେଷ୍ଠଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସୁନୀଲ ମହାନ୍ତି ଯୋଗଦେଇ କହିଲେ, ଶ୍ରୀମନ୍ଦିରର ବିକାଶ ଓ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ସାଂସ୍କୃତିକ ଓ ଧାର୍ମିକ ପୀଠର ବିକାଶ ପାଇଁ ସେ ଉଦ୍ୟମ କରିବେ। ଏଥିରେ ଅନ୍ୟତମ ଅତିଥି ଭାବେ ଶ୍ରୀମନ୍ଦିରର ବିଶିଷ୍ଟ ଦଇତାପତି ନବକିଶୋର ପତି ମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅଶୋକ ମିଶ୍ର, ବରିଷ୍ଠ ସେବାୟତ ତଳୁଛ ନୀଳକଣ୍ଠ ମହାପାତ୍ର, ଜିତେନ୍ଦ୍ର ମହାପାତ୍ର, ରବି ନାରାୟଣ ଦାସ ଓ ବଳଭଦ୍ର ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନିତ୍ୟ ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ନିମାଇଁ ମହାନ୍ତି ପରିଚାଳନା କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଡ. ବଦ୍ରି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେଶବ ପରିଜା, ଚିତ୍ତରଞ୍ଜନ ଦାସ, ହରିବନ୍ଧୁ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପାଣି, କ୍ଷେତ୍ରମୋହନ ସାହୁ, ମହମ୍ମଦ ଉଜିରଓ୍ୱାଲା ଓ ଚିତ୍ତରଞ୍ଜନ ମହାପାତ୍ର ପରିଚାଳନାରେ ସହଯୋଗ କରିଥିବାବେଳେ ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଭରତ ନାୟକ।

# ୪ ବାଇକ୍ ଲୁଟେରା ଗିରଫ

ପୁରୀ,୩୦।୮ (ସମିସ): ବାଇକ୍ ଚୋରି ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଳଙ୍ଗା ମଠସାହି ସରସ୍ୱତୀପୁରର ଚନ୍ଦନ ସ୍ୱାଇଁ (୨୫), ପୁରୀ ସଦରର ଅଜୟ ଭୋଇ (୨୬), ରାମଚଣ୍ଡୀ ଅଞ୍ଚଳର ପ୍ରକାଶ ବାରିକି (୨୭) ଓ ବାଙ୍ଗରର ସଞ୍ଜୟ ମଲ୍ଲିକ (୨୧)। ତାଙ୍କଠାରୁ ଦୁଇଟି ବାଇକ୍ ଜବତ କରାଯାଇଛି। ପୁଲିସ ସୂଚନା ଅନୁସାରେ, ମେଡିକାଲ ଛକରେ ଥିବା ବାଇକ୍ ଷ୍ଟାଣ୍ଡରେ ସନାତନ ସାହୁ ନାମକ ଜଣେ ବ୍ୟକ୍ତି ନିଜ ବାଇକ୍ ରଖି ମେଡିକାଲକୁ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ୍‌କୁ ପାଇନଥିଲେ। ନିକଟରେ ଖୋଜାଖୋଜି କରିବାରୁ ଅନ୍ୟ ସ୍ଥାନରେ ବାଇକ୍‌ଟି ପାର୍କିଂ ହୋଇଥିବା ଦେଖି ଏ ସମ୍ପର୍କରେ କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ପୁଲିସ୍ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଟମାଟୋ କିଲେ ପାଇଁ ଛୁରିରେ ଆକ୍ରମଣ

ପୁରୀ,୩୦।୮ (ସମିସ)

କିଲେ ଟମାଟୋ ପାଇଁ ଛୁରିରେ ଆକ୍ରମଣ କରିଛି ଦୁର୍ବୃତ୍ତ। ବଡ଼ଶଙ୍ଖ ପରିବା ମାର୍କେଟରେ ଘଟିଛି ଏଭଳି କାଣ୍ଡ। କୁମ୍ଭାରପଡ଼ା ଥାନା ପୁଲିସ୍ ଏହି ଘଟଣାରେ ପତିତପାବନ ଲେନ୍‌ର କାହ୍ନା ବେହେରା (୨୮)କୁ ଗିରଫ କରିଛି।

ପୁଲିସ ସୂଚନା ମୁତାବକ, ଶନିବାର କାହ୍ନା ଏକ ପରିବା ଦୋକାନକୁ ଆସି ମାଗଣାରେ ଟମାଟୋ କିଲେ ମାଗିଥିଲା। ଦୋକାନୀ ଜଣକ ମନା କରିବାରୁ କାହ୍ନା ସେଠାରୁ ଚାଲିଯାଇଥିଲା। ୧୦ ମିନିଟ୍ ପରେ ଏକ ଛୁରି ଧରି ଆସି ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଦୋକାନୀ ଜଣକ ଛୁରିଟିକୁ ଧରି ପକାଇବାରୁ ତାଙ୍କ ହାତରେ କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ କାହ୍ନାକୁ କାବୁ କରିଥିଲେ। ଆକ୍ରମଣରେ ସଫଳ ନ ହେବାରୁ କାହ୍ନା ରାଗିଯାଇ ସମ୍ପୃକ୍ତ ଦୋକାନୀଙ୍କୁ କାମୁଡ଼ି ଦେଇଥିଲା। ସ୍ଥାନୀୟ ଲୋକେ କାହ୍ନାକୁ ଅଟକାଇବାବେଳେ ସେ ମଧ୍ୟ ଆହତ ହୋଇଥିଲା। ପିସିଆର୍ ଭ୍ୟାନ୍ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲା। ଅଭିଯୁକ୍ତ କାହ୍ନା ହସ୍ପିଟାଲ ପରିସରରେ ମଧ୍ୟ ହୋ-ହଲ୍ଲା କରିବା ସହ ରୋଗୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା। କାହ୍ନା ପୂର୍ବରୁ ହତ୍ୟା ଉଦ୍ୟମ, ଡକାୟତି ଓ ଲୁଟ୍‌ପାଟ୍ ଭଳି ୧୩ଟି ମାମଲାରେ ସମ୍ପୃକ୍ତ ରହିଛି। ପୁଲିସ୍ ତାକୁ ଗିରଫ କରି କୋର୍ଟ ଚାଲାଣ ସହ ଘଟଣାସ୍ଥଳରୁ ଛୁରି ଜବତ କରିଛି।

# କେକେଶୀକୁ ବଧକଲେ ଶ୍ରୀକୃଷ୍ଣ



ପୁରୀ,୩୦।୮ (ସମିସ): ଭାଦ୍ରବ ଶୁକ୍ଳ ସପ୍ତମୀ ତିଥିରେ ଶନିବାର ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ କେକେଶି ବଧ ଲୀଳା ସମ୍ପନ୍ନ ହୋଇଛି। ଭଗବାନ ଶ୍ରୀକୃଷ୍ଣ କେକେଶୀକୁ ବଧ କରିଛନ୍ତି। ସନ୍ଧ୍ୟାଧୂପ ପରେ ମଦନମୋହନ ଆଜ୍ଞାମାଳ ପାଇ ନାଟପା ମନ୍ଦିର ଖଟ ଉପରେ ବିଜେ କରିଥିଲେ। ସେଠାରେ କାଳିକାଦେବୀ ସାହି ପକ୍ଷରୁ କେକେଶୀ ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଏହି ଲୀଳା ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ବୃନ୍ଦାବନରେ ଲୀଳା କରୁଥିଲେ ତାଙ୍କୁ ମାରିବା ପାଇଁ କଂସାସୁର କେଶୀ ନାମକ ଦୈତ୍ୟକୁ ପଠାଇଥିଲେ। କଂସ ପ୍ରେରିତ ଏହି ଦୈତ୍ୟ ଭୟଙ୍କର ଘୋଟକ ରୂପରେ ଶ୍ରୀକୃଷ୍ଣଙ୍କୁ ଆକ୍ରମଣ କରିବାକୁ ଆସିଥିଲା। ଯମୁନା ତଟରେ ଶ୍ରୀକୃଷ୍ଣ ତା' ପାଟି ଭିତରେ ହାତ ଭର୍ତ୍ତି କରି ତାକୁ ଶ୍ୱାସରୁଦ୍ଧ କରି ବିନାଶ କରିଥିଲେ। ଏବେ ମଧ୍ୟ ବୃନ୍ଦାବନ ଯମୁନା କୂଳରେ ଏକ ଘାଟର ନାମ କେଶୀଘାଟ ରହିଛି। ସେହି ସ୍ମୃତିରେ ଶ୍ରୀମନ୍ଦିରରେ କୃଷ୍ଣ ଲୀଳା କ୍ରମରେ କେଶୀ ବା କେକେଶୀ ବଧ ଲୀଳା ଅନୁଷ୍ଠିତ ହୋଇଥାଏ।

# ରାଜ୍ୟସ୍ତରୀୟ ସଙ୍ଗୀତ ଯୋଗାସନ ପ୍ରତିଯୋଗିତା

ପୁରୀ,୩୦।୮ (ସମିସ): ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଝାଡ଼େଶ୍ୱରୀ କ୍ଲବ୍ ଓ ଶ୍ରୀମା ଯୋଗ ମନ୍ଦିର ଏବଂ ହେଲ୍‌ଥ ପଏଣ୍ଟର ମିଳିତ ସହଯୋଗରେ ଝାଡ଼େଶ୍ୱରୀ କ୍ଲବ୍ ପ୍ରାଙ୍ଗଣରେ ପ୍ରଥମ ରାଜ୍ୟସ୍ତରୀୟ ସଙ୍ଗୀତ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯାହା କି ଯୋଗ ଇତିହାସରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବର୍ଗ ଯଥା- ମିନି, ଉପ କନିଷ୍ଠ, କନିଷ୍ଠ, ବରିଷ୍ଠ ଏବଂ ବୟସ୍କ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରତିଯୋଗିତାକୁ ଉତ୍ସାହର ସହିତ ଉପଭୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ କିଟ୍ ବିଶ୍ୱବିଦ୍ୟାଳୟର ଯୋଗ ପ୍ରାଧ୍ୟାପକ ଡ. ଶାନ୍ତାମତି ଦାଶ, ଜାତୀୟ ବିଚାରକ ମମତା ମହାନ୍ତି, ସଞ୍ଜୟ କୁମାର ପଣ୍ଡା, ସରୋଜ ମହାପାତ୍ର ଏବଂ ଝାଡ଼େଶ୍ୱରୀ କ୍ଲବ୍‌ର ବରିଷ୍ଠ ପ୍ରଶିକ୍ଷକ ସଞ୍ଜୟ କୁମାର ମିଶ୍ରଙ୍କୁ "ଯୋଗ ଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଗିରିଜା ଶଙ୍କର ଶତପଥୀ, ରଞ୍ଜନ କୁମାର ପାତ୍ର, ବସନ୍ତ ଖିଲାର, ଦିଲ୍ଲୀପ କୁମାର ଦାଶ, ଇଂ ମନସ୍ୱିନୀ ମିଶ୍ରଙ୍କୁ "ସୁ ବିଚାରକ' ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ମଧୁଛନ୍ଦା ସ୍ୱାଇଁ, ପରିବେଶବିତ୍ ସରୋଜ ଜେନା, ଅନ୍ତର୍ଜାତୀୟ ଯୋଗବିତ୍ ନିଖିଳ କୁମାର ଦଳାଇ, ଝାଡ଼େଶ୍ୱରୀ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ଓ ସମ୍ପାଦକ ପାର୍ଥସାରଥି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀମା ଯୋଗ ମନ୍ଦିରର ଲିପିନା ପାତ୍ର, ଝୁମୁନା ପାତ୍ର, ଅନୀତା ପାତ୍ର, ଶ୍ୱେତଲିନା ପାତ୍ର, ସଂଘମିତ୍ରା ସେଠୀ,



ପ୍ରଭାତୀ ହୋତା, ଅଞ୍ଜଳି କାନୁନ୍‌ଗୋ, ରୁଚିମିତ୍ରା ଜଗଦ୍ଦେବ ଏବଂ ମୀନତି ସାହୁଙ୍କୁ "ଯୋଗ ଜାଗୃତି' ସମ୍ମାନ ପ୍ରଦାନ କରାଯାଇଥିଲା। ପରିଶେଷରେ ତପସ୍ୱିନୀ ସେଠୀ, ଦେବଶ୍ରୀ ରଥ, ସ୍ୱସ୍ତିକ ରଞ୍ଜନ ରଣସିଂହ, ପି. ରାହୁଲ କୁମାର ରାଓ, ସୃଷ୍ଟି ସ୍ନିଗ୍ଧା ବେହେରା, ସୁନିତା ମାଝୀ, ବନିତା ଦୀକ୍ଷିତ, ପ୍ରଭାତୀ ହୋତା, ଆଲୋକ ପ୍ରଧାନ ସମସ୍ତ ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ସଞ୍ଜୟ କୁମାର ମିଶ୍ର ଯୋଗାସନର ମହତ୍ୱ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂଜା ନାଁରେ ଭକ୍ତଙ୍କୁ ଅନ୍‌ଲାଇନ୍ ଠକେଇ

ପୁରୀ,୩୦।୮ (ସମିସ)

ଅନ୍‌ଲାଇନ୍‌ରେ ଜଗନ୍ନାଥପ୍ରେମୀଙ୍କୁ କରାଯାଉଛି ଠକେଇ। ଅନ୍‌ଲାଇନ୍‌ରେ ମହାପ୍ରଭୁଙ୍କ ପୂଜା ସହ ନିର୍ମାଲ୍ୟ ମିଳିବା ନେଇ ବିଜ୍ଞାପନ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ପୂଜା ପରି ସେବା ନାମକ ଏକ ଆପ୍ ମାଧ୍ୟମରେ ଏଭଳି ବିଜ୍ଞାପନ ଦିଆଯାଇଥିବା ଦେଖିବାକୁ ମିଳିଛି। ୪ ପ୍ରକାରର ପୂଜା ପାଇଁ ଅଲଗା ଅଲଗା ପ୍ରକାର ମୂଲ୍ୟ ରହିଛି। ସ୍ୱତନ୍ତ୍ର ଅଭିଷେକ ପୂଜା ପାଇଁ ୭୫୦୦ ଟଙ୍କା, ତୁଳସୀ ଦାନ ପୂଜା ପାଇଁ ୫୫୦୧ ଟଙ୍କା, ସାଧାରଣ ଦର୍ଶନ ପାଇଁ ୨୫୦୦ ଟଙ୍କା ଏବଂ ଜଗନ୍ନାଥ, ବଳରାମ, ସୁଭଦ୍ରାଙ୍କ ମିଳିତ ପୂଜା ପାଇଁ ୪୭୫୦ ଟଙ୍କା ଦେବାକୁ ପଡ଼ିବ ବୋଲି ୱେବ୍‌ସାଇଟ୍‌ରେ ଉଲ୍ଲେଖ ଥିବାବେଳେ ଦେଶ ବାହାର ବହିରାଗତ ଭକ୍ତଙ୍କ ପୂଜା ପାଇଁ ଡଲାରରେ ମଧ୍ୟ ରେଟ୍‌ଚାର୍ଟ ମରାଯାଇଥିବା ଦେଖିବାକୁ ମିଳିଛି। ତେବେ ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବରିଷ୍ଠ ସେବାୟତ।

ଶ୍ରୀମନ୍ଦିରରେ ଅନ୍‌ଲାଇନ୍‌ର ଏଭଳି କୌଣସି ବ୍ୟବସ୍ଥା ନାହିଁ। ଭକ୍ତମାନେ ବାରମ୍ବାର ଅନ୍‌ଲାଇନ୍‌ରେ ଠକେଇ ହେଉଥିବାରୁ ତୁରନ୍ତ ଶ୍ରୀମନ୍ଦିର, ଜିଲ୍ଲା ଓ ପୁଲିସ ପ୍ରଶାସନ ଏଭଳି ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ସେବାୟତ। ସେପଟେ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପୁରୀ ଏସ୍‌ପି ପ୍ରତୀକ ସିଂ। ଅନ୍‌ଲାଇନ୍ ମାଧ୍ୟମରେ ବାରମ୍ବାର ଭକ୍ତଙ୍କୁ ଠକେଇ ହେଉଥିବାର ନଜିର ରହିଥିବା କହିଛନ୍ତି ଏସ୍‌ପି। ଏହି ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇଛି। ତେବେ ସାଇବର ଏକ୍ସପର୍ଟଙ୍କ ଦ୍ୱାରା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ।

ଘଟଣାର ତଦନ୍ତ ପରେ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପଟେ ଭବିଷ୍ୟତରେ ଶ୍ରୀମନ୍ଦିର ସମ୍ପର୍କିତ ଶବ୍ଦାବଳୀର କେହି କିଭଳି ବ୍ୟବହାର କରିପାରିବେ ନାହିଁ ସେଥିପାଇଁ ଏହାର ପେଟେଣ୍ଟ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଉଚ୍ଚସ୍ତରୀୟ ବୈଠକ ପରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି।

DSPL-243





ସ୍ୱାୟତ୍ତ ଶାସନ ଦିବସ ଅବସରରେ
ନିମ୍ନ ଲିଖିତ ପ୍ରକଳ୍ପଗୁଡିକର
ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
୩୧ ଅଗଷ୍ଟ ୨୦୨୫

ପ୍ରକଳ୍ପ ଉଦ୍‌ଘାଟନ

**୧୫୦ ଟନ୍ ସାମଗ୍ରୀ ପୁନରୁଦ୍ଧାର ସୁବିଧା (ଏମ୍.ଆର୍.ଏଫ୍),** ପଳାଶୁଣୀ | **୧୦ ଟନ୍ ପ୍ଲାଜ୍‌ମା ପାଇରୋଲିସିସ୍ ଫ୍ୟାସିଲିଟି,** ଗାଡ଼କଣ | **ହ୍ୱାଟ୍ସଆପ୍ ବଟ୍,** ବିଏମ୍‌ସି

- **ୱାର୍ଡ କାର୍ଯ୍ୟାଳୟ ଗୃହ** - ୱାର୍ଡ ନଂ ୧, ୱାର୍ଡ ନଂ ୬, ୱାର୍ଡ ନଂ ୧୨, ୱାର୍ଡ ନଂ ୧୮, ୱାର୍ଡ ନଂ ୨୫, ୱାର୍ଡ ନଂ ୨୭, ୱାର୍ଡ ନଂ ୩୦, ୱାର୍ଡ ନଂ ୪୧, ୱାର୍ଡ ନଂ ୪୯, ୱାର୍ଡ ନଂ ୫୦, ୱାର୍ଡ ନଂ ୫୧, ୱାର୍ଡ ନଂ ୫୪, ଏବଂ ୱାର୍ଡ ନଂ ୬୩
- **ଗ୍ୟାସ୍ ମଶାଣି** (ୱାର୍ଡ ନଂ - ୪୯ )
- **ପାର୍କ** , ଜଗମୋହନ ନଗର ଲେନ୍-୧ (ୱାର୍ଡ ନଂ - ୬୩ )
- **ମିଶନ ଶକ୍ତି ଗୃହ,** ତପୋବନ ବସ୍ତି (ଜାଗମରା, ୱାର୍ଡ ନଂ- ୬୩)
- **ମିନି ପାର୍କ,** ପ୍ଲଟ ନଂ-୫୨୮, କେ-୯ ବି, ପାତ୍ରପଡ଼ା (ୱାର୍ଡ ନଂ-୬୫)
- **ମିନି ପାର୍କ,** ଉଦୟଗିରି ବିହାର, ପାତ୍ରପଡ଼ା (ସିଦ୍ଧ ମହାବୀର ମନ୍ଦିର, ୱାର୍ଡ ନଂ- ୬୫)
- **କମ୍ୟୁନିଟି ସେଣ୍ଟର,** ଭିମଟାଙ୍ଗୀ, (ୱାର୍ଡ ନଂ- ୬୧)
- **୩ଟି ଦୁଇଟିକିଆ ପାଇଖାନା,** (ୱାର୍ଡ ନଂ- ୫୭)
- **ପରିଚୟ ଗୃହ ନିର୍ମାଣ,** ସାମନ୍ତରାପୁର (ୱାର୍ଡ ନଂ- ୫୯)
- **ପାର୍କ,** ଏନ୍.ଏ.ସି. କଲୋନୀ (ଆହାର କେନ୍ଦ୍ର ନିକଟ, ୱାର୍ଡ ନଂ- ୪୧)
- **ଆରସିସି ଡ୍ରେନ ସହ କଭର ସ୍ଲାବ,** ଜାତୀୟ ରାଜପଥ - ୧୬ ପ୍ରାଚୀ ବିହାରରୁ ପାଣ୍ଡରା ଅଠରନଳା ପର୍ଯ୍ୟନ୍ତ (ୱାର୍ଡ ନଂ- ୧୮ )

ଭିତ୍ତିପ୍ରସ୍ତର ସ୍ଥାପନ

**ଶ୍ମଶାନ ନିର୍ମାଣ,** ପଳାଶୁଣୀ, ୱାର୍ଡ ନଂ- ୫ | **ୱାର୍ଡ ଅଫିସ,** ୱାର୍ଡ ନଂ- ୩

**ଶ୍ରୀ ଚଞ୍ଚଳ ରାଣା** ଭା.ପ୍ର.ସେ
**ଆୟୁକ୍ତ,** ବିଏମ୍‌ସି

**ଶ୍ରୀମତୀ ମଞ୍ଜୁଲତା କହଁର**
**ଡେପୁଟି ମେୟର,** ବିଏମ୍‌ସି


**ଶ୍ରୀମତୀ ସୁଲୋଚନା ଦାସ**
**ମେୟର,** ବିଏମ୍‌ସି

**ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ/ଅଧ୍ୟକ୍ଷା ଏବଂ କର୍ପୋରେଟର ବୃନ୍ଦ**

ଭୁବନେଶ୍ୱର ମହାନଗର ନିଗମ

OIPR-13002/13/0244/2526

# ଜଳଖିଆ ଥାଳିରୁ ନିର୍ବାସନ





ମୂଳ ଇଂରାଜୀ : ଲାରୀ ଫଣ୍ଡସନ

ଅନୁବାଦ: ନନ୍ଦିତା ମହାନ୍ତି

ରାସ୍ତାକଡ଼ରେ ଥିବା ରେଷ୍ଟୁରାଣ୍ଟର, ଝରକା କାଚରେ ଲାଗିଥିବା ଲେଖାଟି ମୋତେ ପ୍ରଲୋଭିତ କରୁଥିଲା ତା' ଭିତରକୁ ଯିବା ପାଇଁ । ଗୋଟିଏ ଡଲାର ବଦଳରେ ମୁଁ ପାଇପାରିବି ଦୁଇଟି ଅଣ୍ଡା, ଟୋଷ୍ଟ ଓ ଆଳୁଭଜା । ସେହି ସ୍ଥାନଟି ଅନ୍ୟାନ୍ୟ ସବୁ ପରିବାର ଦ୍ୱାରା ପରିଚାଳିତ ରେଷ୍ଟୁରାଣ୍ଟ ଅପେକ୍ଷା ଅଧିକ ଭଲ ଦେଖା ଯାଉଥିଲା ଓ ପରିଷ୍କାର ପରିଚ୍ଛନ୍ନ ବି ଲାଗୁଥିଲା । ସେହି ଲେଖାଟି ଥିଲା ଏକ ହାତ-ଲେଖା ଅଥଚ ଖୁବ୍ ପରିଚ୍ଛନ୍ନ । କାଗଜଟି ଅବଶ୍ୟ କିଛିଟା ହଳଦିଆ ପଡ଼ି ଆସିଥିଲା, ହେଲେ କଳା ରଙ୍ଗର କାଳିରେ ଲେଖା ହୋଇଥିବା ଅକ୍ଷରଗୁଡ଼ିକ ଥିଲା ସୁସ୍ପଷ୍ଟ । ସବୁଜ- ଧଳା ରଙ୍ଗର ଏକ ସାମିଆନା ଟଙ୍ଗା ଯାଇଥିଲା ଦରଜା ଉପରେ, ଯେଉଁଥିରେ ଷ୍ଟେନ୍ସିଲ କରାଯାଇ ଲେଖା ହୋଇଥିଲା 'କ୍ଲାରାଜ' ଅର୍ଥାତ୍ ତାହା କ୍ଲାରା ପରିବାର ଦ୍ୱାରା ପରିଚାଳିତ ହେଉଥିଲା ।

ଭିତରେ...ଭିତରଟି ଥିଲା ଖୁବ୍ ଆକର୍ଷଣୀୟ ଯଦିଓ ପରିପାଟୀ ଥିଲା ପୁରୁଣାକାଳିଆ । ଭିତର ପବନର ବାସ୍ନା ଥିଲା ତାଜା ଓ ଘରୋଇ, ସାଧାରଣ ରେଷ୍ଟୁରାଣ୍ଟ ପରି ତେଲିଆ ବାସ୍ନା ବି ନ ଥିଲା ଭିତରେ । ଏକ କଳାପଟା ଉପରେ ଖାଦ୍ୟସାରଣୀ ବା ମେନ୍ୟୁର ସବିଶେଷ ବିବରଣୀ ଲେଖା ଯାଇଥିଲା । ଏହା ଥିଲା କ୍ଷୁଦ୍ର କିନ୍ତୁ ସିଧାସପାଟ । ସେଥିରେ ଲେଖାଥିଲା ବିଭିନ୍ନ ପ୍ରକାର ଟୋଷ୍ଟର ନାମ ଯେଉଁଥିରୁ ଜଣେ ବାଛିପାରିବ ନିଜ ମନପସନ୍ଦର ଟୋଷ୍ଟ । ସେଇ ଲିଷ୍ଟ ମଝିରୁ ଗୋଟିଏ ନାମକୁ ଲିଭେଇ ଦିଆ ଯାଇଥିଲା । କିନ୍ତୁ ସେଇ କଟାଛଟାରୁ ମୁଁ ଅନୁମାନ କରି ପଢ଼ି ପାରିଥିଲି ଯେ ଏହା ଥିଲା ରାଇ ( ଶୀତପ୍ରଧାନ ଦେଶରେ ଚାଷ କରାଯାଉଥିବା ଏକ ପ୍ରକାର ଧାନ ପରି ଖାଦ୍ୟଶସ୍ୟ ଯାହାର ଅଟାରୁ ପାଉଁରୁଟି ଓ ମଦ୍ୟ ପ୍ରସ୍ତୁତ କରାଯାଏ ) । ହେଲେ ରାଇରୁ ପ୍ରସ୍ତୁତ ଟୋଷ୍ଟ ମୋର ଜମାରୁ ପସନ୍ଦ ନୁହେଁ ।

ଯେହେତୁ ମୁଁ ଏକୁଟିଆ ଥିଲି ଖାଲି ଥିବା ଟେବୁଲଗୁଡ଼ିକୁ ଛାଡ଼ି, ମୁଁ ଯାଇ କାଉଣ୍ଟରରେ ବସିଲି, ଭାବିଲି ଯଦି କେହି ପରିବାର ସହିତ ଆସିବେ ତେବେ ସେଠାରେ ବସିପାରିବେ । ସେଇ ସମୟରେ ବ୍ୟବସାୟ ଟିକେ ମାନ୍ଦା ଥିଲା । କେବଳ ଦୁଇଟି ଟେବୁଲରେ କିଛି ଲୋକ ବସିଥିଲେ ଆଉ ମୁଁ ମଧ କାଉଣ୍ଟରରେ ଏକୁଟିଆ ଥିଲି । ଅବଶ୍ୟ ଏବେ ବି ସମୟ ହୋଇନଥିଲା – ସକାଳ ୭.୩୦ ବି ହୋଇ ନଥିଲା ।

କାଉଣ୍ଟର ସେପାଖେ ଜଣେ ଗେଡ଼ା ଲୋକ ଛିଡ଼ା ହୋଇଥିଲା ଯାହାର ଥିଲା ଗାଢ଼ କଳା ରଙ୍ଗର ଚୁଟି, ଜୁଆଳିଆ ନିଶ, ଯୁବକ ସୁଲଭ ଦାଢ଼ି ଯାହା ଗତଥର କଟା ହେବା ପରେ ବିଶେଷ ବଢ଼ି ନଥିଲା । ସିଏ ଖୁବ୍ ସୁନ୍ଦର ଭାବରେ ପୋଷାକ ପିନ୍ଧିଥିଲା, ସେଫର ସଫେଦ ପୋଷାକ – ପ୍ୟାଣ୍ଟ, ସାର୍ଟ ଓ ଆପ୍ରୋନ, କିନ୍ତୁ ଟୋପି ନ ଥିଲା । ତା'ର ସ୍ୱର ଥିଲା ଦୃଢ଼ ଓ ଗମ୍ଭୀର । ତା'ର ସାର୍ଟରେ 'ଜାଭିଅର୍' ନାମଫଳକଟି ସିଲେଇ ହୋଇଥିଲା ।

ମୁଁ କଫି ବରାଦ କଲି, ଆଉ ତାଙ୍କୁ ଗୋଟେ ମିନିଟର୍ ସମୟ ମାଗିଲି ଏକ ଡଲାରରେ ମିଳୁଥିବା ସକାଳର ସ୍ୱେଶାଲ୍ ଜଳଖିଆ ଓ ୧. ୫୯ ଡଲାରରେ ମିଳୁଥିବା ଚିଜ୍ ଆମଲେଟ୍ ମଧ୍ୟରୁ ଗୋଟିକୁ ବାଛିବା ପାଇଁ । ଆଉ ଶେଷରେ ମୁଁ ଆମଲେଟ୍ ହିଁ ବାଛିଥିଲି ।

କଫି ଗରମ, କଡ଼ା ଓ ତାଜା ଥିଲା । ମୁଁ ମୋର ଖବର କାଗଜକୁ କାଉଣ୍ଟର୍ ଉପରେ ମେଲେଇ ଦେଲି ଓ ମଗରୁ ଧୀରେ ଧୀରେ କଫି ପିଇବାକୁ ଲାଗିଲି । ଆଉ ଜାଭିଅର୍ ମୁଁ ବରାଦ କରିଥିବା ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଗ୍ରୀଲ୍ ନିକଟକୁ ଗଲା । ତାୱା ଉପରେ ଫେଣ୍ଟା ହୋଇଥିବା ଅଣ୍ଡା ଭଜା ହୋଇଥିଲା, ଟୋଷ୍ଟର୍ ଭିତରେ ପାଉଁରୁଟି ଡେଉଁଥିଲା, ଆଉ ସେତିକିବେଳେ ପୁଲିସ ଅଧିକାରୀମାନେ ଆସି ପହଞ୍ଚି ଯାଇଥିଲେ ସେଠାରେ । ସେମାନେ ଅଚାନକ ମାଡ଼ି ବସିଥିଲେ ଜାଭିଅର୍‌କୁ । ତା'ର ଦୁଇ ହାତକୁ ବଳପୂର୍ବକ ପଛକୁ ମୋଡ଼ି ଦେଇଥିଲେ । ସିଏ ବି କିଛି କହି ନଥିଲା । ସିଏ ଏହାର ପ୍ରତିରୋଧ ମଧ କରି ନ ଥିଲା । ଆଉ ସେମାନେ ତାକୁ ଧକ୍କା ମାରି କବାଟ ବାହାରକୁ ନେଇ ଯାଇଥିଲେ ଆଉ ତା'ପରେ ପୂରେଇ ଦେଇଥିଲେ ସେଠାରେ ଅପେକ୍ଷା କରିଥିବା କାର ଭିତରେ ।

ଗ୍ରୀଲ୍ ଉପରେ ମୋର ଅଣ୍ଡା ଫୁଟୁଥିଲା । ମୁଁ ଆଉ କୌଣସି ପରିଚାରକକୁ ଡାକିବା ପାଇଁ ଚାରିଆଡ଼େ ଚାହିଁଲି । ହୁଏତ ସିଏ ପଛପଟେ କେଉଁଠି ଥିବ କିମ୍ବା ଗାଧୁଆଘରେ ପଶିଥିବ । ମୁଁ କାଉଣ୍ଟର ଉପରେ ଉହୁଙ୍କି ପଡ଼ି ଡାକିଲି ତାକୁ । ହେଲେ କେହି ହେଲେ ଉତ୍ତର ଦେଲେ ନାହିଁ । ମୁଁ ମୋ ପଛରେ ପଡ଼ି ଥିବା ଟେବୁଲକୁ ଚାହିଁଲି । ଦୁଇଜଣ ବୟସ୍କ ଭଦ୍ରଲୋକ ଗୋଟେ ଟେବୁଲରେ ବସିଥିଲେ ଆଉ ଅନ୍ୟଟିରେ ଦୁଇଜଣ ବୟସ୍କା ମହିଳା ବସିଥିଲେ । ମହିଳା ଦୁଇ ଜଣ କଥାବାର୍ତ୍ତା ହେଉଥିଲେ । ପୁରୁଷମାନେ ଖବରକାଗଜ ପଢୁଥିଲେ । ଲାଗୁଥିଲା ଯେମିତି ସେମାନେ ଜାଭିଅର୍‌ର ଯିବା ବିଷୟରେ କିଛି ଜାଣି ନଥିଲେ ।

ମୁଁ ବାସ୍ନାରୁ ଜାଣି ପାରୁଥିଲି ଯେ, ମୋର ଆମଲେଟ୍ ଏବେ ପୋଡ଼ିବା ଆରମ୍ଭ ହୋଇଯାଇଛି । ମୁଁ ବୁଝି ପାରୁନଥିଲି ମୋର କ'ଣ କରିବା ଉଚିତ । ମୁଁ ଥରେ ଜାଭିଅର୍ ବିଷୟରେ ଭାବିଲି ଓ ତା'ପରେ ବିକଳ ହୋଇ ମୋର ଆମଲେଟକୁ ଚାହିଁଲି । ମୋ ମନରେ ଥିବା ସଙ୍କୋଚ କମ ହୋଇଗଲା ପରେ , ମୁଁ ମୋର ନାଲି ରଙ୍ଗର ଘୂରୁଥିବା ଚୌକି ଉପରୁ ଉଠିପଡିଲି ଓ କାଉଣ୍ଟର ପଛକୁ ଚାଲିଗଲି । ମୁଁ ସେଠାରେ ପଡ଼ିଥିବା ଗୋଟେ ଆପ୍ରନକୁ ଟାଣି ଆଣିଲି, ତା'ପରେ ଗୋଟେ ପିଠାପାତିଆ ନେଇ ଓଲଟେଇ ଦେଲି ମୋର ଆମଲେଟ୍‌କୁ । ମୋର ଟୋଷ୍ଟ, ଟୋଷ୍ଟର ବାହାରକୁ ଆସି ସାରିଥିଲା, କିନ୍ତୁ ତାହା ବେଶୀ ବାଦାମି ହୋଇନଥିଲା । ମୁଁ ତାକୁ ପୁଣିଥରେ ଚାପି ଦେଲି ଟୋଷ୍ଟର ଭିତରକୁ । ମୁଁ ଯେତେବେଳେ ରୋଷେଇ କରୁଥିଲି ସେଇ ଦୁଇଜଣ ବୟସ୍କା ମହିଳା କାଉଣ୍ଟର ନିକଟକୁ ଆସିଲେ ଓ କେତେ ପଇସା ହେଲା ପଚାରିଲେ । ମୁଁ ତାଙ୍କୁ ପଚାରିଲି – "ସେମାନେ କ'ଣ କ'ଣ ଖାଇଲେ ।" ସେମାନେ ମୋର ପ୍ରଶ୍ନ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ ଯେ, ମୁଁ କିପରି ଏକଥା ମନେ ରଖିନାହିଁ । ମୁଁ ଦାମଗୁଡ଼ିକକୁ ବ୍ଲାକ୍‌ବୋର୍ଡରୁ ଚେକ୍ କଲି ଆଉ ତାଙ୍କର ହିସାବ କରିଦେଲି । ସେମାନେ ସେମାନଙ୍କର ବିରାଟ ବଡ଼ ପର୍ସ ଭିତରୁ ବଡ଼ କଷ୍ଟରେ ପଇସା କାଢ଼ି ପେମେଣ୍ଟ କଲେ ଓ ମୋତେ ଏକ ଡଲାର ବକସିସ୍ ଦେଇ ଚୁପ୍‌ଚାପ୍ ସେଠାରୁ ଚାଲିଗଲେ । ମୁଁ ଗ୍ରୀଲ୍ ଉପରୁ ମୋର ଆମଲେଟ୍ କାଢ଼ିଲି ଆଉ ଧୀରେ କିନା ଗୋଟିଏ ପରିଷ୍କାର ପ୍ଲେଟ୍ ଉପରେ ତାକୁ ରଖିଦେଲି । ମୋର ଟୋଷ୍ଟ ବାହାରି ସାରିଥିଲା । ମୁଁ ତା'ଉପରେ ବଟର ଲଗେଇଲି ଓ ପ୍ଲେଟ୍‌ରେ ଆମଲେଟ୍ କଡ଼ରେ ତାକୁ ରଖିଲି । ତା'ପରେ ମୁଁ ମୋର ପ୍ଲେଟ୍‌କୁ ନେଇ କାଉଣ୍ଟର ଉପରେ ମୁଁ ବସୁଥିବା ସ୍ଥାନରେ ରଖିଲି, ଠିକ୍ ମୋର ଖବରକାଗଜ ଧାରରେ । ମୁଁ ଯେମିତି କାଉଣ୍ଟର ପଛରୁ ନିଜର ଷ୍ଟୁଲ୍ ନିକଟକୁ ଆସିବାକୁ ଆରମ୍ଭ କଲି ଛଅ ଜଣ ନୂଆ ଗରାଖ କବାଟ ଦେଇ ଭିତରକୁ ପଶି ଆସିଲେ । "ଆମେ କେତୋଟି ଟେବୁଲକୁ ଏକାସାଙ୍ଗେ ରଖିପାରିବୁ କି ?" ସେମାନେ ପଚାରିଲେ – "ଆମେ ସମସ୍ତେ ଗୋଟିଏ ଦଳର ।"

ମୁଁ ସେମାନଙ୍କୁ 'ହଁ' କହିଲି । ସେମାନେ ଛଅଟି କଫି ବରାଦ କଲେ, ଯେଉଁଥିରୁ ଦୁଇଟି କ୍ୟାଫିନ ରହିତ ।

ମୁଁ ସେମାନଙ୍କୁ କହିବାକୁ ଚାହୁଁଥିଲି ଯେ, ମୁଁ ଏଠାରେ କାମ କରେ ନାହିଁ । କିନ୍ତୁ ସେମାନେ ବୋଧହୁଏ ଖୁବ୍ ଭୋକିଲା ଥିଲେ । ମୁଁ ସେମାନଙ୍କ କପ୍‌ରେ କଫି ଢାଳିଲି । ସେମାନଙ୍କର ଅର୍ଡର ଖୁବ୍ ସାଧାସିଧା ଥିଲା । ଛଅଟି ସ୍ୱେଶାଲ୍ ଜଳଖିଆ, ସବୁଗୁଡ଼ିକ ଅଣ୍ଡାଭଜା ଓ ଗହମ ଟୋଷ୍ଟ ସହିତ । ମୁଁ ତରତର ହୋଇ ଗ୍ରୀଲ୍‌ରେ ରୋଷେଇ କରିବାକୁ ଲାଗିଲି ।

ତା'ପରେ ସେହି ବୟସ୍କ ଲୋକଜଣକ ପଇସା ଦେବା ପାଇଁ ଆସିଲା । ଆହୁରି ଅନେକ ଗରାଖ ଆସିବାକୁ ଲାଗିଲେ । ଆଠଟା ତିରିଶ ବେଳକୁ ମୋ' ହାତରେ ଅନେକ କାମ ଥିଲା । ଏହି ପରି ବ୍ୟବସାୟ ହେଉଥିବା ବେଳେ ଜାଭିଅର୍ ଯେ, କାହିଁକି ଜଣେ ପରିଚାରିକା ଆଜି ଯାଏଁ ରଖି ନାହିଁ ସେକଥା ମୁଁ ବୁଝି ପାରୁନଥିଲି । ବୋଧହୁଏ ଆସନ୍ତାକାଲି ମୁଁ 'ପରିଚାରିକା ଆବଶ୍ୟକ' ବୋଲି ଏକ ବିଜ୍ଞାପନ ଦେବି ଖବରକାଗଜରେ । ଆଗରୁ ମୁଁ କେବେ ହେଲେ ରେଷ୍ଟୁରାଣ୍ଟ ବ୍ୟବସାୟ କରିନାହିଁ । ତେଣୁ କରି ମୁଁ ଏହାକୁ ଏକୁଟିଆ କେବେ ହେଲେ ଚଳେଇ ପାରିବି ନାହିଁ । ■

ଭୁବନେଶ୍ୱର ପ୍ରଧାନ ଡାକଘର
ଭୁବନେଶ୍ୱର-୭୫୧୦୦୧
ମୋ: ୮୨୪୯୪୩୭୨୭୬

## ପୁସ୍ତକ ପରିଚୟ

### ମତେ ନାୟିକା କରିନିଅ

ସମରେନ୍ଦ୍ର ବଳିଆରସିଂହ





ପର୍ଲ ବୁକ୍‌ସ
ମଧୁସୂଦନ ନଗର, ତୁଳସୀପୁର
କଟକ-୭୫୩୦୦୮
ପ୍ରଥମ ମୁଦ୍ରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଛୋଟ ଛୋଟ ଅନୁଭୂତି, ନିବିଡ଼ ଅନୁଭବ, ଭାବପ୍ରବଣ ମୁହୂର୍ତ୍ତ, କିଛି କଳ୍ପନାକୁ ନେଇ ଉତୁରି ଆସେ ସୁନ୍ଦର ଗପଟିଏ । ଏଭଳି କିଛି ଅନୁଭବ ଓ ଅନୁଭୂତିକୁ ନେଇ ପ୍ରକାଶ ପାଇଛି ସମରେନ୍ଦ୍ର ବଳିଆରସିଂହଙ୍କ 'ମତେ ନାୟିକା କରିନିଅ' ଗଳ୍ପ ପୁସ୍ତକ । ଏହି ପୁସ୍ତକରେ ୪୦ ଗପଟି ସଂକଳିତ ହୋଇଛି । ମାନବୀୟ ପ୍ରେମ, ପାରିବାରିକ ସଂପର୍କ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ଅନେକ ଗପରେ । 'ଶ୍ୟାମଳୀ ଘରେ ନାହିଁ କି?', 'ସଂପର୍କର ଆରପାଖ', 'ଝର୍କା ଆରପଟେ...', 'ଛିନ୍ନପତ୍ର', 'ମିଛର ସମାଧି', 'ଅନ୍ତଃସ୍ୱର', 'ବରଗଛ ଭଳି ମଣିଷ', 'ଧଳା ମଣିଷ', 'କଣ୍ଟା ଓ ହମ୍ପସ୍', 'ସଂପର୍କର କୁଆପଥର', ଆଦି ଗପଗୁଡ଼ିକରେ ପ୍ରେମ ଓ ଜୀବନମୟତାର ପ୍ରତିଛବି ପ୍ରତିଫଳିତ ହୋଇଛି । ସେହିପରି 'ଆଉ ଏକ ପୃଥିବୀ', 'ନିର୍ବାଣର ନାୟିକା', 'ତମର ସିଆଡ଼େ ଶୀତ କେମିତି', 'ଠିକ୍ ଅଛି...ମୁଁ ରାଜି', 'କୁମ୍ଭକର୍ଣ୍ଣ ଓ ଭୋକ', 'ସ୍ୱପ୍ନ ଓ ସର୍ତ୍ତ', 'ସ୍ଥାନ, କାଳ, ପାତ୍ର' ଆଦି ମିନି ଗପରେ ପ୍ରେମ ଓ ନିବିଡ଼ ଭଲ ପାଇବାର ସଂକେତ ପ୍ରସ୍ଫୁଟିତ ହୋଇଉଠିଛି । ଏଭଳି କିଛି ସ୍ମରଣୀୟ ପ୍ରେମମୟ ମୁହୂର୍ତ୍ତକୁ ଗାଳ୍ପିକ ଅତି ସଂକ୍ଷେପରେ ଅଥଚ ମାର୍ମିକ ଭାବେ ଏହି ସବୁ ଗପରେ ରୂପ ଦେଇଛନ୍ତି । 'ମତେ ନାୟିକା କରିଦିଅ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।■

### ଚିନ୍ମୟୀ ଚିନ୍ତନ

ଚିନ୍ମୟୀ ପଣ୍ଡା




ତୀରତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
ପ୍ରଥମ ମୁଦ୍ରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ସାଂପ୍ରତିକ ସମସ୍ୟା, ଘଟଣାବଳୀ, ରାଜନୀତି, ଅର୍ଥନୀତି, ସାହିତ୍ୟ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଚିନ୍ମୟୀ ପଣ୍ଡାଙ୍କ ରଚିତ 'ଚିନ୍ମୟୀ ଚିନ୍ତନ' ପୁସ୍ତକ ପ୍ରକାଶ ପାଇଛି । ଖବରକାଗଜରେ ପ୍ରକାଶିତ ବିଭିନ୍ନ ପ୍ରସଙ୍ଗକୁ ନେଇ ୩୮ଟି ଆଲୋଚନା ଏହି ପୁସ୍ତକରେ ସଂକଳିତ ହୋଇଛି । 'ଖବରର ଚକ୍ରବ୍ୟୂହରେ ବାତ୍ୟା', 'ବାହାଘର କ'ଣ ଗୋଟିଏ ସମସ୍ୟା ନା' ସମାଧାନ?', 'ମଣିଷ କେବେ ପଶୁ ଭଳି ହେଇପାରେ?', 'ଡିଜିଟାଲ୍ ହାଟ, ପାଦ ଗଣି ଗଣି ଚାଲ ବାଟ', 'ଆପଣ ସମାଜ ପାଇଁ କେତେ ଦରକାରୀ?', 'ଆତ୍ମୀୟତାର ପରଶ', 'ଆମେ, ସେମାନେ ଓ ଜେନେରେସନ୍ ଗ୍ୟାପ୍', 'ତୁମ ବିଦେଶ ପ୍ରୀତିରେ ମୋ ଦେଶ ରହିବଟି?', 'ଭାଇରାଲ ମୋନାଲିସାମାନେ କୁଆଡ଼େ ଯାଆନ୍ତି?' ଆଦି ଆଲୋଚନାରେ ପ୍ରତିଦିନ ଆମେ ସାମ୍ନା କରୁଥିବା ବିଭିନ୍ନ ସାମାଜିକ ସମସ୍ୟା ଓ ତାହାର ସମାଧାନ ସଂପର୍କରେ ଲେଖିକା ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । କେତେକ ପ୍ରସଙ୍ଗ, ସମସ୍ୟାକୁ କାହାଣୀ ମାଧ୍ୟମରେ ଚମତ୍କାର ଭାବେ ବର୍ଣ୍ଣନା କରି ସମାଧାନର ପଥ ପ୍ରଦର୍ଶନ କରିଛନ୍ତି । ସେଭଳି 'ସୁନା ପୁଅ ଓ ରୁପା ଝିଅଙ୍କ କାହାଣୀ', 'ଶିଶୁ ସାହିତ୍ୟ ଲୋଡ଼ା କାହିଁକି?', 'ଆମେ କ'ଣ ରାମାୟଣ ବୁଝି ପାରିଚେ?' ଆଦି ରଚନାଗୁଡ଼ିକ ମଧ ଉପାଦେୟ ଓ ମନଛୁଆଁ ହୋଇଛି । ଏହି ପୁସ୍ତକର ଆଲୋଚନାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■



ମୂଳ ହିନ୍ଦୀ : ଦିବିକ ରମେଶ

ଅନୁବାଦ : ଶୈଳବାଳା ମହାପାତ୍ର

## ଗାଁ ଘରେ ମାଆ

ଇଚ୍ଛା ଥିଲା
ମାଆ ବି ଆସି ରହନ୍ତା
ଏଇଠି, ଏଇ ସହରରେ ।

କିନ୍ତୁ ମାଆ ଚାହୁଁଥିଲା
ଗାଁ ବି ଆସନ୍ତା ସାଙ୍ଗରେ
ଯାହା ମଞ୍ଜୁର ନଥିଲା
ନା ମତେ
ନା ଏ ସହରକୁ !

ଆସି ପାରିଲାନି ମାଆ
ଏଇ ସହରକୁ
ଆସି ପାରିଲାନି ଗାଆଁ !

ଆଉ ମୁଁ ବା କ'ଣ କରନ୍ତି
ଗାଁକୁ ଯାଇ !

ତେବେ ଦେଖେ,
ଗାଁରୁ କିଛି ଏବେ ବି ଲାଖି ରହିଛି
ଦେହର କେଉଁ ନିଭୃତ କୋଣରେ
ଏଠି ସେଠି ଛିଟିକା ପଡ଼ିଲା ଭଳି

ମାଆ ଆସନ୍ତା
କାହାକୁ କିଛି ନଜଣାଇ
ତ ଅଳ୍ପ ବହୁତେ ଗାଁ ଆସନ୍ତା ନା
ଏଇ ସହରକୁ !

ହେଲେ ,କେମିତି ଆସନ୍ତା
ସେ ଖୋଲାମେଲା ବାରଣ୍ଡା
ଅଗଣା -
ଯୋଉଠି ଖଟିଆରେ ବସି
ଫରମାସ୍ କରୁଥାଏ ମାଆ
କାନ୍ଥ ସେପଟେ ଠିଆ ଝିଅ ଖୁଡ଼ିଙ୍କୁ
ବୋହୂମାନଙ୍କୁ
ପଡ଼ିଶାଘର ନାରଖାରୀଠୁ
ମୋଡ଼ା ଘଷା ଖାଏ
ଆରାମ କରୁଥାଏ କଅଁଳ ଖରା ଘୋଡ଼ି ହୋଇ
କେଉଁ ଏକ ଲୋକଗୀତ ଗୁଣୁଗୁଣେଇ !

କେମିତି ଆସନ୍ତା
ସେଇ ଗାଉଁଲି କଥାବାର୍ତ୍ତା--
କ୍ଷେତ,ଡେଣ୍ଡା, କୂଅ ଆଉ ଖଳାବାଡ଼ିର ପ୍ରସଙ୍ଗ!



ନୂଆ ଗଢ଼ା ବସତି
ଯାହା ଠିଆ ଆଗାମୀ ନିର୍ବାଚନ ଆଗରୁ
ସ୍ୱୀକୃତି ପାଇବା ଧାଡ଼ିରେ ।

କେମିତି ଆସନ୍ତା ସେଇ ସବୁ ଗଛ
ଯେଉଁଠି ଆଜି ବି ଅଛି
ଇତିହାସ !! ■

## ଆତ୍ମ ସମ୍ବାଦ

ଜାଣିବାକୁ ଚାହେଁ ପାହାଡ଼ଠୁ
ଦେଖିବାକୁ ତ ସିଏ
ଅଟଳ ସ୍ଥିର ଶାନ୍ତ
ସାମ୍ୟର ପ୍ରତ୍ୟୟ

ତ ପୁଣି ଭିତରେ ଥାଏ କେଉଁସବୁ ଅନୁଭବ
ଯେ' ଲୁହର ନଦୀ ହୋଇ ବହିଆସେ
ଏତେ କୋମଳ
ଏତେ ଉଦାସ

ବାସ୍
ଜରୁରି କେବଳ
ଥାପୁଡ଼େଇ ଦେବାର
ଏକାନ୍ତ ଆପଣା ଗୋଟେ ବିଶ୍ୱାସ !! ■

ଶୀଳାଚିନ୍ମୟ
ମଧୁବନ ଷଷ୍ଠ ଗଳି
ଟିକରପଡ଼ା ରୋଡ, ପୁରୀ -୨
ମୋ: ୭୦୦୮୫୮୬୫୦୧

# ସଂସ୍କୃତି ଓ ସମ୍ବେଦନାର ଭାଷ୍ୟକାର ମାଥ୍ୟୁ ଆରନୋଲ୍ଡ



ବିଜୟକୁମାର ପାଢ଼ୀ

ଗଣତନ୍ତ୍ରର ଅଭ୍ୟୁଦୟ, ବ୍ରିଟିଶ୍ ସାମ୍ରାଜ୍ୟର ବିସ୍ତାର, ଅକ୍ସଫୋର୍ଡ ଆନ୍ଦୋଳନ, ବିଜ୍ଞାନର ଅଗ୍ରଗତି ଓ ଦ୍ରୁତ ଶିଳ୍ପାୟନ ଥିଲା ଊନବିଂଶ ଶତାବ୍ଦୀରେ ଭିକ୍ଟୋରିଆ ଯୁଗର ପ୍ରମୁଖ ଘଟଣାବଳୀ । ବିଜ୍ଞାନର ବ୍ୟାପକ ପ୍ରଭାବ ଦ୍ୱାରା ମଣିଷର ହୃଦୟରୁ ଧର୍ମ, ବିଶ୍ୱାସ ଏବଂ ମାନବିକତା ଧୀରେ ଧୀରେ ଅପସରି ଗଲା । ସେହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ଯୁଗର ପ୍ରଥିତ ଯଶା ସାହିତ୍ୟିକ ଆଲ୍‌ଫ୍ରେଡ୍ ଟେନିସନ୍, ରର୍ବଟ ବ୍ରାଉନିଙ୍ଗ ଏବଂ ମାଥ୍ୟୁ ଆରନୋଲ୍ଡଙ୍କ ଭଳି କବିମାନେ ସାଜି ଥିଲେ ଭବିଷ୍ୟ ଦ୍ରଷ୍ଟା ତଥା ଯୁଗ ପ୍ରବର୍ତ୍ତକ, ଆପଣାର କାଳଜୟୀ ସାହିତ୍ୟ କୃତି ମାଧ୍ୟମରେ ଯୁଗାନ୍ତକାରୀ ସନ୍ଦେଶ ଓ ଦିଗ୍‌ଦର୍ଶନ ଦେଇ ସମାଜରେ ରାଜନୈତିକ, ଧାର୍ମିକ ଏବଂ ସାମାଜିକ ସଂସ୍କାର ଆଣିବାରେ ପ୍ରୟାସ କରିଥିଲେ । ବିପର୍ଯ୍ୟସ୍ତ ପରିବେଶ ଓ ସହରୀକରଣ ନାଁରେ ବିଶୃଙ୍ଖଳିତ ଜୀବନଶୈଳୀ ସୁସ୍ଥ ସମାଜର ପରିପନ୍ଥୀ ବୋଲି ମାଥ୍ୟୁ ଆରନୋଲ୍ଡ ମତ ପୋଷଣ କରିଥିଲେ । ସମାଜର ବିସଙ୍ଗତି ଓ ନୈତିକ ସ୍ଖଳନ ଓ ସାମାଜିକ ଅଧଃପତନ ପାଇଁ ଆରନୋଲ୍ଡଙ୍କର ସାହିତ୍ୟ ପ୍ରାଣ ବିଳପି ଉଠିଥିଲା । ସେ ସମୟର ସାମାଜିକ ବିଡ଼ମ୍ବନାକୁ ନିଜର ସାହିତ୍ୟ କୃତି ମାଧ୍ୟମରେ ଏକ ନିଚ୍ଛକ ଢଙ୍ଗରେ ପ୍ରକାଶ କରିଥିଲେ ।

ଏକ ସୁସଂହତ ଓ ସୁସ୍ଥ ସମାଜର ସୁରମ୍ୟ ଅଟ୍ଟାଳିକାର ମୂଳଦୁଆ ହେଉଛି ସେ ସମୟର ବଳିଷ୍ଠ ସାହିତ୍ୟ । ଇଂରାଜୀ ସାହିତ୍ୟରେ ମାଥ୍ୟୁ ଆରନୋଲ୍ଡଙ୍କ ନାମ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ବହୁମୁଖୀ ପ୍ରତିଭାର ଅଧିକାରୀ ଆରନୋଲ୍ଡ ଥିଲେ ଜଣେ ସମାଲୋଚକ, କବି, ଲେଖକ ଏବଂ ଜଣେ ଆଦର୍ଶ ଶିକ୍ଷାବିତ୍ । ୨୪ ଡିସେମ୍ବର ୧୮୨୨ ମସିହାରେ ଲଣ୍ଡନର ଥେମସ୍ ନିକଟବର୍ତ୍ତୀ ଏକ ଛୋଟ ଗ୍ରାମ ଲାଲେହାମ୍‌ଠାରେ ଜନ୍ମ ଗ୍ରହଣ କରିଥିଲେ ଆରନୋଲ୍ଡ । ପିତା ଥୋମାସ୍ ଆରନୋଲ୍ଡଙ୍କ ଅଧୀନରେ ଥିବା ରଗ୍ବୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା, ପରେ ପରେ ଅକ୍ସଫୋର୍ଡର ବାଲିଆଲ୍ ମହାବିଦ୍ୟାଳୟରୁ ଅଧ୍ୟୟନ ସମାପ୍ତି କରି ସେହି ରଗ୍ବୀ ବିଦ୍ୟାଳୟର ଶିକ୍ଷକ ଜୀବନ ଆରମ୍ଭ କରିଥିଲେ । ପେଶାରେ ଶିକ୍ଷାବିତ୍ ଥିଲେ ମଧ ନିଶା ଥିଲା ସାହିତ୍ୟ ସାଧନା । ତାଙ୍କର ଜୀବଦ୍ଦଶାରେ ଶିକ୍ଷାରେ ସଂସ୍କାର ମୂଳକ ପଦକ୍ଷେପ ନେବା ସହିତ ସାହିତ୍ୟ ମାଧ୍ୟମରେ ସମାଜରେ ଅନୁରାଗ ଜନ୍ମାଇ ମାନବୀୟ ମୂଲ୍ୟବୋଧକୁ ଜାଗ୍ରତ କରିବାରେ ପ୍ରଚେଷ୍ଟା କରିଥିଲେ ।

ଆରନୋଲ୍ଡଙ୍କ କବି ପ୍ରତିଭାର ପ୍ରଥମ ପରିଚୟ ମିଳିଥିଲା ୧୮୪୯ ମସିହାରେ ପ୍ରକାଶିତ କବିତା 'ଦଷ୍ଟ୍ରେଡ ରିଭେଲର ଏଣ୍ଡ ଅଦର୍ ପମେସ୍' ମାଧ୍ୟମରେ । ଉକ୍ତ କବିତାଟି ଏକ ସୁଦୀର୍ଘ କଥୋପକଥନ ଖ୍ରୀଷ୍ଟଧର୍ମର ସ୍ଥାଣୁତାକୁ ସେ ଘୋର ସମାଲୋଚନା କରୁଥିଲେ । ଧର୍ମ ଏକ ଗତିଶୀଳ ପ୍ରବାହ ବୋଲି କବି ହୃଦବୋଧ କରିଥିଲେ । ତାଙ୍କ ମତରେ ଧର୍ମ ଏକ ନୈତିକତାର ଆଧାର ଯାହା ମାନବୀୟ ସମ୍ବେଦନାର ଏକ ଅଂଶବିଶେଷ ହେବା ଉଚିତ୍ । (Religion should be morality tinged with emotion) ତାଙ୍କର ଅଧିକାଂଶ କବିତା ୧୮୪୯ରୁ ୧୮୬୭ ମସିହା ମଧ୍ୟରେ ପ୍ରକାଶିତ ହୋଇଥିଲା । 'ସୋରାବ ଏଣ୍ଡ ରୁସ୍ତମ' ଏବଂ 'ଦ ସ୍କଲାର ଦିପ୍ସି' କବିତା ଦୁଇଟି ୧୮୫୩ ମସିହାରେ ପ୍ରକାଶ ପାଇଥିଲା । 'ସୋରାବ ଏଣ୍ଡ ରୁସ୍ତମ'ର ପ୍ରସଙ୍ଗଟି ପାର୍ସୀ ଭାଷାରେ ଲିଖିତ ମହାକାବ୍ୟ 'ବୁକ୍ ଅପ୍ କିଙ୍ଗସ୍' ଉପରେ ପର୍ଯ୍ୟବସିତ । ଏହା ଏକ ଶୋକ କବିତାର ପର୍ଯ୍ୟାୟଭୁକ୍ତ ନହେଲେ ମଧ ଦୁଃଖ, ଶୋକ ଓ ମଣିଷର ଅସହାୟତା ପ୍ରକାଶ ପାଇଛି ଉକ୍ତ କବିତା ମାଧ୍ୟମରେ । ମୃତ ବ୍ୟକ୍ତିମାନଙ୍କର ଓଠରେ ସତ୍ୟତା ଅଛି ବୋଲି କବିଙ୍କର ଅଭିବ୍ୟକ୍ତି । (Truth sits upon the lips of dying men) । 'ଦ ସ୍କଲାର ଦିପ୍ସି' କବିତା ମାଧ୍ୟମରେ କବି ଜୀବନର ପ୍ରକୃତ ଅର୍ଥ ଏବଂ ସତ୍ୟତାକୁ ଅନ୍ୱେଷଣ କରିଛନ୍ତି । ସେ ସମୟର ଭୌତିକ ସର୍ବସ୍ୱ ବା ବସ୍ତୁବାଦୀ ବା ସାମାଜିକ ଜୀବନକୁ ସମାଲୋଚନା କରିଥିଲେ । ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀ ମାଧ୍ୟମରେ ଏକ ସୁସଂହତ ସଂସ୍କୃତି ସଂପନ୍ନ ସମାଜ ଗଠନ ହୋଇପାରିବ ବୋଲି ତାଙ୍କର ବିଶ୍ୱାସ ଥିଲା ।

ନିଃସଙ୍ଗତା, ବିଶ୍ୱାସର ଅବକ୍ଷୟ ଏବଂ ସାମାଜିକ ଅସଙ୍ଗତି ଭଳି ବିଷୟ ତାଙ୍କ କବିତାର ସ୍ୱର ଥିଲା । ଗୋଟିଏ ଯୁଗର ମୁକ୍ତ ଚିନ୍ତନ ପରବର୍ତ୍ତୀ ଯୁଗର ବ୍ୟବହାରିକ ବୁଦ୍ଧି ବୋଲି ସେ ବିଶ୍ୱାସ କରୁଥିଲେ । (The Free thinking of one age is the common sense of the next.) ତାଙ୍କର ଅନ୍ୟ ଏକ କାବ୍ୟ କୃତି ହେଉଛି 'ମେରୋପ' ଯାହା ୧୮୫୮ ମସିହାରେ ପ୍ରକାଶ ପାଇଥିଲା । 'ଥାଇରିସିସ୍' ଏବଂ 'ରଗ୍ବୀ ଚାପେଲ' ଉଭୟ କାବ୍ୟ ଦୁଇଟି ୧୮୬୭ ମସିହାରେ ପ୍ରକାଶ ପାଇଥିଲା । ଶୋକ କବିତା 'ଥାଇରିସିସ୍'ରେ ନିଜ ବନ୍ଧୁ ଆର୍ଥର କ୍ଲାଓଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ଜୀବନର ଅନ୍ତଦୃଷ୍ଟିକୁ, ସରଳ ଓ ସାବଲୀଳ ଢଙ୍ଗରେ ଉପସ୍ଥାପନ କରିଛନ୍ତି । 'ରଗ୍ବୀ ଚାପେଲ' କବିତାଟି ସମ୍ପୂର୍ଣ୍ଣ ଆବେଗ ଓ ମଣିଷର ଚିନ୍ତନରେ ପରିପୂର୍ଣ୍ଣ । ନିଜ ପିତାଙ୍କ ସ୍ମୃତି ଉପରେ ଶୋକ କବିତାଟି ମଣିଷର ମୃତ୍ୟୁ, ପାରିପାର୍ଶ୍ୱିକ ଅବସ୍ଥା ଏବଂ ଜୀବନର ସାର୍ଥକତା ଭଳି ବିଷୟ ଉପରେ ଆଲୋକପାତ କରେ । ଅନ୍ୟ ଏକ ଶ୍ରେଷ୍ଠ କବିତା 'ଡୋଭର ବିଚ୍'ରେ ଆଧୁନିକ ଜୀବନରେ ବିଶ୍ୱାସର ସଂକଟ ଓ ଧାର୍ମିକ ଅବକ୍ଷୟକୁ କେନ୍ଦ୍ର କରି ଦୁଃସ୍ଥତା ନିଃସଙ୍ଗତା ଓ ଦୁର୍ବିସହତା ଭଳି ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି । କବିତାର ମୁଖ୍ୟ ବିଷୟବସ୍ତୁ ହେଲା ଧାର୍ମିକ ଅନିର୍ଦ୍ଦିଷ୍ଟତା, ପାରସ୍ପରିକ ବୁଝାମଣାର ଅଭାବ ଏବଂ ସମାଜର ନୈତିକ ସ୍ଖଳନ । ଟି.ଏସ୍. ଇଲିୟଟ୍‌ଙ୍କ ରଚିତ 'ୱେଷ୍ଟଲ୍ୟାଣ୍ଡ' ଭଳି ଆଧୁନିକ ମହାକାବ୍ୟ ସହିତ 'ଡୋଭର ବିଚ୍' କବିତାର ଅନେକ ସାମଞ୍ଜସ୍ୟ ଅଛି ବୋଲି ଅନେକ ପାଠକ ଓ ସମାଲୋଚକଙ୍କ ମତ । 'ୱେଷ୍ଟଲ୍ୟାଣ୍ଡ' କବିତାରେ କବି ଇଲିୟଟ୍ ପୃଥିବୀକୁ ଏକ ପତିତ ଭୂମି ସହିତ ତୁଳନା କରିଛନ୍ତି । ସମାଜର ସମ୍ପୂର୍ଣ୍ଣ ଅବ୍ୟବସ୍ଥା, ଅରାଜକତା ତଥା ଶୃଙ୍ଖଳା ବର୍ଜିତ ଜୀବନଯାପନକୁ ବର୍ଣ୍ଣନା କରିଥିବା ବେଳେ 'ଡୋଭର୍ ବିଚ୍' କବିତାରେ ଆରନୋଲ୍ଡ ପୃଥିବୀକୁ ଏକ ଅନ୍ଧକାରଚ୍ଛନ୍ନ ଭୂମି (Darkling plain) ସହିତ ତୁଳନା କରିଛନ୍ତି ।

ଜଣେ କବିଭାବରେ ସାହିତ୍ୟ ଯାତ୍ରା ଆରମ୍ଭ କରିଥିଲେ ମଧ୍ୟ ବି ତାଙ୍କର ସମାଲୋଚନାଧର୍ମୀ ରଚନା ପାଇଁ ବେଶ୍ ସ୍ୱୀକୃତି ଲାଭ କରିଛନ୍ତି । ୧୮୬୫ ମସିହାରେ ପ୍ରକାଶ ପାଇଥିଲା ପ୍ରସିଦ୍ଧି ସମାଲୋଚନା 'ଏସେଜ୍ ଇନ୍ କ୍ରିଟିସିଜିମ୍' ତାଙ୍କୁ ଜଣେ ଲେଖକ ଭାବରେ ପ୍ରତିଷ୍ଠିତ କରିପାରିଥିଲା । ଶିକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ୧୮୬୯ ମସିହାରେ ପ୍ରକାଶିତ ସମାଲୋଚନା 'କଲଚର୍ ଏଣ୍ଡ ଥାନାର୍ସି'ରେ 'ହିବ୍ରାଇଜମ୍' ଏବଂ 'ହେଲେନିଜମ୍' ଉପରେ ପ୍ରକାଶିତ ତଥ୍ୟ ସାହିତ୍ୟରେ ସମାଲୋଚନାର ସ୍ତରକୁ ବହୁଗୁଣିତ କରିପାରିଛି । ହିବ୍ରାଇଜିମ୍ ବ୍ୟକ୍ତି ଜୀବନର କର୍ତ୍ତବ୍ୟ ପରାୟଣତା, ଚରିତ୍ର ଏବଂ ଅନୁଶାସନକୁ ଗୁରୁତ୍ୱଆରୋପ କରୁଥିବା ବେଳେ ହେଲେନଜିମ୍ ଜ୍ଞାନର ପିପାସା ଏବଂ ସୌନ୍ଦର୍ଯ୍ୟବୋଧତାକୁ ଗୁରୁତ୍ୱ ଆରୋପ କରେ । ତେବେ କବିଙ୍କ ମତରେ ଉଭୟ ତତ୍ତ୍ୱର ସମାହାରରେ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀ ହିଁ ସମାଜକୁ ସମୃଦ୍ଧ କରିପାରିବ ।

୧୮୭୩ ମସିହାରେ ପ୍ରକାଶିତ ଅନ୍ୟ ଏକ ସମାଲୋଚନାଧର୍ମୀ ଗଦ୍ୟ 'ଲିଟେରେଚର୍ ଏଣ୍ଡ ଡର୍ମା'ଟି ଧର୍ମଶାସ୍ତ୍ର ତଥା ହଠଧର୍ମ ଭଳି ବିଷୟରେ ଏକ ତାତ୍ତ୍ୱିକ ଆଲୋଚନା । 'ବ୍ୟକ୍ତିର ଚରିତ୍ର ହେଉଛି ଜୀବନର ତିନିପା ବା ତିନି ଚଉଠା ବୋଲି କବିଙ୍କର ମତ । ପ୍ରେମ, ମାନବିକତା, ସଂସ୍କୃତି, ସମ୍ବେଦନା, ଧର୍ମ ଓ ବିଶ୍ୱାସର ପୁନଃ ପ୍ରତିଷ୍ଠା ଭଳି ପ୍ରସଙ୍ଗକୁ ନେଇ ଆରନୋଲ୍ଡଙ୍କ ସାହିତ୍ୟ ବେଶ୍ ସମୃଦ୍ଧଶାଳୀ । ଶବ୍ଦଚାତୁରୀରେ ଆଙ୍କି ଦେଇଛନ୍ତି ଅନେକ ଚିତ୍ରପଟ ଯେଉଁଥିରେ ସମାଜର ଦୃଷ୍ଟି, ଦର୍ଶନ, ବେଗ, ଆବେଗ, ନିରାଶା ଭିତରେ ଆଶା ଓ ଆଶ୍ୱାସନା ଭରି ରହିଛି । ଶବ୍ଦମନସ୍କ ଓ ଶବ୍ଦ ଅବିଶ୍ୱତ କରିଦେଇଛନ୍ତି ପାଠକମାନଙ୍କୁ, ଅନୁଉଦର ଅନନ୍ତ ଆକାଶ ତଥା ଗୋଟିଏ ଯୁଗର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପ୍ରେକ୍ଷାପଟରେ ଘଟୁଥିବା ଘଟଣାବଳୀକୁ ନେଇ ଯେ, କାଳଜୟୀ ସାହିତ୍ୟ ସୃଷ୍ଟି ହୋଇପାରେ ତାହା ଆରନୋଲ୍ଡଙ୍କୁ ପଢ଼ିଲେ ବୁଝି ହୋଇଯାଏ । ■

ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱର ସବୁଠୁ ଧନୀ...

ମୁଖ୍ୟତଃ ଏମାନେ ଆଫ୍ରିକା, ବ୍ରିଟେନ, ଆମେରିକା, କାନାଡ଼ା ଏବଂ ଉପସାଗରୀୟ ଦେଶରେ ରହୁଛନ୍ତି। ଅନେକ ବର୍ଷ ତଳେ ଏହି ଗାଁର ଲୋକେ ଶ୍ରମ, ବ୍ୟବସାୟ ଏବଂ ନିର୍ମାଣ କାର୍ଯ୍ୟ ପାଇଁ ବିଦେଶ ଯାଇଥିଲେ। ସେଠାରେ କଠିନ ପରିଶ୍ରମ କରି ଅର୍ଥ ଉପାର୍ଜନ କରିଥିଲେ। ଏହା ସତ୍ତ୍ୱେ ନିଜ ଗାଁକୁ କେବେ ଭୁଲି ନ ଥିଲେ। ଏମାନେ ନିଜ ଗାଁକୁ ଟଙ୍କା ପଠାଇବାରେ ଲାଗିଥିଲେ। ଗାଁର ଗୋଷ୍ଠୀ ପ୍ରକଳ୍ପ ପାଇଁ ନିଜର ଯୋଗଦାନ ଦେଇଥିଲେ। ତେଣୁ ଏହି ଗାଁରେ ଧିରେ ଧିରେ ଲକ୍ଷପତି ଏବଂ କୋଟିପତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା। ଏଠାକାର ପ୍ରତି ଘରେ ଜଣେ ଲେଖାଏଁ କୋଟିପତି କିମ୍ବା ଲକ୍ଷପତି ଅଛନ୍ତି। ଏବେ ମାଧାପାରରେ ୧୭ଟି ବ୍ୟାଙ୍କର ଶାଖା ରହିଛି। ଏହି ସବୁ ବ୍ୟାଙ୍କରେ ପ୍ରାୟ ୫ ହଜାର କୋଟି ଟଙ୍କା ଜମା କରାଯାଇଛି। ଗ୍ରାମର ବିକାଶ ପାଇଁ ମଧ୍ୟ ଏହି ଟଙ୍କା ବ୍ୟବହାର କରାଯାଉଛି। ଏଠାରେ ଭଲ ସଡ଼କ, ସ୍କୁଲ-କଲେଜ, ଡାକ୍ତରଖାନା, ପାର୍କ ଏବଂ ସହରରେ ଥିବା ପ୍ରତ୍ୟେକ ସୁବିଧା ରହିଛି। ଲୋକେ ନିଜ ଅର୍ଥରେ ସବୁ କିଛି କରୁଛନ୍ତି। ସରକାରୀ ପାଣ୍ଠି ଉପରେ ନିର୍ଭର ନାହାନ୍ତି।

### ଚଢ଼ା ଶୁଳ୍କ...

ଆମେରିକା ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ ବାଣିଜ୍ୟ କ୍ଷତି ଏବଂ ଅନ୍ୟ କାରଣ ଯୋଗୁଁ ଚୀନ୍, କାନାଡ଼ା, ମେକ୍ସିକୋ ଭଳି ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଯାଇଛି। ଆମେରିକାର ବାଣିଜ୍ୟ କ୍ଷତି ହିଁ ଜାତୀୟ ଜରୁରୀ ସ୍ଥିତି ବୋଲି ଯୁକ୍ତି ଦର୍ଶା ଯାଇଥିଲା। ଅନ୍ତର୍ଜାତୀୟ ଜରୁରୀକାଳୀନ ଆର୍ଥିକ କ୍ଷମତା ନିୟମ (ଆଇଇଇପିଏ) ଅନୁଯାୟୀ ଟ୍ରମ୍ପ ଏହି ଆଇନକୁ ଉଚିତ ଦର୍ଶାଇ ଥିଲେ। ବାଣିଜ୍ୟରେ ଅସନ୍ତୁଳନ ଆମେରିକା ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ। ତେଣୁ ଏହାକୁ ବ୍ୟବସାୟୀରେ 'ଜାତୀୟ ଏମର୍ଜେନ୍ସି' ଘୋଷଣା କରି ଶୁଳ୍କ ଲଗାଯାଇଛି। ଯଦି ଶୁଳ୍କ ହଟାଇ ଦିଆଯିବ ତେବେ ଆଦାୟ କରାଯାଇଥିବା ପ୍ରାୟ ୧୫୯ ବିଲିୟନ ଡଲାର ଅର୍ଥାତ୍ ୧୩ ଲକ୍ଷ କୋଟି ଟଙ୍କାକୁ ଫେରାଇବାକୁ ପଡ଼ିପାରେ। ଏହା ଦ୍ୱାରା ଆମେରିକା ରାଜକୋଷକୁ ବଡ଼ ଝଟ୍‌କା ଲାଗିବ। ଲୋକେ ଘର, ଚାକିରି, ସାମାଜିକ ସୁରକ୍ଷା, ସଞ୍ଚୟ ହରାଇବେ। ଏହା ଦ୍ୱାରା ଆର୍ଥିକ ସ୍ଥିତି ମଧ୍ୟ ଭୁଶୁଡ଼ି ଯାଇପାରେ। କିନ୍ତୁ କୋର୍ଟ ଏହି ତର୍କକୁ ଖାରଜ କରି କହିଥିଲେ ଯେ ଶୁଳ୍କ ଲଗାଇବା ରାଷ୍ଟ୍ରପତିଙ୍କ ଅଧିକାର ନୁହେଁ। ଏହି କ୍ଷମତା କେବଳ ସଂସଦକୁ ମିଳିଛି। ୭-୪ ବହୁମତରେ ଦିଆଯାଇଥିବା ଏହି ରାୟରେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ୧୯୭୭ରେ ଆସିଥିବା 'ଆଇଇଇପିଏ' ଆଇନରେ ସୀମା ମଧ୍ୟରେ ଆବଦ୍ଧ ନ ରହି ଶୁଳ୍କ ଲଗାଇବାକୁ ରାଷ୍ଟ୍ରପତିଙ୍କୁ କ୍ଷମତା ଦିଆଯାଇ ନାହିଁ।

କ୍ଷୁଦ୍ର ବ୍ୟବସାୟୀ ଏବଂ ଆମେରିକା ରାଜ୍ୟମାନଙ୍କର ସଂଗଠନ ପକ୍ଷରୁ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ଦେଇଥିଲେ। କୋର୍ଟ କହିଥିଲେ ଯେ ଟ୍ରମ୍ପ କେବଳ ୧୫୦ ଦିନ ପର୍ଯ୍ୟନ୍ତ ୧୫% ଶୁଳ୍କ ଲଗାଇପାରିବେ। କିନ୍ତୁ ଏଥିପାଇଁ ଠୋସ୍ କାରଣ ଥିବା ଜରୁରୀ। ଆଇଇଇପିଏରେ ଶୁଳ୍କ ଶବ୍ଦର ଉଲ୍ଲେଖ ନାହିଁ। ଏଥିରେ ରାଷ୍ଟ୍ରପତିଙ୍କ ଅଧିକାରକୁ ନେଇ ସ୍ପଷ୍ଟ ସୀମା ମଧ୍ୟ ଧାର୍ଯ୍ୟ କରାଯାଇ ନାହିଁ। ଯଦି ରାଷ୍ଟ୍ରପତିଙ୍କୁ ଶୁଳ୍କ ଲଗାଇବାର ଅଧିକାର ଦେବାକୁ ସଂସଦ ଚାହିଁଥାନ୍ତା ତେବେ ଏହି ଆଇନରେ ତାହା ସ୍ପଷ୍ଟ ଭାବେ ଲେଖା ଯାଇଥାନ୍ତା। ଅନ୍ୟପକ୍ଷରେ ଟ୍ରମ୍ପ ଏହି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ଯଦି ଶୁଳ୍କ ହଟାଇ ଦିଆଯିବ ତେବେ ଆମରିକା ବର୍‌ବାଦ ହୋଇଯିବ। ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯିବ। ସେଥିପାଇଁ ପାଇଁ ଦୃଢ଼ ହୋଇ ଛିଡ଼ା ହେବାକୁ ପଡ଼ିବ। ଶୁଳ୍କ ଏବେ ବି ବଳବତ୍ତର ରହିଛି। ଅପିଲ କୋର୍ଟ ଭୁଲ୍ ନିଷ୍ପତ୍ତି ଦେଇଛନ୍ତି। ଶେଷରେ ଆମେରିକା ଜିତିବ। ଦେଶ ଆଉ ବାଣିଜ୍ୟ କ୍ଷତିକୁ ସହ୍ୟ କରିବ ନାହିଁ। ଶୁଳ୍କ ଦ୍ୱାରା ଆମେରିକା ଶ୍ରମିକ, କମ୍ପାନୀଙ୍କୁ ଲାଭ ମିଳିବ। ସୁପ୍ରିମକୋର୍ଟଙ୍କ ମାଧ୍ୟମରେ ଏହି ରାୟକୁ ରଦ୍ଦ କରି ଦେଶକୁ ମଜବୁତ କରାଯିବ ବୋଲି ଟ୍ରମ୍ପ କହିଛନ୍ତି।

### ୭ ବର୍ଷ ପରେ...

କଥାବାର୍ତ୍ତା କରିବେ ବୋଲି ଜଣାପଡ଼ିଛି। ବିଶ୍ୱରେ ଅର୍ଥନୈତିକ ସ୍ଥିରତା ଦିଗରେ ଭାରତ ଓ ଚୀନ ମିଳିତ ହୋଇ କାମ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ ଚୀନ ଗସ୍ତ ପୂର୍ବରୁ କହିଥିଲେ। ଏହା ସହିତ ଚୀନ ନେତୃତ୍ୱ ମଧ୍ୟ ସହମତ ହୋଇଛନ୍ତି।

ସାଂଘାଇ ଶଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ମଧ୍ୟ ଶୀର୍ଷ ବୈଠକ କରିବେ। ଆମେରିକାର ଶୁଳ୍କ ଯୁଦ୍ଧ ପରିପ୍ରେକ୍ଷୀରେ ଦୁଇ ନେତାଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ଅନ୍ୟ କେତେକ ନେତାଙ୍କ ସହିତ ମଧ୍ୟ ମୋଦୀ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ସାଂଘାଇ ଶିଖର ସମ୍ମିଳନୀରେ ଭାରତ, ଚୀନ, ରୁଷ, ଇରାନ, ପାକିସ୍ତାନ ସମେତ ୨୫ଟି ଦେଶର ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଂଗଠନର ୧୧ ଜଣ ସଭ୍ୟ ଥିବା ବେଳେ ଅନ୍ୟ ୧୪ଟି ଦେଶର ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ସୂଚନାଯୋଗ୍ୟ ଯେ ୨୦୧୮ରେ ଚୀନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ଶିଖର ବୈଠକରେ ଯୋଗଦେଇଥିଲେ ମୋଦୀ। ଏହା ପରବର୍ତ୍ତୀ ବର୍ଷ ୨୦୧୯ରେ ଚୀନ ରାଷ୍ଟ୍ରପତି ଜିଙ୍ଗପିଙ୍ଗ ଭାରତ ଆସିଥିଲେ। ତେବେ ୨୦୨୦ରେ ଗଲୱାନ ଉପତ୍ୟାକାରେ ଭାରତ ଓ ଚୀନ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ସଂପର୍କ ତିକ୍ତ ରହିଛି। ତେବେ ଗତବର୍ଷ ଏଭଳି ସଂଘର୍ଷକୁ ଏଡାଇବା ଲାଗି ଦୁଇ ଦେଶ ମଧ୍ୟରେ ବୁଝାମଣା ହୋଇଥିଲା।

### ରାଜ୍ୟରେ ସାର...

ଏକ ପ୍ରମୁଖ ରାଜ୍ୟ ହୋଇପାରିଛି। କୃଷି କ୍ଷେତ୍ରରେ ବୈଷୟିକ ବିଦ୍ୟାର ପ୍ରୟୋଗ ଓ ସାର ବିହନ ଆଦିର ଉତ୍ତମ ବଣ୍ଟନ ଓଡ଼ିଶାକୁ ଏ ସଫଳତା ଆଣି ଦେଇଥିଲା ବୋଲି ଉଲ୍ଲେଖ କରିଛନ୍ତି ନବୀନ।

ସେ କହିଛନ୍ତି ଯେ ଓଡ଼ିଶାରେ ୭.୯୪ଲକ୍ଷ ଟନ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଥିବା ବେଳେ ବାସ୍ତବରେ ଚାଷୀ କିନ୍ତୁ ସାର ପାଉନି। ବଜାରରେ ୟୁରିଆ ସରକାରୀ ଦରଠାରୁ ଉଚ୍ଚ ଦାମରେ ବିକ୍ରି ହେଉଛି। ଓଡ଼ିଶା ସରକାରଙ୍କ ନିଜସ୍ୱ ସଂସ୍ଥା ମାର୍କଫେଡ୍ ଚାଷୀଙ୍କ ବଦଳରେ ଘରୋଇ ଡିଲରଙ୍କୁ ରିଆତିରେ ସାର ବିକୁଛି। ତେଣୁ ଚାଷୀ ଖରିଫ ଋତୁରେ ଚାଷ କାମ ଛାଡ଼ି ସାର ପାଇଁ ରାଜରାସ୍ତାକୁ ଓହ୍ଲାଇବା ଚିନ୍ତାର ବିଷୟ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଯୋଗାଣ ବ୍ୟବସ୍ଥାର କୁପରିଚାଳନା ସହ ସାର ଅଭାବ ଓ ଦୁର୍ନୀତି ଯୋଗୁଁ ଚାଷୀକୁ ଆଜି ଏ ଅବସ୍ଥାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ନବୀନ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତାଳଚେର ସାର କାରଖାନା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ୨୦୧୮ ମସିହାରେ ଶିଳାନ୍ୟାସ କରାଯାଇଥିବା ତାଳଚେର ସାର କାରଖାନା ୩୬ ମାସରେ ଶେଷ ହେବ ବୋଲି ଘୋଷଣା କରାଯାଇଥିଲା। ମାତ୍ର ଇତିମଧ୍ୟରେ ୭ବର୍ଷ ବିତିଯାଇଥିଲେ ହେଁ ଏହା କାର୍ଯ୍ୟକ୍ଷମ ହୋଇ ନପାରିବା ଦୁଃଖର ବିଷୟ। ଖରିଫ ଋତୁ ଆରମ୍ଭରେ ସାର ଅଭାବ ତଥା ଯୋଗାଣରେ ଚାଲିଥିବା ଅବ୍ୟବସ୍ଥା ଓ ଦୁର୍ନୀତିକୁ ରୋକିବାକୁ ଯଦି ସମୟୋଚିତ ପଦକ୍ଷେପ ନିଆନଯାଏ, ତେବେ କୃଷି ଉତ୍ପାଦନରେ ବ୍ୟାଘାତ ସୃଷ୍ଟି ହେବ। ଏହାସହ ଚାଷୀ ଭାଇଭଉଣୀଙ୍କ ଜୀବିକାକୁ ମଧ୍ୟ ଏହା ପ୍ରଭାବିତ କରିବ ବୋଲି ଶ୍ରୀ ପଟ୍ଟନାୟକ ସତର୍କ କରିଦେଇଛନ୍ତି।

### ଜିଏସ୍‌ଟି ସଂଶୋଧନରେ...

ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨ ତାରିଖରେ ଆଉ ଏକ ବୈଠକ କରାଯିବ। ଏ ବିଷୟରେ ଅଧିକ ଚର୍ଚ୍ଚା କରି ଜିଏସ୍‌ଟି ପରିଷଦରେ ଦାବି ଉପସ୍ଥାପନ କରାଯିବ। କର୍ଣ୍ଣାଟକ ଅର୍ଥମନ୍ତ୍ରୀ କୃଷ୍ଣ ବାୟେର ଗୌଡ଼ା କହିଥିଲେ ଯେ ଜିଏସ୍‌ଟି ହାର ପରିବର୍ତ୍ତନ ଦ୍ୱାରା ରାଜ୍ୟମାନଙ୍କ ରାଜସ୍ୱ ୧୫ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇବ। ଏହା ରାଜସ୍ୱ ସ୍ଥିତିକୁ ଅସ୍ଥିର କରିଦେବ। ତେଣୁ ସ୍ଥିରତା ଆସିବା ପର୍ଯ୍ୟନ୍ତ କେନ୍ଦ୍ର ଏହି କ୍ଷତିକୁ ଭରଣା କରୁ। ଏଥିପାଇଁ ୫ ବର୍ଷ ଯାଏ କ୍ଷତିପୂରଣ ପ୍ରଦାନ କରାଯାଉ। ଜିଏସ୍‌ଟି କାର୍ଯ୍ୟକାରୀ ହେବା ସମୟରେ ରେଭିନ୍ୟୁ ନ୍ୟୁଟ୍ରାଲ ରେଟ(ଆରଏନଆର) ୧୪.୪ ପ୍ରତିଶତ ଥିଲା। ଏବେ ସୁଧ ହାର ହ୍ରାସ ପାଇଁ ୧୧ ପ୍ରତିଶତ ହେଲାଣି। ସ୍ଲାବ ହ୍ରାସ ହେଲେ ସୁଧ ହାସ ହ୍ରାସ ପାଇ ୧୦ ପ୍ରତିଶତରେ ପହଞ୍ଚିଯିବ।

ଗୌଡ଼ାଙ୍କ ଅନୁଯାୟୀ ବିଳାଶପୂର୍ଣ୍ଣ ସାମଗ୍ରୀ ଏବଂ ମାଦକ ଦ୍ରବ୍ୟ ଉପରେ ୪୦ ପ୍ରତିଶତ ସ୍ଲାବ ଲଗାଇବା ପାଇଁ କେନ୍ଦ୍ର ନିଷ୍ପତ୍ତି ନେଇଛି। ଏଥିରୁ ଯେଉଁ ରାଜସ୍ୱ ମିଳିବ ତାହାକୁ ରାଜ୍ୟମାନଙ୍କୁ ଦିଆଯାଉ। ଏହା ବ୍ୟତୀତ ଏ ସବୁ ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇ ରାଜସ୍ୱକୁ ରାଜ୍ୟମାନଙ୍କୁ ବଣ୍ଟା ଯାଇପାରିବ। ହିମାଚଳ ପ୍ରଦେଶ ମନ୍ତ୍ରୀ ରାଜେଶ ଧର୍ମାଣୀ କହିଛନ୍ତି ଯେ ଜିଏସ୍‌ଟି ସ୍ଲାବ ହ୍ରାସକୁ ସମର୍ଥନ କରୁଛୁ। କିନ୍ତୁ ଏହା ବଦଳରେ କ୍ଷତିପୂରଣ ମିଳିବା ଉଚିତ। ସେହିପରି ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ଲାବ ହ୍ରାସ ହେଲେ ରାଜ୍ୟ ବର୍ଷକୁ ୭ ହଜାର କୋଟି ଟଙ୍କା ହରାଇବ।

### ବଢୁଛି ରାଜନୈତିକ...

ତାଲିକାରୁ ବାଦ୍ ପଡ଼ିଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ନୂଆ ସରକାର ଏହି ତାଲିକାକୁ ବୃଦ୍ଧି କରିବା ପରିବର୍ତ୍ତେ ଏନଏସି ସଂଖ୍ୟା ହ୍ରାସ କରି ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଗୁଣାତ୍ମକ ପୌର ସେବାରୁ ବଞ୍ଚିତ କରାଯାଉଛି ବୋଲି ଅଭିଯୋଗ ହୋଇଛି।

କେବଳ ନୂଆ ଏନଏସି ମାନ୍ୟତା ନୁହେଁ, ପୌରସଂସ୍ଥା ଗୁଡ଼ିକରେ କର୍ମଚାରୀ ଅଭାବ, ସ୍ୱତନ୍ତ୍ର କ୍ୟାଡର ନହେବା ମଧ୍ୟ ପୌରାଞ୍ଚଳରେ ବିକାଶ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରୁଛି। ସେହିପରି ପୌରସଂସ୍ଥାଗୁଡ଼ିକରେ ମାତ୍ରାଧିକ ରାଜନୈତିକ ହସ୍ତକ୍ଷେପ, ପୌରାଞ୍ଚଳ ଦଖଲ ପାଇଁ ଶାସକ ଦଳର ଚକ୍ରାନ୍ତ ମଧ୍ୟ ବିକାଶରେ ବାଧକ ସାଜିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସମ୍ବଲପୁର ମହାନଗର ନିଗମ ଗଠନକୁ ୧୨ବର୍ଷ ପୂରିବାକୁ ବସିଥିବା ବେଳେ ୧୧ ବର୍ଷ ହେଲାଣି ରାଉରକେଲା ମହାନଗର ନିଗମ ଗଠନ ହୋଇଛି। ମାତ୍ର ଉଭୟ ମହାନଗର ନିଗମରେ ଆଜିପର୍ଯ୍ୟନ୍ତ ପୌର ନିର୍ବାଚନ ହୋଇପାରିଲା ନାହିଁ। ନିୟମାନୁଯାୟୀ ସ୍ଥାନୀୟ ପୌରସଂସ୍ଥା ଭଙ୍ଗ ହେବାର ୬ ମାସ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବା କଥା। କିନ୍ତୁ ନିର୍ବାଚନ ନହୋଇ ପ୍ରଶାସକ ଭାବେ ଜିଲ୍ଲାପାଳ ସମ୍ବଲପୁର ମହାନଗର ନିଗମ ପରିଚାଳନା କରୁଛନ୍ତି। ଫଳରେ ବର୍ଷ ବର୍ଷ ଧରି ସମ୍ବଲପୁର ମହାନଗରରେ ସରକାରୀ ବାବୁଙ୍କ ଶାସନ ଚାଲିଛି। ଜନସାଧାରଣଙ୍କ ସମସ୍ୟାକୁ ନେଇ ଉପସ୍ଥାପିତ କରିବା ପାଇଁ ଜନପ୍ରତିନିଧି ନାହାଁନ୍ତି। ମହାନଗର ନିଗମର ୪୧ଟି ୱାର୍ଡରେ ଜନପ୍ରତିନିଧି ଥିଲେ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଲୋକେ ସିଧାସଳଖ ପ୍ରଶାସନ ସହିତ ଯୋଡ଼ି ହୋଇପାରନ୍ତେ। ମହାନଗରରେ ବିଭିନ୍ନ ସମସ୍ୟାକୁ ନେଇ ଲୋକେ ହଇରାଣ ହେଉଛନ୍ତି। ସମାନ ସମସ୍ୟା ରାଉରକେଲା ମହାନଗର ନିଗମରେ ମଧ୍ୟ ଦେଖିବାକୁ ମିଳୁଛି। ଉଭୟ ମହାନଗର ନିଗମରେ ଖୁବଶୀଘ୍ର ନିର୍ବାଚନ କରିବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

### ଆହୁରି ୪ ଦିନ...

ବେଗ ୩୦ରୁ ୪୦କିମି ରହିବ। ମୟୂରଭଞ୍ଜ, କେନ୍ଦୁଝର, ରାୟଗଡା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକରେ ୭ ସେମିରୁ ୧୧ ସେମି ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ପ୍ରବଳ ବର୍ଷା ନେଇ ସମ୍ପୂର୍ଣ୍ଣ ଓଡ଼ିଶାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ସହ ୩୦ରୁ ୪୦କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। କିଛି ଜିଲ୍ଲାରେ ମଧ୍ୟମଧରଣର ବର୍ଷା ହେଲେ ବି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୨ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ଗଞ୍ଜାମ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବ। ସେପ୍ଟେମ୍ବର ୩ ତାରିଖରେ ଆଉ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରଭାବରେ ନୟାଗଡ଼, ଗଞ୍ଜାମ, ସୁନ୍ଦରଗଡ଼ ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବାନେଇ ବିଭାଗ ଆକଳନ କରିଛି।

### ଚଳନ୍ତା ଭ୍ୟାନ୍‌ରେ...

ସେଠାରେ ଜଣେ ଯୁବତୀଙ୍କୁ କମ୍ପାନୀରେ ଚାକିରି ଦେବାକୁ କହି ଏକ ଓମନି ଭ୍ୟାନରେ ଉଦଳା ନେଇଥିଲା। ସନ୍ଧ୍ୟା ୬ରୁ ସାଢ଼େ ୬ଟା ମଧ୍ୟରେ ଭ୍ୟାନ୍‌ଟି ଉଦଳା-କପ୍ତିପଦା ରାସ୍ତାର ଏକ ବିଦେଶୀ ମଦ ଦୋକାନଠାରୁ କିଛି ଦୂରରେ ଅଟକିଥିଲା। ପରେ ଆଉ ୪ ଜଣ ଯୁବକ ସେଠାରେ ପହଞ୍ଚିଥିଲେ। ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀ ଭ୍ୟାନ ଭିତରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ସେମାନଙ୍କ ମଧ୍ୟରୁ ଅନ୍ୟ କେତେଜଣ ସହଯୋଗ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ତେବେ ପୁଲିସ ଘଟଣାର ସବିଶେଷ ବିବରଣୀ ଗଣମାଧ୍ୟମକୁ ପ୍ରଦାନ କରିନାହିଁ। ପୁଲିସ ଏକ ମାମଲା ରୁଜୁ କରିଛି। ତଦନ୍ତ ପରେ ସମସ୍ତ ବିବରଣୀ ପ୍ରଦାନ କରାଯିବ ବୋଲି ଏସପି ବରୁଣ ଗୁଣ୍ଟୁପାଲ୍ଲି କହିଛନ୍ତି। ଭ୍ୟାନ୍ ଚାଳକଜଣଙ୍କ ନାବାଳକ ବୋଲି ଜଣାପଡ଼ିଛି।


DSPL-236

ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ
ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

ବିକାଶ ପଥେ " ନୀଳଗରି ବିଜ୍ଞାପିତ ଅଞ୍ଚଳ ପରିଷଦ "ନୀଳଗିରି

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶ ସୁସ୍ଥ ରଖନ୍ତୁ ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜବୁତ କରନ୍ତୁ ।
୩. ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ ।
୪. ରାସ୍ତା କଡ ଓ ନାଳ ଉପରେ ବ୍ୟାବିକ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଗୃହପାଳିତ ପଶୁ ଯଥା :-ଗାଈ, ଘୋଡ଼ୁ, ଛେଳି,ମେଣ୍ଢା ମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ ।
୬. ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ
୭. ନୂତନ ପକ୍କାଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ଅନୁମୋଦନ କାରାଇ ଗୃହନିର୍ମାଣ କରାନ୍ତୁ
୮. ନୀଳଗିରି କୁ ଏକ ପଲିଥିନ୍ ମୁକ୍ତ ସହରରେ ପରିଣତ କରିବା ପରିଷଦର ଲକ୍ଷ, ଏହାଦ୍ୱାରା ସହରକୁ ପ୍ରଦୂଷଣ ମୁକ୍ତ କରାଯାଇ ପାରିବ
୯. ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ

ଶ୍ରୀ ଅଂଶୁମାନ ପରିଡା
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

ସଭ୍ୟ / ସଭ୍ୟା ଓ କର୍ମଚାରୀ ବୃନ୍ଦ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା
ଭାରପ୍ରାପ୍ତ ନଗରପାଳ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

OIPR-13179/11/013/0034/2526


## ସୀମାନ୍ତରେ ଲାଲବାହିନୀର ବର୍ବରକାଣ୍ଡ

# ଶିକ୍ଷକଙ୍କୁ ଅପହରଣ କରି ହତ୍ୟା



ମାଲକାନଗିରି, ୩୦।୮ (ସମିସ): ସୀମାନ୍ତରେ ଲାଲବାହିନୀର ବର୍ବରକାଣ୍ଡ। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବସ୍ତର୍ ଅଞ୍ଚଳରେ ଜଣେ ଶିକ୍ଷକଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ସେ ହେଲେ, ବିଜାପୁର ଜିଲ୍ଲାର କଲ୍ଲୁ ତାତି। ସେ ନେଣ୍ଡ୍ରା ସ୍କୁଲରେ ପିଲାମାନଙ୍କୁ ପାଠ ପଢ଼ାଇ ଘରକୁ ଫେରୁଥିବା ବେଳେ ନକ୍ସଲମାନେ ଶୁକ୍ରବାର ତାଙ୍କୁ ବାଟ ମଝିରୁ ଅପହରଣ କରିନେଇଥିଲେ। ଆଜି ତାଙ୍କୁ ହତ୍ୟା କରିବା ପରେ ଶବକୁ ରାସ୍ତାକଡ଼ରେ ଫିଙ୍ଗି ଦେଇଛନ୍ତି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ୪ ଦିନ ତଳେ ମାଓବାଦୀମାନେ ଜଣେ ଶିକ୍ଷକଙ୍କୁ ହତ୍ୟା କରିଥିବା ବେଳେ ଆଜି ପୁଣି ଜଣେ ଶିକ୍ଷକଙ୍କୁ ହତ୍ୟାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି।

# ଉଚ୍ଛୁଳିଲା ହୀରାକୁଦ; ଜଳସ୍ତର ୬୨୪ ଫୁଟ୍ ପାର୍

ସମ୍ବଲପୁର,୩୦।୮ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୨୪.୩୯ ଫୁଟ୍‌ରେ ପହଞ୍ଚିଛି। ବର୍ତ୍ତମାନ ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଥିବା ବେଳେ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୧,୬୮୮ ଘନଫୁଟ ଜଳ ପ୍ରବେଶ କରୁଛି। ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୪୧୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ପ୍ରବାହିତ ହେଉ ନଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୭୯୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୪୦୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୩୩ ଫୁଟ୍ ରହିଥିଲା। ସୂଚନାଯୋଗ୍ୟ, ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୧.୪୭ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୨.୬୨ ମିମି ବର୍ଷା ହୋଇଛି।

# ବନ୍ଧୁକ ଦେଖାଇ ଯୁବକଙ୍କ ଆତଙ୍କ

**ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମାଦେଲେ**

ରାଜନଗର, ୩୦।୮ (ସମିସ): ସର୍ବସାଧାରଣରେ ଗାଳିଗୁଲଜ କରିବା ସହ ବନ୍ଧୁକ ଧରି ଆତଙ୍କ ଖେଳାଇବା ଘଟଣାରେ ରାଜନଗର ପୁଲିସ୍ ଜଣେ ଯୁବକଙ୍କୁ ଅଟକ ରଖିଛି। ସେ ହେଲେ, ପଶ୍ଚିମବଙ୍ଗ ଚବିଶପ୍ରଗଣା ଅଞ୍ଚଳ ଷଣ୍ଢିଖାଲ ଥାନା ଅନ୍ତର୍ଗତ ଦାଉଦପୁର ଗ୍ରାମର ମୃତ୍ୟୁଞ୍ଜୟ ମଣ୍ଡଳ(୩୦)। ପୁଲିସ୍ ସୂଚନାନୁଯାୟୀ, ମୃତ୍ୟୁଞ୍ଜୟ ଆଜି ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ଘାଟ ନିକଟରେ ପହଞ୍ଚିଥିଲେ। ସେଠାରେ ସେ ବଙ୍ଗଳାରେ ଲୋକଙ୍କୁ ଗାଳିଗୁଲଜ କରିବା ସହ ଏକ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିଥିଲେ। ତେବେ ଅତ୍ୟଧିକ ନିଶା ସେବନ କରିଥିବାରୁ ସେ ତଳେ ପଡ଼ିଯିବା ପରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ରାଜନଗର ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ସେଠାରେ ପହଞ୍ଚି ମୃତ୍ୟୁଞ୍ଜୟଙ୍କୁ ଥାନାକୁ ନେଇଥିଲା। ନିଶା ଛାଡ଼ିବା ପରେ ପୁଲିସ୍ ତାକୁ ପଚରାଉଚରା କରିଥିଲା। ଉତ୍ତରବଗପାଟିଆର ବାସୁଦେବ ମଣ୍ଡଳ ଚାଷ କାମ ପାଇଁ ମୃତ୍ୟୁଞ୍ଜୟ ସହ ୮ ଜଣଙ୍କୁ ଡକାଇଥିଲେ ବୋଲି ପୁଲିସ୍ ଜାଣିବାକୁ ପାଇଛି। ତେବେ ସେ ଗାଁକୁ ଯିବାକୁ ଗୁପ୍ତି ଆସୁଥିବା ବେଳେ ବାଟରୁ ବନ୍ଧୁକ ପାଇଥିଲା ବୋଲି ମୃତ୍ୟୁଞ୍ଜୟ ପୁଲିସ୍‌କୁ କହିଛି।


ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫ ଅବସରରେ ଖୋରଧା ପୌର ପରିଷଦ
ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

**ଆମ ପଦକ୍ଷେପ**

- ସହରକୁ ସମ୍ପୂର୍ଣ୍ଣ ରୂପେ ଟ୍ରାଫିକ୍ ନିୟନ୍ତ୍ରଣମୁକ୍ତ କରିବା ନିମନ୍ତେ ରାସ୍ତାକଡ଼ରେ ଥିବା ଉଠା ଦୋକାନୀମାନଙ୍କୁ ଭେଣ୍ଡିଂ ଯୋଜନା ମାଧ୍ୟମରେ ୪ଗୋଟି ନୂତନ ଭେଣ୍ଡିଂ ଜୋନ୍ ଓ ପିଣ୍ଡି ନିର୍ମାଣ କରାଯାଇ ଥଇଥାନ କରାଯିବା ପାଇଁ ପ୍ରୟାସ ।
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଯୋଜନାରେ ସହରର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ ।
- ସହଯୋଗ ଯୋଜନାରେ ସମସ୍ତ ସରକାରୀ ଯୋଜନାର ଉପଯୋଗୀତା ଓ ସହଭାଗୀତା ହେବା ନିମନ୍ତେ ସହରର ସମସ୍ତ ଜନସାଧାରଣଙ୍କୁ ସଚେତନତା କରାଇବା ନିମନ୍ତେ ପ୍ରୟାସ ।
- ଖୋରଧା ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

**ପୌରବାସୀଙ୍କୁ ଅନୁରୋଧ**

- ଆସନ୍ତୁ ଏକ ଶାନ୍ତ, ସମୃଦ୍ଧ, ବିକଶିତ ଓ ସୌହାର୍ଦ୍ଦପୂର୍ଣ୍ଣ ଖୋରଧା ଗଢିବା ।
- ନିର୍ଦ୍ଧାରିତ ସମୟରେ ପରିଷଦର ସମସ୍ତ ଟିକସ ଦାଖଲ କରି ସହରର ଉନ୍ନତିରେ ସହାୟକ ହୁଅନ୍ତୁ ।
- ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
- ପଲିଥିନ୍ ମୁକ୍ତ ଖୋରଧା ସହର କରିବା ପାଇଁ ପ୍ରୟାସ ଜାରି ରଖନ୍ତୁ ।
- ହର ଘର ସ୍ୱଚ୍ଛତା ସମୂହ ସଫେଇ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାନ୍ତୁ ।
- ଆସନ୍ତୁ ଖୋରଧା ସହରକୁ ସବୁଜ ସ୍ୱଚ୍ଛ ରୂପେ ଗଢିତୋଳିବା ।

ରିଜ୍‌ୱାନା କଅକବ୍, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା

ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି
ପୌରାଧ୍ୟକ୍ଷା
ପୌର ପରିଷଦ, ଖୋରଧା

ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧ୍ୟକ୍ଷ
ଓ ସମସ୍ତ ସଭ୍ୟ-ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା

DSPL-229

OIPR-13082/13/0034/2526



**Office of the District Manager**
**Odisha State Civil Supplies Corporation Ltd. (OSCSC)**
**Sundargarh (District)**
**Phone: 94382-00060**
**District Website: https ://sundargarh.odisha.gov .in/**
**Tender No. 2642, 2643, 2644, 2645 of Level-II & 2658 of Level-I**
**Dt. 26.08.2025**

CAD-1613

District Manager, Odisha State Civil Supplies Corporation Ltd., Sundargarh invites tenders in Double Cover System through ONLINE MODE ONLY for the works below:-

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor for transportation of wheat from FSD/FCI to RRCs and Level-II Transport Contractors for transportation of food grains under PDS from RRCs to FPS points in Sundargarh district for the biennial 2025-27. |
| 2 | Availability of bid document in the portal | From 30.08.2025 |
| 3 | Pre-Bid conference of tenderers | Dt. 02.09.2025 at 11:00 AM |
| 4 | Last Date / Time for receipt of bids in the portal | Dt. 16.09.2025 up-to 05:30 (PM) |
| 5 | Date/Time of Opening of Technical Bid | Level-I & Level-II Transport Contractors – 17.09.2025 at 11:00 AM<br>Place: Office Chamber of ADM (General), Sundargarh |
| 6 | Date of submission of original documents in support of scanned copies uploaded in the portal for verification | Level-I & Level-II Transport Contractors – 17.09.2025 at 11:00 AM |
| 7 | Name and address of the Officer Inviting Tender | District Manager, OSCSC Ltd., Sundargarh |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website.
Amendments/ Corrigendum/ Cancellation/ Re-tenders etc. if any shall be published only in above websites.

**District Manager**
**OSCSC Ltd., Sundargarh**

OIPR-07017/11/0009/2526



## ଚୌଦ୍ୱାର ପୌରପରିଷଦ, ଚୌଦ୍ୱାର


**ଚୌଦ୍ୱାର ପୌରପରିଷଦ ଅଂଚଳର ଗୋଡ଼ିପାଟଣା ସ୍ଥିତ ଇନ୍ଦୁପୂର୍ଣ୍ଣିମା ମହୋତ୍ସବ ଅବସରରେ ନଗରବାସୀଙ୍କର ସର୍ବଦା ଉନ୍ନତି କାମନା କରି ଶୁଭେଚ୍ଛା ଜଣାଇବା ସହିତ ନିମ୍ନ ପଦକ୍ଷେପ ନେବା ନିମନ୍ତେ ପୌରବାସୀଙ୍କ ସହଯୋଗ କାମନା କରୁଅଛୁ । ସମସ୍ତ ୱାର୍ଡ଼ର ଜନସାଧାରଣଙ୍କ ସୁବିଧା ଅନୁଯାୟୀ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ଆମେ ସଙ୍କଳ୍ପବଦ୍ଧ । ଆସନ୍ତୁ ଆମେ ସମସ୍ତେ ମିଳିମିଶି ଏକ ବିକାଶଶୀଳ ଓ ସମୃଦ୍ଧ ଚୌଦ୍ୱାର ଗଠନ କରିବାରେ ସହାୟକ ହେବା ଏବଂ ଚୌଦ୍ୱାରକୁ ଏକ ସୁନ୍ଦର ଓ ପ୍ରଗତିଶୀଳ ପରିଷଦ ଭାବେ ଗଢିତୋଳିବା ।**


ନିମ୍ନଲିଖିତ ଯୋଜନା ଗୁଡିକୁ ଆମ ସହରର ଉନ୍ନତି ପାଇଁ ଆମେ ସେବା ପ୍ରଦାନ କରିଆସୁଅଛୁ ।

୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି । ଏଣୁ ସଠିକ୍ ସମୟରେ ଘର ଏବଂ ଆଲୋକ ଟିକସ, ଦୋକାନ ଘର ଭଡ଼ା, ଲାଇସେନ୍ସ ଫି, ୟୁଜର୍ସ ଫି ପଇଠ କରନ୍ତୁ ।
୨. ଚୌଦ୍ୱାର ପୌରପରିଷଦର ସମସ୍ତ ବକେୟା କର ପୈଠ କରନ୍ତୁ ଓ ସରକାରଙ୍କ ସମସ୍ତ ସୁବିଧାକୁ ଉପଭୋଗ କରନ୍ତୁ ।
୩. ଚୌଦ୍ୱାର ପୌରପରିଷଦର ମୂଲ୍ୟବାନ ସରକାରୀ ଜମିଗୁଡ଼ିକୁ ବେଆଇନ ଭାବରେ ଜବରଦଖଲ କରନ୍ତୁ ନାହିଁ ।
୪. ପୌରାଂଚଳର ବିଭିନ୍ନ ରାସ୍ତାରେ ନିଜର ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ଏବଂ ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
୫. ରାସ୍ତା ଗୁଡିକ ଉପରେ ନିଜ ନିଜ ଘରର ନିର୍ମାଣ ସାମଗ୍ରୀ ଯଥା-ବାଲି, ଗୋଡ଼ି, ଇଟା, ପଥର, ଚିପ୍ସ ଇତ୍ୟାଦି ଗଦା କରି ରଖନ୍ତୁ ନାହିଁ କିମ୍ବା ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୬. ଚୌଦ୍ୱାର ପୌରପରିଷଦର ବିଭିନ୍ନ ୱାର୍ଡ଼ରେ ଥିବା ସମ୍ପଦ କେନ୍ଦ୍ର (MCC & MRF) କୁ ବିଭିନ୍ନ ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ କର୍ମୀଙ୍କ ଜରିଆରେ ନିଜ ଗୃହର (ଓଦା ଓ ଶୁଖିଲା) ବର୍ଜ୍ୟବସ୍ତୁକୁ ଅଲଗା ଅଲଗା କରି ଦିଅନ୍ତୁ ଏବଂ ଏକ ସ୍ୱଚ୍ଛ ଓ ସୁସ୍ଥ ଚୌଦ୍ୱାର ଗଠନ କରିବାରେ ସହଯୋଗ କରନ୍ତୁ ।
୭. ଚୌଦ୍ୱାର ପୌରପରିଷଦର **୦୩ (ତିନି) ଗୋଟି ଖତ ଉତ୍ପାଦନ କେନ୍ଦ୍ରରେ** ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା **"ମୋ ଖତ"** କୁ ନିଜ ନିଜ ଘରେ ବ୍ୟବହାର କରନ୍ତୁ ।

ଆମ ସଙ୍କଳ୍ପ ଓ ପରିକଳ୍ପନା :-

୧. ୱାର୍ଡ଼ ନଂ.୧ ରେ ବିରୂପା ନଦୀ କୂଳର ମାଗୁରାଠାରେ ଜନସାଧାରଣଙ୍କ ଆମୋଦ ପ୍ରମୋଦ ନିମନ୍ତେ ୧୦ କୋଟି ଟଙ୍କା ବ୍ୟୟରେ ଏକ ସୁନ୍ଦର **ବୋଟିଂ କମ୍ପ୍ଲେକ୍ସ ଓ ସ୍ମାର୍ଟ ପାର୍କ ନିର୍ମାଣ ।**
୨. ଚୌଦ୍ୱାର ପୌରପରିଷଦର ୱାର୍ଡ଼ ନଂ.୦୨ ର ଘଟେଶ୍ୱର ଠାରେ ଏକ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ଏକ **ଅତ୍ୟାଧୁନିକ ମଡେଲ୍ ଶବଦାହ କେନ୍ଦ୍ର ନିର୍ମାଣ ।**
୩. ଚୌଦ୍ୱାରର ସମସ୍ତ ୱାର୍ଡ଼ରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଜରିଆରେ ପାଖାପାଖି ୧୦ କୋଟି ଟଙ୍କା ବ୍ୟୟରେ ନୂତନ ଭାବେ ଅତ୍ୟାଧୁନିକ Park, Multi Gym, Open Space Beautification, Jogging Track, **କାନ୍ଥ ଚିତ୍ରକଳା** ଇତ୍ୟାଦିର ନିର୍ମାଣ ।
୪. ଚୌଦ୍ୱାର ପୌରପାଳିକା ଅର୍ନ୍ତଗତ ସମସ୍ତ ୱାର୍ଡ଼ରେ ପାଖାପାଖି ୨୦ କୋଟି ଟଙ୍କା ବ୍ୟୟରେ ନୂତନ Paver Road & Covered Drain ନିର୍ମାଣ ।
୫. ଚୌଦ୍ୱାର ପୌରପାଳିକା ଅର୍ନ୍ତଗତ ୱାର୍ଡ଼ ନଂ.୦୬, ୧୦, ୧୪ ଏବଂ ୧୬ ରେ ୪ ଗୋଟି ଅତ୍ୟାଧୁନିକ ବହୁମୁଖୀ କେନ୍ଦ୍ର (Multi-Purpose Centre) ନିର୍ମାଣ ଓ ୱାର୍ଡ଼ ନଂ.୦୧, ୦୪, ୦୯, ୧୦, ୧୨, ୧୬, ୧୮ ଏବଂ ୧୯ ରେ ୦୮ ଗୋଟି ବୃହତ LED Web-Board ନିର୍ମାଣ କରାଯାଇଅଛି ।
୬. ଚୌଦ୍ୱାର ପୌରାଂଚଳର ବିଭିନ୍ନ ୱାର୍ଡ଼ରେ (୦୯) ନଅ ଗୋଟି ପର୍ଯ୍ୟାୟରେ **ଆବାସ ଯୋଜନା ୧.୦** ଜରିଆରେ ପାଖାପାଖି **୧୧୪୦ ଜଣ ଏବଂ ଆବାସ ଯୋଜନା ୨.୦** ଜରିଆରେ ୧୩୭ ଜଣ **ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ନୂତନ ଗୃହ ନିର୍ମାଣ ନିମନ୍ତେ ସହାୟତା ରାଶି ପ୍ରଦାନ କରାଯାଇଅଛି ।**


ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ମିଶ୍ର
ନିର୍ବାହୀ ଅଧିକାରୀ, ଚୌଦ୍ୱାର ପୌରପାଳିକା


ଶ୍ରୀଯୁକ୍ତ ଶୁଭେନ୍ଦୁ ସାମଲ
ଉପାଧ୍ୟକ୍ଷ, ଚୌଦ୍ୱାର ପୌରପରିଷଦ


ଶ୍ରୀମତୀ ମାନସୀ ସର୍ଣ୍ଣପ୍ରଭା ସାମଲ
ଅଧ୍ୟକ୍ଷା, ଚୌଦ୍ୱାର ପୌରପରିଷଦ

ଓ
ସମସ୍ତ ପାରିଷଦ ବୃନ୍ଦ

"ସ୍ୱଚ୍ଛ ଚୌଦ୍ୱାର, ସୁସ୍ଥ ଚୌଦ୍ୱାର - ଆପଣଙ୍କ ସହଯୋଗ, ଆମର କାମନା"



**AFFIDAVIT**

I, B Mahalaxmi, W/o- R Bhagaban, resident of At- Bikrampur, Po- Golabandha, Dist- Ganjam, PIN-761052, Odisha declared by this affidavit No-704, dtd- 29/08/2025 that now onwards I shall be known as **R MAHALAXMI** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 20/08/2025. I, **Susanta Kumar Rana** (Applicant name), S/O- Arthtrana Rana, Permanent resident of At- Naren, P.O. Naren, P.S. Titilagarh, Dist- Balangir, (Odisha), PIN- 767066, now residing at the same place affirm that I have changed my minor daughter's name from **Susanta Kumar Rana** (old name) to **Eshita Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Eshita Rana** (new name).

**Susanta Kumar Rana**

**AFFIDAVIT**

I, Swathi Nalla, D/o- Venkateswarlu Korukonda, resident of Duplex Villa Ultra 45, Pristine Greens, Phase-II, Kokila Resort, Pokhariput, Po- Dumduma Housing Board Colony, Dist-Khurda, PIN- 751019, Odisha declared by this affidavit No- 707, dtd- 30/08/2025 that now onwards I shall be known as **KORUKONDA SWATHI** for all future purposes.

**AFFIDAVIT**

I, Namita Roy, D/o- Bhikari Charan Satapathy, resident of Flat No-112, Arcon Retreat, Patia, Kalarahanga, KIIT, Bhubaneswar, Dist- Khurda, PIN- 751024, Odisha declared by this affidavit No-703, dtd- 29/08/2025 that now onwards I shall be known as **NAMITA SATAPATHY** for all future purposes.

**AFFIDAVIT**

By virtue of an affidavit No.3548, Dtd.26.08.2025 sworn before the Executive Magistrate, Jaleswar I, Sadasib Behera, S/o. Bansidhar Behera, At/Po. Mohammad nagarpatana, Ps. Jaleswar, Dist. Balasore, Pin- 756086, Odisha renounce, relinquish and abandon the use of my son former name Somya Behera (old name) instead of Soumyajit Behera (New name). Henceforth, he will be known as Soumyajit Behera for all purposes.

**AFFIDAVIT**

By the virtue of an affidavit executed before the Executive Magistrate, Bhubaneswar. I Togapur Pavan Kumar, aged about 43 years, S/O Togapur Rajeshwar Rao resident of Bhubaneswar, Odisha do hereby solemnly affirm that, my actual name is Togapur Pavan Kumar as per Aadhar Card bearing No: 6996 2540 5331 and my son's birth certificate bearing No-2848 issued by GHMC, Govt of Telangana. But in my son Anirudh Goutam Togapur Transfer Certificate bearing admission number-A19BR109 and TC No - 191, my name is mentioned as T Pavan Kumar instead of Togapur Pavan Kumar. That, this affidavit is required to be produced before the concerned authority for information and necessary action as and when required.

**Sd/- Togapur Pavan Kumar**

**AFFIDAVIT**

I, Soumya Das, D/o Sumanta Kumar Das, resident of Handa, Po- Bangiriposhi , Ps- Bangiriposhi, Dist- Mayurbhanj, Pin-757032, Odisha, declare by this affidavit No.48 Dated 30.08.2025 that now onwards, I shall be known as **Soumya Das** for all future purposes.

**Soumya Das**

**AFFIDAVIT**

By virtue of an Affidavit before Notary Public, Malkangiri, I, **Santoshi Gain**, aged about 26 years, W/o.: Anand Gain, D/o.: Ratan Dey resident of Village: M.V-71, PO.: Nalagunthi, P.S.: Kalimela, Dist.: Malkangiri, Odisha, declare by this Affidavit No.: 1045/2025, Dated: 20.08.2025 that I have changed my name from Santoshi Dey to **Santoshi Gain**. Henceforth I shall be known as **Santoshi Gain** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Fulamati Kirtania**, aged about 57 years, W/o.: Biswanath Kirtania resident of Village: M.V-6, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 861/25, Dated: 30.08.2025 that I have changed my name from Fulamati Kirttaniya to **Fulamati Kirtania**. Henceforth I shall be known as **Fulamati Kirtania** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Gangaram Madi**, aged about 58 years, S/o.: Late Sambharu Madi resident of Village: Balguda (Titang), PO.: Tandiki, P.S./Dist.: Malkangiri, Odisha, declare by this Affidavit No.: 1431/2025, Dated: 30.08.2025 that I have changed my name from Gangaram Madhi to **Gangaram Madi**. Henceforth I shall be known as **Gangaram Madi** for all future purposes.

**AFFIDAVIT**

I, Basant Kumar Nayak, S/o- Mahendra Prasad Nayak, resident of Plot No- 5/379, IRC Village, Nayapalli, Bhubaneswar, Dist- Khurda, PIN- 751015, Odisha declared by this affidavit No- 706, dtd- 30/08/2025 that now onwards I shall be known as **BASANTA KUMAR NAYAK** for all future purposes.



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST -374E, ତା.23.08.2025ରିଖ

**କାର୍ଯ୍ୟର ନାମ :** ଭଦ୍ରକ - ନିର୍ଗୁଣ୍ଡି ସେକ୍ସନ ପାଇଁ 2TR କ୍ଷମତା ବିଶିଷ୍ଟ ପ୍ରିସିଜନ୍ ଏସି ଏବଂ 2TR ସ୍ପିଲ୍ଟ ଏସି ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 86.06 ଲକ୍ଷ, EMD : ₹ 1,72,100.00, କାର୍ଯ୍ୟ ଶେଷ ହେବା ଅବଧି : 9 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.09.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-III)/ ଭୁବନେଶ୍ୱର

PR-89/CI/25-26

# ଜାତୀୟ ପତାକାକୁ ଅସମ୍ମାନ



ଗଣିଆ,୩୦।୮ (ସମିସ): ସ୍ୱାଧୀନତା ଦିବସ ପାଳନ ଗଲାଣି ୧୫ ଦିନ ତଳୁ। ହର୍ ଘର୍ ତିରଙ୍ଗା ଶୋଭାଯାତ୍ରା ବି ସରିଗଲାଣି। କିନ୍ତୁ ଏ ଯାଏଁ ଜାତୀୟ ପତାକାକୁ ଓହ୍ଲାଯାଇନି। ସେମିତି ଘରେ ପାଚେରିରେ ଝୁଲୁଛି। ଗଣିଆ ବ୍ଲକର ଅନେକ ସ୍ଥାନରେ ଜାତୀୟ ପତାକାକୁ ଅସମ୍ମାନ କରାଯାଇଥିବା ଦେଖିବାକୁ ମିଳିଛି। କେଉଁଠି ଛାତରେ ଓହଳି ପଡିଛି ତ ଆଉ କେଉଁଠି ଖୋଲା ଛାତ ତଳେ ପଡ଼ିରହିଛି। ଆଉ କେଉଁଠି ସିଧା ଓହଳାଇବା ବଦଳରେ ତଳକୁ ମୁହଁ କରି ଟଙ୍ଗାଯାଇଛି। ଏଭଳି ଅନେକ ସ୍ଥାନରେ ଜାତୀୟ ପତାକାକୁ ଅସମ୍ମାନ କରାଯାଇଥିବା ଦେଖିବାକୁ ମିଳିଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ନୟାଗଡ଼ ପୌର ପରିଷଦ

# ଦେଢ଼ ବର୍ଷରେ ବିକାଶ ଶୂନ

ନୟାଗଡ଼,୩୦।୮ (ସମିସ)

ନୟାଗଡ଼ ଏନ୍ଏସିରୁ ପୌର ପରିଷଦ ମାନ୍ୟତା ପାଇବା ପରେ ସହର ବିକାଶ ନେଇ ଯେଉଁ ଆଶା କରାଯାଇଥିଲା, ତାହା ଦେଢ଼ ବର୍ଷ ମଧ୍ୟରେ ଧୂଳିସାତ ହୋଇଯାଇଛି। ଦେଢ଼ ବର୍ଷ ମଧ୍ୟରେ ଗୋଟିଏ ଆଖିଦୃଶିଆ ବିକାଶ ମୂଳକ କାର୍ଯ୍ୟ ହୋଇପାରିନଥିବା ବେଳେ ପୌର ପରିଷଦର ଦୈନନ୍ଦିନ କାର୍ଯ୍ୟରେ ମଧ୍ୟ ବ୍ୟାପକ ହେରାଫେରି ଏବଂ ଅବ୍ୟବସ୍ଥିତ ପରିସ୍ଥିତି ସୃଷ୍ଟି ହୋଇଛି। ନୟାଗଡ଼ ପୌର ପରିଷଦ ଅଧୀନରେ ସହରବାସୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ସହରରେ ସ୍ଥାୟୀ ବସବାସ କରୁଥିବା ଲୋକଙ୍କଠାରୁ ଦୁଇ ଗୁଣା ଲୋକ ଭଡ଼ା ଘର ନେଇ ସହରରେ ଅବସ୍ଥାନ କରୁଛନ୍ତି। ସାହି, ଗଳି, କଲୋନୀ ସଂଖ୍ୟା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ନୟାଗଡ଼ ସହର ପୂର୍ବ ଦିଗରେ ଇଟାମାଟି ସହ ଧିରେ ଧିରେ ଯୋଡ଼ି ହୋଇ ଯାଉଥିବା ବେଳେ ପଶ୍ଚିମରେ ତୁଳସୀପୁର, ଉତ୍ତରରେ ଲକ୍ଷ୍ମୀପ୍ରସାଦ, ଦକ୍ଷିଣରେ ମାଛିପଡ଼ାକୁ ଛୁଇଁଲାଣି। ନୟାଗଡ଼ ସହରରେ ଲକ୍ଷାଧିକ ଲୋକ ଅବସ୍ଥାନ କରୁଥିବା ବେଳେ ଅନେକ ଜିଲ୍ଲାର ଛାତ୍ରଛାତ୍ରୀ ନୟାଗଡ଼କୁ ଆସୁଛନ୍ତି। ସହରକୁ ବିକଶିତ କରିବା ପାଇଁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଚେଷ୍ଟା ଓ ପ୍ରଚେଷ୍ଟାରେ ଅନେକ କାର୍ଯ୍ୟ ହାତକୁ ନିଆଯାଇଥିଲା। କିନ୍ତୁ ନୂତନ ପୌରନିର୍ବାହୀ ଅଧିକାରୀ ନୟାଗଡ଼ ପୌର ପରିଷଦରେ ଯୋଗ

- କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ
- ଚୁଲିକୁ ଗଲାଣି ପରିମଳ ବ୍ୟବସ୍ଥା
- ଦିନକୁ ଦିନ ତେଜୁଛି ଅସନ୍ତୋଷ

ଦେବା ଦିନଠାରୁ ପୌର ପରିଷଦ ବିକାଶ ଏକଦମ ଠପ୍ ହୋଇଯାଇଛି। ସଫେଇ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ସ୍ଥିତିକୁ ଯାଇଛି। ଗଳି କନ୍ଦିରେ ମାସ ମାସ ଧରି ଝାଡୁ ବାଜୁନଥିବା ବେଳେ ଡ୍ରେନ୍ ସଫେଇ, ଘାସ ସଫା କାର୍ଯ୍ୟ କଥା ନକହିବା ଭଲ। ପ୍ରଥମ ପୌର ପରିଷଦ ଅଧ୍ୟକ୍ଷା ଭାବେ ନିରୂପମା ଖଟେଇ ଦାୟିତ୍ୱ ଗ୍ରହଣ କରିବା ପରେ ଆହୁରି ବିକାଶ ହେବ ବୋଲି ଆଶା କରାଯାଉଥିଲା। ମାତ୍ର କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଏବଂ କାଉନସିଲରଙ୍କ ମଧ୍ୟରେ ଗୋଡ଼ଟଣା ନୀତି ପାଇଁ ସେ ଆଶା ବି ସହରବାସୀଙ୍କ ମଧ୍ୟରେ ମରିଯାଇଛି। ନୟାଗଡ଼ ସହରରେ ରହିଥିବା ପୋଖରୀ ଗୁଡ଼ିକ ପୁନଃରୁଦ୍ଧାର କାର୍ଯ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ନୟାଗଡ଼ ବିଜୁ ମାର୍କେଟ ଉପର ମହଲ ଗୃହ ଆବଣ୍ଟନ ହୋଇପାରିଲାନାହିଁ। ନୟାଗଡ଼ ନୂତନ ବସ୍ଷ୍ଟାଣ୍ଡ ସଠିକ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ନୟାଗଡ଼ ବଲାଙ୍ଗୀ ପାର୍କ ବିକାଶ ପାଇଁ ଦେଢ଼ ବର୍ଷ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସହର ଅନେକ ବିକାଶ ମୂଳକ କାର୍ଯ୍ୟକୁ ଜାଣିଶୁଣି ଚାପି ଦିଆଯାଉଛି। ପୌର ପରିଷଦ ନିଷ୍ପତ୍ତିକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଉନଥିବା ବେଳେ କିଛି କର୍ମଚାରୀ କେବଳ ଲୋକଙ୍କୁ ଶୋଷଣ କରିବାକୁ ଗୁରୁତ୍ୱ ଦେଉଛନ୍ତି। ନୟାଗଡ଼ ବଲାଙ୍ଗୀ ପାର୍କ ବୋଟିଂ ବ୍ୟବସ୍ଥା ନିଲାମ ଦିଆଯାଇଥିବା ବେଳେ ପୌର ପରିଷଦ ଖାତାକୁ ଟଙ୍କାଟିଏ ଆସୁନାହିଁ। ନୟାଗଡ଼ ସହରର ହୋଡ଼ିଂ ବ୍ୟବସ୍ଥାକୁ ଦଲାଲଙ୍କ ହାତରେ ଛାଡ଼ି ଦିଆଯାଇଛି। ସେହିଭଳି ଭାବେ ହୋଲ୍ଡିଂ ଟ୍ୟାକ୍ସ ଆଦାୟ, ବିଲ୍ଡିଂ ପ୍ଲାନ ଆପ୍ରୁଭାଲ କାର୍ଯ୍ୟରେ ଏଭଳି କେଳେଙ୍କାରୀ କରାଯାଉଛି, ତାହାକୁ ନେଇ ଅସନ୍ତୋଷର ନିଆଁ ଜଳୁଛି। କାଉନସିଲରଙ୍କଠାରୁ ଆରମ୍ଭ କରି ସହରର ପ୍ରମୂଖ ରାଜନୈତିକ ବ୍ୟକ୍ତିମାନେ ନିର୍ବାହୀ ଅଧିକାରୀଙ୍କୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଥିଲେ ବି ପ୍ରଶାସନ ଓ ସରକାର ଏଦିଗରେ କର୍ଣ୍ଣପାତ କରିନାହାନ୍ତି। ନୟାଗଡ଼ ପୌର ପରିଷଦ ସଫେଇ ଦାୟିତ୍ୱ ଏବଂ ଠିକା କର୍ମଚାରୀ ନିଯୁକ୍ତିରେ ବ୍ୟାପକ କେଳେଙ୍କାରୀ କରାଯାଉଛି। ସଫେଇ କାର୍ଯ୍ୟରେ ନିୟୋଜିତ ଗାଡ଼ି ଓ ତେଲ ବାବଦରେ ଲକ୍ଷ ଲକ୍ଷ ଟଙ୍କା ହେରାଫେରି ହେଉଛି। ସେହିଭଳି ଭାବେ ଠିକା କର୍ମଚାରୀ ନିଯୁକ୍ତିରେ ମଧ୍ୟ ବ୍ୟାପକ ଜାଲିଆତି ହେଉଛି। ପୌର ପରିଷଦ ବିଗତ ଦିନର ସ୍ଥିତି ଓ ଏବେକାର ପରିସ୍ଥିତିକୁ ଲକ୍ଷ କଲେ ବିକାଶ ଶବ୍ଦଟି ପୌର ପରିଷଦଠାରୁ ଦୂରେଇ ଯାଇଥିବା ଅନୁମାନ କରାଯାଉଛି।

# ବିସର୍ଜନକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

ଭାପୁର,୩୦।୮ (ସମିସ): ବିଦ୍ୟାଦାତା ବିଘ୍ନବିନାଶନ ଗଣେଶଙ୍କୁ ଛାତ୍ରଛାତ୍ରୀ ପୂଜାର୍ଚ୍ଚନା କରି ନିଜର ପ୍ରଜ୍ଞା ବୃଦ୍ଧି ନିମନ୍ତେ ମାନସିକ କରିଥାନ୍ତି। ମାତ୍ର, ବର୍ତ୍ତମାନ ଅନେକ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ପୂଜାର୍ଚ୍ଚନା କରିବା ପରିବର୍ତ୍ତେ ଏହାକୁ ମନୋରଞ୍ଜନର ମାଧ୍ୟମ କରିବା ସହ ନିଜର ପତିଆରା ଦେଖାଇବାକୁ ସୁଯୋଗ ଭାବେ ବ୍ୟବହାର କରୁଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଟିକିରିପଡା ବାଲୁଙ୍କେଶ୍ୱରଦେବ ଆଞ୍ଚଳିକ ଯୁକ୍ତ ୩ ମହାବିଦ୍ୟାଳୟରେ। ଶନିବାର କଲେଜରେ ହୋଇଥିବା ଗଣେଶ ମୂର୍ତ୍ତି ବିସର୍ଜନକୁ ନେଇ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହେବାରୁ ଖବରପାଇ ଫତେଗଡ଼ ଥାନା ଏଏସଆଇ ଭାବଗ୍ରାହୀ ମଲ୍ଲିକ, ଏଏସଆଇ ପ୍ରଶାନ୍ତ କୁମାର ବିଶ୍ୱାଳ ସଦଳବଳେ ମହାବିଦ୍ୟାଳୟରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଶନିବାର ଅପରାହ୍ନରେ ଗଣ୍ଡଗୋଳ କରୁଥିବା ସମସ୍ତ ଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଫତେଗଡ଼ ଥାନାରେ ପହଞ୍ଚି ଆପୋଷ ବୁଝାମଣା କରିବା ସହ ଭବିଷ୍ୟତରେ ଏପରି ନ କରିବାକୁ ଲିଖିତ ଭାବେ ଜଣାଇଥିଲେ।

- ପୂର୍ବ ଶତ୍ରୁତାରୁ ଦୁଇ ସାହି ଗଣ୍ଡଗୋଳ

# ଖଣ୍ଡା, ଭୁଜାଲି ଆକ୍ରମଣରେ ୪ ଆହତ

ଭାପୁର, ୩୦।୮ (ସମିସ): ନୟାଗଡ଼ ଜିଲ୍ଲା ଫତେଗଡ ଥାନା ବାଇଗୁଣିଆ ପଞ୍ଚାୟତ ବାଇଗୁଣିଆ ଗ୍ରାମର ତାରିଣୀ ଛକଠାରେ ଶନିବାର ରାତି ୭ଟା ସମୟରେ ଦୁଇ ସାହିର ଯୁବକଙ୍କ ମଧ୍ୟରେ ଖଣ୍ଡା ଓ ଭୁଜାଲିରେ ହଣାହଣି ହୋଇଛନ୍ତି। ଏଥିରେ ଦୁଇ ସାହିର ୪ ଜଣ ଯୁବକ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଫତେଗଡ ପୁଲିସ ଓ ଜଗନ୍ନାଥ ପ୍ରସାଦ ଫାଣ୍ଡି ଅଧିକାରୀ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରିଛନ୍ତି। ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ବାଇଗୁଣିଆ ଗ୍ରାମ ଅନୁସୂଚିତ ଜାତି ସାହିର ଜଣେ ଯୁବକ ସେହି ଗ୍ରାମର ଗଉଡସାହିର ରାଜେଶ କୁମାର ବେହେରାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ରାଜେଶଙ୍କ ପିଠିରେ ଗୁରୁତର କ୍ଷତ ହୋଇଛି। ସେ ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଫତେଗଡ ଥାନା ଏଏସଆଇ ପ୍ରଶାନ୍ତ ବିଶ୍ୱାଳ ସଦଳବଳେ ବାଇଗୁଣିଆ ଗ୍ରାମରେ ପହଞ୍ଚିଛନ୍ତି। ସେହିପରି ଜଗନ୍ନାଥ ପ୍ରସାଦ ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ଜଗଦେବ ପହଞ୍ଚିଛନ୍ତି। ରାତି ୯ଟା ସୁଦ୍ଧା ଗ୍ରାମରେ ପୁଲିସ ମୁତୟନ ରହିଥିବା ଜଣାପଡିଛି। ପୁଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଲାସୀ ଜାରି ରଖିଛନ୍ତି। ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଛି। ତେବେ ପୁଲିସ୍ ଏକ ବାଇକ୍‌କୁ ଜବତ କରିଥିବା ବେଳେ ଘଟଣାରେ ଜଣଙ୍କୁ ଉଠାଇ ନେଇଥିବା ଜଣାପଡିଛି।

ଠିକାଦାରଙ୍କ ପାଖରେ ବନ୍ଧା ପଡ଼ିଛି ପ୍ରଶାସନ

# ମେଡିକାଲ ବୋରିଂ ପାଣିରେ ନିର୍ମାଣ ହେଉଛି ଡ୍ରେନ୍

ଗଣିଆ,୩୦।୮ (ସମିସ): ସୀମା ଟପି ଗଲାଣି ଠିକାଦାରଙ୍କ ମନମାନୀ। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଖରେ ବନ୍ଧା ପଡ଼ିଛି ପ୍ରଶାସନ। ସାଧାରଣ ଜନତା ପାଲଟିଛନ୍ତି ଜଳକା। ଗଣିଆ ମେଡିକାଲ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଉଛି। ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ହେବ ଏଠାରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଅଧପନ୍ତରିଆ ହୋଇ ପଡ଼ିରହିଛି। କାର୍ଯ୍ୟ ଅବଧି ଶେଷ ହୋଇଯାଇଥିବା ବେଳେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଏପରି ଅବସ୍ଥା ଲାଗି ରହିଛି। ଏପଟେ ଠିକାଦାର ଜଣକ ମେଡିକାଲ କାର୍ଯ୍ୟ ଛାଡି କୃଷ୍ଣପଲ୍ଲୀଠାରେ ଏକ ଡ୍ରେନ୍ କାର୍ଯ୍ୟ କରୁଛନ୍ତି। ଗଣିଆ ଠାରୁ ୧୦ କିଲୋମିଟର ଦୂର ଏହି ଗ୍ରାମରେ ଡ୍ରେନ କାର୍ଯ୍ୟ ପାଇଁ ଠିକାଦାର ଜଣକ ଗଣିଆ ମେଡିକାଲ ବୋରିଂରୁ ପାଣି ନେଇ କାମ କରୁଛନ୍ତି। ମେଡିକାଲ ପରିସରରେ ପାଣି ନଥିବାରୁ ଅନେକ ସମସ୍ୟା ଦେଖାଦେଇଥିବା ଗତ ରୋଗୀ କଲ୍ୟାଣ ସମିତି ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜଣାଇଥିବା ବେଳେ ଠିକାଦାର କାହା ଅନୁମତିରେ ମେଡିକାଲ ବୋରିଂରୁ ପାଣି ନେଉଛି




ତାହା ତଦନ୍ତ ସାପେକ୍ଷ। ବୋରିଂ ପାଣିରେ ଡ୍ରେନ୍ ନିର୍ମାଣ କେତେଦୂର ଯୁକ୍ତିଯୁକ୍ତ। ଏପରିକି ଉକ୍ତ ଅଧପନ୍ତରିଆ ମେଡିକାଲ ଗୃହ ଏବେ ଗୋଦାମ ଘର ପାଲଟିଛି। ଠିକାଦାର ଏଠାରେ ଛଡ, ସିମେଣ୍ଟ ରଖି ଅନ୍ୟ ସ୍ଥାନରେ ଠିକାକାର୍ଯ୍ୟ କରୁଛନ୍ତି। ଠିକାଦାରଙ୍କ ପ୍ରତି ବିଭାଗୀୟ ଅଧିକାରୀଙ୍କ ଅପାରଗତା ନା ଅନୁକମ୍ପା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଶନିବାର ସକାଳୁ ବୋରିଂରୁ ପାଣି ନେଉଥିବା ବେଳେ ସ୍ଥାନୀୟ ଲୋକେ ବିରୋଧ କରିବା ସହିତ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଗୋପବନ୍ଧୁ ଧୀରଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି। ଶ୍ରୀ ଧୀର ଠିକାଦାରଙ୍କୁ ପାଣି ନେବାକୁ ମନା କରିବେ ବୋଲି ପ୍ରକାଶ କରିଛନ୍ତି। କନିଷ୍ଠ ଯନ୍ତ୍ରୀ ଶ୍ରୀ ଧୀର ଗଣିଆକୁ ନଆସି ନୟାଗଡ଼ରେ ରହୁଥିବା ବେଳେ ଏ ସମ୍ପର୍କରେ ଖବର ପ୍ରସାରଣ କରାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଗଣିଆ,୩୦।୮ (ସମିସ): ଗଣିଆ ବ୍ଲକ କିଶୋର ପ୍ରସାଦ ପଞ୍ଚାୟତ ପତଣ୍ଡାରେ ଥିବା ପତଣ୍ଡା ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି



ଭାବେ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ରାଉତରାୟ, ଅତିରିକ୍ତ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ବେହେରା, ବିନୋଦିନୀ ପଣ୍ଡା, ସହକାରୀ ଶିକ୍ଷୟିତ୍ରୀ ଚିନ୍ କୁମାରୀ ହୋତା, ସରପଞ୍ଚ ଗୀତା ରାଣୀ ବେହେରା, ସମିତିସଭ୍ୟା ରଞ୍ଜିତା ବେହେରା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଜୟ କୁମାର ମହାରଣା, ସମ୍ପାଦକ ସୁରେଶ କୁମାର ବେହେରା, ପ୍ରଧାନଶିକ୍ଷକ ପ୍ରଶାନ୍ତ ପାଣିଗ୍ରାହୀ, ପରିଚାଳନା କମିଟିର ସଭାପତି, ସଦସ୍ୟ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ତରଫରୁ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ହୋତାଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଜଣକ ୨୦୧୮ ମସିହାରୁ ଦୀର୍ଘ ୧୭ ବର୍ଷ କାଳ ଏହି ବିଦ୍ୟାଳୟରେ କାର୍ଯ୍ୟକରି ପ୍ରଶଂସା ସାଉଁଟି ଥିବା ଉପସ୍ଥିତ ଅଭିଭାବକ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମତ ଦେଇଥିଲେ। ଚାକିରି ଅଛି ମାନେ ଅବସର ନିଶ୍ଚୟ ହେବ କିନ୍ତୁ ଶିକ୍ଷୟିତ୍ରୀ ଜଣକ ବିଦ୍ୟାଳୟ ପାଇଁ ଯେଉଁ ଛାପ ଛାଡି ଯାଇଛନ୍ତି ତାହା ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛି ଏଥିରେ ସନ୍ଦେହ ନାହିଁ। ତାଙ୍କର ଅବସର ସମୟ ଶାନ୍ତିରେ କଟିବା ସହିତ ଭଗବାନ ତାଙ୍କୁ ନିରାମୟ ଜୀବନ ପ୍ରଦାନ କରନ୍ତୁ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ବିଦ୍ୟାଳୟ ତରଫରୁ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ଉପଢ୍ୌକନ ଏବଂ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏକ ବିଶାଳ ଶୋଭାଯାତ୍ରାରେ ଶିକ୍ଷୟିତ୍ରୀଙ୍କୁ ତାଙ୍କ ବାସଭବନରେ ଛାଡ଼ି ଦିଆଯାଇଥିଲା। ଶିକ୍ଷକ କେଶବ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଦବୋଝେଇ ଟ୍ରକ୍‌ରୁ ୧୦ ପେଟି ଚୋରି

ବଲଙ୍ଗା,୩୦।୮ (ସମିସ): ବଲଙ୍ଗା ଥାନା ଅନ୍ତର୍ଗତ ପିପିଲି-ନିମାପଡ଼ା ରାସ୍ତା ଗୋଡ଼ିମାଳ ପେଟ୍ରୋଲ ପମ୍ପଠାରେ ଏକ ମଦ ବୋଝେଇ ଟ୍ରକ୍‌ରୁ କେତେଜଣ ଦୁର୍ବୃତ୍ତ ୧୦ ପେଟି ମଦ ଚୋରି କରିଥିବା ନେଇ ବଲଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ବଲଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ମଦବୋଝେଇ ଟ୍ରକ୍ ନିମାପଡ଼ା ଏକମକଣାରୁ ଆସି ଗୋଡ଼ିମାଳ ଛକ ପେଟ୍ରୋଲ୍ ପମ୍ପଠାରେ ରହି ଚାଳକ ବିଶ୍ରାମ ନେଉଥିବାବେଳେ ଏହାର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ରଶି ଓ ପାଲ କାଢ଼ି ୧୦ ପେଟି ମଦ ନେଇ ଯାଇଥିବା ବଲଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

# ମୌଳିକ ସେବାରୁ ବଞ୍ଚିତ ହାଟମୁଣ୍ଡ ପାଟଣା ପଞ୍ଚାୟତ ସମ୍ମୁଖରେ ଧାରଣା ୧୫ରେ

କଣ୍ଟିଲୋ,୩୦।୮ (ସମିସ): ପର୍ଯ୍ୟଟନ କ୍ଷେତ୍ର ନୀଳମାଧବ ପୀଠ ପଶ୍ଚିମ ଦ୍ୱାର ରାସ୍ତା ସଂଲଗ୍ନ ଗ୍ରାମ ହାଟମୁଣ୍ଡ ପାଟଣା ଗ୍ରାମର ବିଭିନ୍ନ ସମସ୍ୟା ନେଇ ପ୍ରଶାସନ ଅବହେଳା ପ୍ରଦର୍ଶନ କରୁଥିବାରୁ ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ ଜନକଲ୍ୟାଣ କ୍ଲବ ତଥା ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ ନିଷ୍ପତି ନିଆଯାଇଛି। ଗ୍ରାମର ରାସ୍ତା ଘାଟର ଦୁରାବସ୍ଥା ସାଙ୍ଗକୁ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଡ୍ରେନ ପୋତି ହୋଇ ରାସ୍ତାରେ ନର୍ଦ୍ଦମା ପାଣି ଭାସୁଛି। ଗ୍ରାମରେ ଆଲୋକ ବ୍ୟବସ୍ଥା ନାହିଁ। ଅଳିଆ ପକାଇବା ପାଇଁ ଆବର୍ଜନା କୁଣ୍ଡ ନାହିଁ। ଏଣେ ତେଣେ ଅଳିଆ ପଡିବା ଫଳରେ ଗ୍ରାମ ସ୍ୱଚ୍ଛ ପରିବେଶ ବିଗିଡିବାରେ ଲାଗିଛି। ଗ୍ରାମ ସ୍ଥିତ ବାଳିକା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ପୁରାତନ କୂଅର ପୁନରୁଦ୍ଧାର ଆଦି ବିଭିନ୍ନ ଦାବି କରିଆସୁଛନ୍ତି। ମାତ୍ର ପ୍ରଶାସନ ପଦକ୍ଷେପ ନେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ୟା ସମାଧାନ ନହେଲେ ଆସନ୍ତା ୧୫ରେ ଗ୍ରାମବାସୀ କଣ୍ଟିଲୋ ଗ୍ରାମପଞ୍ଚାୟତ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି ଲିଖିତ ଭାବେ ଜିଲ୍ଲାପାଳ, ଏସ୍‌ପି ତଥା ଜିଲ୍ଲା ପଦାଧିକାରୀ, ଖଣ୍ଡପଡା ବିଡିଓ, ତହସିଲଦାର, ସ୍ଥାନୀୟ ସରପଞ୍ଚ ଓ ପୁଲିସ ପ୍ରଶାସନଙ୍କୁ ଅବଗତ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଶ୍ରୀଯାରାଣୀ ବେହେରାଙ୍କୁ ଯୋଗାଯୋଗ କରିବାରେ ସମ୍ପୃକ୍ତ ଗ୍ରାମର ଡ୍ରେନ ପାଇଁ ୮ ୭ହଜାର ଓ କୂଅର ପୁନରୁଦ୍ଧାର ନିମନ୍ତେ ୫୦ହଜାର ଟଙ୍କା ବ୍ୟୟ ବରାଦ ହୋଇଛି। ଅନ୍ୟ ସମସ୍ୟା ଗୁଡିକ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଦେଓଗାଁ ଗ୍ରାମବାସୀଙ୍କ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ନିଷ୍ପତ୍ତି

ଓଡ଼ଗାଁ, ୩୦।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପାଣ୍ଡେରିପଡ଼ା ଗ୍ରାମପଞ୍ଚାୟତ ଦେଓଗାଁରେ ଗ୍ରାମ୍ୟ ରାସ୍ତା ନିର୍ମାଣ ଅଟକି ରହିଛି। ଫଳରେ ରାସ୍ତା ନିର୍ମାଣ ହେବା ପର୍ଯ୍ୟନ୍ତ ଗ୍ରାମବାସୀ ସେପ୍ଟେମ୍ବର ୧ ସୋମବାର ଠାରୁ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମନାରେ ଅହୋରାତ୍ର ଧାରଣା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଗ୍ରାମବାସୀଙ୍କ ତରଫରୁ ନୟାଗଡ଼ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଟାଉନଥାନା ଅଧିକାରୀ ଏବଂ ଗଣମାଧ୍ୟମକୁ ସୂଚିତ କରିଛନ୍ତି। ସୂଚନା ଥାଉକି ରଙ୍ଗଣିପାଟଣା ଛକ ଠାରୁ ସୁନା ମୁହିଁ ପୂର୍ତ୍ତବିଭାଗ ରାସ୍ତାର ଦେଓଗାଁ ଠାରେ ବିବାଦୀୟ ପରିସ୍ଥିତି ଯୋଗୁଁ କିଛି ଅଂଶ ନିର୍ମାଣ ନ ହୋଇ ପଡ଼ିରହିଛି। ୨୫ ବର୍ଷ ଧରି ପଡିରହିଥିବା ବିବାଦୀୟ ରାସ୍ତାକୁ ନକ୍ସା ଅନୁସାରେ ନିର୍ମାଣ କରିବା ନିମନ୍ତେ ଗତ ଜୁନ୍ ମାସରେ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧିକ୍ଷଣ ଯନ୍ତ୍ରୀ ଓଡ଼ଗାଁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ରାସ୍ତା ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ ପାଇଁ ଚିଠି କରିଥିଲେ। ଘଟଣାକୁ ୨ ମାସ ବିତିଯାଇଥିଲେ ମଧ୍ୟ ରାସ୍ତା ନିର୍ମାଣ ହୋଇପାରିନାହିଁ। ଇତିମଧ୍ୟରେ ଗ୍ରାମବାସୀଙ୍କ ତରଫରୁ ଜିଲ୍ଲାପାଳ ଏବଂ ପୂର୍ତ୍ତବିଭାଗକୁ ଏକାଧିକ ଥର ସ୍ମରଣ କରାଇବା ସତ୍ତ୍ୱେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନହେବାରୁ ଆସନ୍ତା ୧ ତାରିଖ ଠାରେ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି କହିଛନ୍ତି।

# ଗେଟ୍ ଭାଙ୍ଗି ଚୋରି କରି ଗିରଫ

କାକଟପୁର,୩୦।୮ (ସମିସ): କାକଟପୁର ଥାନା ଅନ୍ତର୍ଗତ ପ୍ରାଚୀବିହାରର ତୁଷାରକାନ୍ତ ପାତ୍ରଙ୍କ ଗେଟ୍ ଭାଙ୍ଗି ପାଣି ମଟର ସହିତ ଦୁଇଟି ସିସି କ୍ୟାମେରା, କିଛି ଲାଇଟ୍, ତାର ଚୋରି ହୋଇଯାଇଥିବା ଜାଣି କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କାକଟପୁର ଥାନା ଆଇଆଇସି ବସନ୍ତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ଜୟନ୍ତୀ ସାହୁ, ପ୍ରମୋଦ ସେଠୀ ବିଭିନ୍ନ ସିସି କ୍ୟାମେରାକୁ ଯାଞ୍ଚ କରିବା ପରେ ଚୋରି କରିଥିବା ପ୍ରାଚୀବିହାରରେ ରହୁଥିବା ସୁଦର୍ଶନ ମହାନ୍ତିଙ୍କ ପୁଅ ନିରଞ୍ଜନ ମହାନ୍ତି ଓରଫ ପପୁ ଏଭଳି କାଣ୍ଡ ଭିଆଇଥିବା ଜାଣିବାକୁ ପାଇଥିଲେ। ଥାନାରେ ଏକ ମାମଲା ରୁଜୁ କରି ଶନିବାର ପପୁକୁ କୋର୍ଟ ଚାଲାଣ କରିଥିଲେ। ପପୁ ଜଣେ ପାଉଡର ନିଶାସକ୍ତ ହୋଇଥିବାବେଳେ ଆଖପାଖ ଅଞ୍ଚଳରୁ ବିଭିନ୍ନ ଚୋରି ମାମଲାରେ ସମ୍ପୃକ୍ତି ଥିବା ପୁଲିସ ଜାଣିବାକୁ ପାଇଛି। ପପୁଠାରୁ ଚୋରି ଯାଇଥିବା ଜିନିଷ ଜବତ କରାଯାଇଛି। କାକଟପୁର ଜେଏମ୍ଏଫ୍‌ସି କୋର୍ଟ ଅଭିଯୁକ୍ତର ଜାମିନ ନାମଞ୍ଜୁର କରିବାରୁ ତାକୁ ନିମାପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି।

ନୟାଗଡ଼ ପଞ୍ଚାୟତ ସମିତି

# ମୁଖଶାଳା ନିର୍ମାଣକୁ ନେଇ ଶୀତଳ ଯୁଦ୍ଧ

ନୟାଗଡ଼,୩୦।୮ (ସମିସ)

ନୟାଗଡ଼ ବ୍ଲକ କାର୍ଯ୍ୟାଳୟରେ ଏବେ ରାଜନୈତିକ ଅସ୍ଥିରତା ଆରମ୍ଭ ହୋଇଛି। ବ୍ଲକରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ତାଳମେଳ ରହୁନି। ବ୍ଲକ ପ୍ରଶାସନର ଭିତିରି କଥା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ନୟାଗଡ଼ ବ୍ଲକ କାର୍ଯ୍ୟାଳୟ ମୁଖଶାଳା ତଥା ମୁଖ୍ୟ ଫାଟକକୁ ନେଇ ବିବାଦ ଦେଖାଦେଇଛି। ନିର୍ବାଚନ ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ମୁଖଶାଳା ନିର୍ମାଣ କରାଯାଇଥିଲା। ଏହି ମୁଖଶାଳା ନିର୍ମାଣ ଦାୟିତ୍ୱ ଜୈନିକ ଯନ୍ତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ଯନ୍ତ୍ରୀ କିଛି ମିସ୍ତ୍ରି, ରଙ୍ଗମିସ୍ତ୍ରି ଓ ଶ୍ରମିକଙ୍କୁ ଲଗାଇ କାମ କରିଥିଲେ। ଏ ବାବଦରେ କେତେ ଟଙ୍କା ବିଲ୍ ହୋଇଛି, ତାହା କାହାକୁ ଜଣାନଥିବା ବେଳେ ଏବେ ମିସ୍ତ୍ରି, ଶ୍ରମିକ ଓ ରଙ୍ଗ କାମ କରିଥିବା ଟଙ୍କା ପାଇନଥିବା ଅଭିଯୋଗ ହେଉଛି। ଏନେଇ




ପୂର୍ବରୁ କେହି ମୁହଁ ଖୋଲୁନଥିବା ବେଳେ କାର୍ଯ୍ୟ କରିଥିବା ଯନ୍ତ୍ରୀଙ୍କର ନିକଟରେ ବଦଳି ହୋଇଛି। ବଦଳି ପରେ ସମସ୍ତ ମୁହଁ ଖୋଲିବା ଆରମ୍ଭ ହୋଇଥିବା ବେଳେ ଏ ବାବଦରେ ଅନେକ ଟଙ୍କା ବ୍ଲକରୁ ଯନ୍ତ୍ରୀ ପାଇବାକୁ ଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ, ଯନ୍ତ୍ରୀଙ୍କ ବଦଳି ପରେ ନୂତନ ଫାଟକ ଲଗାଯାଉଛି। ଏହି କାର୍ଯ୍ୟକୁ ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ନିଜେ ତଦାରଖ କରୁଛନ୍ତି। ଏଭଳି ସ୍ଥିତିରେ ମୁଖଶାଳା ନିର୍ମାଣ କାର୍ଯ୍ୟରେ କାର୍ଯ୍ୟରତ ମିସ୍ତ୍ରି, ଶ୍ରମିକ ଓ ରଙ୍ଗମିସ୍ତ୍ରି କିଭଳି ଟଙ୍କା ପାଇବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଦଳି ହୋଇଥିବା ଯନ୍ତ୍ରୀଙ୍କ ବିଲ୍ କରିବାକୁ ବ୍ଲକ ପ୍ରଶାସନ ସହମତି ପ୍ରକାଶ କରୁଥିବା ବେଳେ କିଛି ଚକ୍ରାନ୍ତ ପାଇଁ ବିଳମ୍ବ ହେଉଥିବା ଆଲୋଚନା ହେଉଛି। ନୟାଗଡ଼ ବ୍ଲକରେ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କ ମଧ୍ୟରେ ସମନ୍ୱୟଅଭାବ ରହୁଥିବା ମତ ପ୍ରକାଶ ପାଇଥିବା ବେଳେ ଏଭଳି ପରିସ୍ଥିତି ପାଇଁ କିଏ ଦାୟୀ ବୋଲି ପ୍ରଶ୍ନ ଉଠୁଛି। ବ୍ଲକରେ ରାଜନୈତିକ ଅସ୍ଥିରତା ଏହାର ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି। ଜିଲ୍ଲାର ୮ଟି ବ୍ଲକ ମଧ୍ୟରୁ ନୟାଗଡ଼ ବ୍ଲକ ସବୁଠାରୁ ଶିକ୍ଷିତ ଓ ବିକଶିତ ଅଞ୍ଚଳ ହୋଇଥିବା ବେଳେ ଏଭଳି ଅସ୍ଥିରତା ଜାଣିଶୁଣି ସୃଷ୍ଟି କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ, ସମ୍ପୃକ୍ତ ଯନ୍ତ୍ରୀଙ୍କ ବ୍ଲକରୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଭିନ୍ନ କାମ ବାବଦ ପାଇବାକୁ ରହିଥିବା ବେଳେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କାର୍ଯ୍ୟ କରିଥିବା ଲୋକ, ବ୍ୟବସାୟୀଙ୍କୁ ଦେବା ପାଇଁ ବଳକା ରହିଥିବା ଆଲୋଚନା ହେଉଛି। ବ୍ଲକ ପ୍ରଶାସନ ଅଧିନରେ କାର୍ଯ୍ୟ ହୋଇଥିବା ବେଳେ ଏବେ ଟଙ୍କାକୁ ନେଇ କନ୍ଦଳ ପଛରେ ଅନେକ କିଛି ଭିତିରିଆ କାରଣ ରହିଥିବା ଶୁଣାଯାଉଛି।

# ଓଡ଼ଗାଁ ବନାଞ୍ଚଳରେ ୧୦ ଟିକିଆ ହାତୀପଲ



ଓଡ଼ଗାଁ,୩୦।୮ (ସମିସ): ନୟାଗଡ଼ ଜିଲ୍ଲା ବନଖଣ୍ଡ ଗୋଛା ସଂରକ୍ଷିତ ଜଙ୍ଗଲ ପଞ୍ଚିରିଡା ବନାଞ୍ଚଳରୁ ଓଡ଼ଗାଁ ବନାଞ୍ଚଳ ମଧ୍ୟରେ ୧୦ ଟିକିଆ ହାତୀପଲ ପ୍ରବେଶ କରିଛନ୍ତି। ଏହି ସୂଚନା ପାଇବା ପରେ ଓଡ଼ଗାଁ ରେଞ୍ଜରଙ୍କ ପରାମର୍ଶକ୍ରମେ ବନପାଳ ସରିତା ବରାଳ ନେତୃତ୍ୱରେ ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ମାନଙ୍କର ଗତି ବିଧି ଓ ଉପସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ୧୦ ଟିକିଆ ହାତୀପଲ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଗୋଛା ସଂରକ୍ଷିତ ଜଙ୍ଗଲ ଓ ଖୋର୍ଦ୍ଧା ବନଖଣ୍ଡ ସଂରକ୍ଷିତ ଜଙ୍ଗଲ ମଧ୍ୟସ୍ଥ ସ୍ଥାନ ମହୁଲିଆ ଅଞ୍ଚଳରେ ରହୁଛନ୍ତି। ସନ୍ଧ୍ୟା ହେଲେ ଜଙ୍ଗଲ ତଳି ଅଞ୍ଚଳରେ ଥିବା ଫସଲ ବାଡ଼ି ନଷ୍ଟ କରି ପୁନର୍ବାର ଜଙ୍ଗଲ ମଧ୍ୟକୁ ଫେରି ଯାଉଛନ୍ତି। ତେବେ ହାତୀମାନଙ୍କ ଗତିବିଧି ନେଇ ଓଡ଼ଗାଁ ବନବିଭାଗ ୨୪ ଘଣ୍ଟିଆ ପ୍ରହରା ବ୍ୟବସ୍ଥା ଚାଲୁ ରଖିଛନ୍ତି। ହାତୀମାନଙ୍କ ଚଳପ୍ରଚଳକୁ ସୁରକ୍ଷିତ କରିବା ନିମନ୍ତେ ଶନିବାର ଓଡ଼ଗାଁ ଓ ବାହାଡାଝୋଲା ସେକ୍ସନ ସହିତ ଓଡ଼ଗାଁ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ମଧ୍ୟରେ ବନାଞ୍ଚଳ କାର୍ଯ୍ୟାଳୟ ଠାରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ରଖି ହାତୀମାନଙ୍କ ସୁରକ୍ଷା ନିମନ୍ତେ ହୁକିଙ୍ଗ୍ ଚେକିଂ, ଯୁଗ୍ମ ପାଟ୍ରୋଲିଂ, ମୁକଳା ଟ୍ରାନ୍ସଫର୍ମର ଚତୁଃପାଶ୍ୱର୍ରେ ସୁରକ୍ଷିତ ବାଡ଼ ବ୍ୟବସ୍ଥା, ବିପଦ ସଙ୍କୁଳ ଅବସ୍ଥାରେ ଥିବା ଝୁଲା ତା'ର ଉପରକୁ ଟାଣିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବେଆଇନ ହୁକିଂ ଜଣାପଡ଼ିଲେ ଅଭିଯୁକ୍ତଙ୍କ ଘରକୁ ବିଦ୍ୟୁତ୍ ଯୋଗାଣ ସଙ୍ଗେ ସଙ୍ଗେ ବିଚ୍ଛିନ୍ନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା।

# ‘ସ୍ୱାସ୍ଥ୍ୟ ସୁସ୍ଥତା ନିମନ୍ତେ ନିୟମିତ କ୍ରୀଡ଼ାର ଆବଶ୍ୟକତା ରହିଛି’

ଟାଙ୍ଗୀ,୩୦।୮ (ସମିସ): ଟାଙ୍ଗୀ ବ୍ଲକ୍ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ଉପସଭାନେତ୍ରୀ ସୋନାଲି ମଣ୍ଡଳ, ଆଲୁମ୍ନି ସଭାନେତ୍ରୀ ରାଜେଶ୍ୱରୀ ହାଲ୍‌ଦାର, ଅଙ୍ଗନବାଡ଼ି କର୍ମୀ ଭାରତୀ ଦେଇ, ପରିଚାଳନା କମିଟି ସଭ୍ୟା ରିତୁ ମଣ୍ଡଳ ପ୍ରମୁଖ ଅତିଥିରୂପେ ଯୋଗଦେଇ ସ୍ୱାସ୍ଥ୍ୟ ସୁସ୍ଥତା ବଜାୟରଖିବା ନିମନ୍ତେ ନିୟମିତ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଖେଳାଳିମାନେ ଧ୍ୟାନଚାନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ମତବ୍ୟକ୍ତ କରିଥିଲେ। ଏହାପରେ ଛାତ୍ରଛାତ୍ରୀମାନେ ପୁଚି, ସଙ୍ଗୀତ ଚୌକି, ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପାଠ୍ୟ ଉପକରଣ ଦେଇ ପୁରସ୍କୃତ କରାଯାଇଥିଲା। ସ୍ୱାଗତିକା ରାଜ, ମନୋରମା ସାହୁ କ୍ରୀଡ଼ା ପରିଚାଳନା କରିଥିଲେ। ବାଇଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବୀଣାପାଣି ମଣ୍ଡଳ, ଗାୟତ୍ରୀ ବିଶ୍ୱାସ, ମଳିନା ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ମୁକ୍ତେଶ୍ୱରଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଛାତ୍ରମାନଙ୍କ ମଧ୍ୟରେ ଦୌଡ଼, ଲକ୍ଷ୍ୟଭେଦ, ଧୀର ସାଇକଲ ଚାଳନା ଆଦି ପ୍ରତିଯୋଗିତା କରାଯାଇଥିଲା ଏବଂ ଛାତ୍ରୀମାନେ ପୁଚି, ଦଉଡ଼ି ଡିଆଁ, ଦୌଡ଼ ଓ ଦ୍ରୁତ ସାଇକଲ ଚାଳନା ପ୍ରତିଯୋଗିତାରେ ଭାଗନେଇଥିଲେ। ଶିକ୍ଷକ ସଲିଳ କୁମାର ସ୍ୱାଇଁ, ପ୍ରସନ୍ନ କୁମାର ମଙ୍ଗରାଜ, ଅମିତ ଚକ୍ରବର୍ତ୍ତୀ, ମାଧବ ମହାରଣା, ପ୍ରଶାନ୍ତ ସାହୁ, ଚିନ୍ମୟ ଚିନ୍ତନ ବାରିକ ଓ ସତ୍ୟନାରାୟଣ ପଣ୍ଡା କ୍ରୀଡ଼ା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅପରୂପା ସାନା, କଣ୍ଢେଇ ପରିଡ଼ା, ପାପାଲି ସୁନ୍ଦରାୟ, ଅଶାନ୍ତି ପରିଡ଼ା, ଦେବ ସାନା, ସୂର୍ଯ୍ୟକାନ୍ତ ପଲେଇ, ଶୁଭ ପ୍ରସାଦ ପ୍ରଧାନ ପ୍ରଥମ ହୋଇଥିଲେ।

ଖୋର୍ଦ୍ଧା ପୌର ପରିଷଦ

# ମାସ ମାସ ଧରି ଜମିରହୁଛି ଆବର୍ଜନା ଜଳ; ବଢୁଛି ଡେଙ୍ଗୁ ଭୟ

ଖୋର୍ଦ୍ଧା,୩୦।୮ (ସମିସ)






ଡରାଉଛି ଡେଙ୍ଗୁ। ରାଜ୍ୟବ୍ୟାପୀ ଡେଙ୍ଗୁ ଜ୍ୱର ବ୍ୟାପିଥିବାବେଳେ ଏହାର ନିରାକରଣ ଲାଗି ବହୁ ପଦକ୍ଷେପ ସ୍ୱାସ୍ଥ୍ୟ ବିଭାଗ ନେଉଛି। ସଚେତନତା ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଖୋର୍ଦ୍ଧା ପୌରାଞ୍ଚଳରେ କିନ୍ତୁ ଏହା ସମ୍ପୂର୍ଣ୍ଣ ଓଲଟା ଦେଖାଯାଇଛି। ପୌର ପ୍ରଶାସନର ହେୟ ମନୋଭାବ କାରଣରୁ ପରିମଳ ଏବଂ ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ସହରବାସୀ ହନ୍ତସନ୍ତ ହେଉଛନ୍ତି। ପୌର ପରିଷଦର ଖାମଖିଆଲି ନୀତି, ମନଇଚ୍ଛା ସଫେଇ କାରଣରୁ ଏବଂ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ପୌର ପରିଷଦ ଅନ୍ତର୍ଗତ ଅଧିକାଂଶ ନାଳ ଅନାବନା ଗଛରେ ପୋତି ହୋଇପଡ଼ିବା ସହିତ କେତେକ ସ୍ଥାନରେ ଭାଙ୍ଗି ସମ୍ପୂର୍ଣ୍ଣ ପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଛି। ଏପରିକି ବହୁ ନାଳ ଏବେ ସଫେଇ ଅଭାବରୁ ମାସ ମାସ ଧରି ଆବର୍ଜନା ଜଳ ଜମିରହୁଛି। ଯାହା ଡେଙ୍ଗୁ ମଶା ଜନ୍ମ ନେବାର ପ୍ରମୁଖ ସ୍ଥାନ ବୋଲି କୁହାଯାଉଛି।

ପ୍ରକାଶ ଥାଉକି, ରବିବାର ପୌର ପ୍ରଶାସନ ପାଳିବ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ। ମାତ୍ର ପୌର ପ୍ରଶାସନର ହେୟମନୋଭାବ କାରଣରୁ ପୌରାଞ୍ଚଳବାସୀ ନୟାନ୍ତ ହେଲେଣି। ଆବର୍ଜନା ସହରର ବିଭିନ୍ନ ରାସ୍ତା ଉପରେ ଜମାହୋଇ ରହୁଛି। ଯାହା ପରିବେଶକୁ ଅତ୍ୟନ୍ତ ଦୁର୍ଗନ୍ଧମୟ କରିବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ୨୦୦୦ ମସିହାରେ ୮ଟି ରାଜସ୍ୱ ଗ୍ରାମକୁ ନେଇ ଖୋର୍ଦ୍ଧା ପୌରପରିଷଦ ଗଠିତ ହୋଇଥିଲା। ବର୍ତ୍ତମାନ ଏହାର ଜନସଂଖ୍ୟା ପ୍ରାୟ ୫୦ହଜାର ହେବ। ୨୨ଟି ୱାର୍ଡକୁ ନେଇ ଗଠିତ ପୌର ପରିଷଦ ଅଧୀନରେ ସହରର ୧୮୭.୯ କିମି ରାସ୍ତା ଥିବାବେଳେ ପାଖାପାଖି ୩୮ କିମି ନାଳ ରହିଛି। ସେଥିମଧ୍ୟରୁ ବିଭିନ୍ନ ସ୍ଥାନରେ ନାଳଗୁଡ଼ିକ ଭାଙ୍ଗି ପୋତି ହୋଇ ପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଛି। କିଛି ସ୍ଥାନରେ ନୂଆ ନାଳ ନିର୍ମାଣ ହୋଇଥିଲେ ମଧ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏହା କାମରେ ଲାଗୁ ନ ଥିବାର ଜଣାପଡ଼ିଛି। ପୌରବାସୀଙ୍କୁ ଉତ୍ତମ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏବଂ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ନାଳ ସଫେଇ କାର୍ଯ୍ୟକୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଘରୋଇକରଣ କରାଯାଇଛି। ମାତ୍ର ଏହାର କାର୍ଯ୍ୟକାରିତା ଉପରେ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

- ବିପର୍ଯ୍ୟସ୍ତ ସ୍ୱେରେଜ୍, ପରିମଳ ବ୍ୟବସ୍ଥା
- ନିଘୋଡ଼ ନିଦରେ ପୌର ପ୍ରଶାସନ, ନୟାନ୍ତ କଲେଣି ମଶା
- ଖୋର୍ଦ୍ଧା ଅଞ୍ଚଳରୁ ୧୪ ଡେଙ୍ଗୁ ରୋଗୀ ଚିହ୍ନଟ

ବିପର୍ଯ୍ୟସ୍ତ ଅବସ୍ଥାରେ ନାଳଗୁଡ଼ିକ ଥିବା କାରଣରୁ ସଫେଇ ଠିକ୍‌ଭାବେ କରାଯାଉ ନ ଥିବାର ପୌରବାସୀ ଅନୁଭବ କରୁଛନ୍ତି। ସ୍ୱଚ୍ଛତା ଆଳରେ ଘରୋଇ ଠିକା ସଂସ୍ଥାକୁ ପୋଷା ଚାଲିଥିବା ଅଭିଯୋଗ ହେଉଛି। ସମବାୟ ବ୍ୟାଙ୍କ ଛକଠାରୁ ପୌରପରିଷଦ କାର୍ଯ୍ୟାଳୟ ରାସ୍ତା ଦେଇ ଯାଇଥିବା ନାଳ କଥା ନ କହିଲେ ଭଲ। ସେହିପରି ବହୁ ଡ୍ରେନ୍ ପୋତି ହୋଇଯାଉଥିବାରୁ ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ରାସ୍ତାରେ ଯାଉଛି।

ସହରରେ ଅଧିକାଂଶ ଡ୍ରେନ୍ ନିର୍ମାଣ କାମ ଅଧାରୁ ଶେଷ ହୋଇଯାଇଛି। ପୁଣି ଡ୍ରେନ୍‌ଗୁଡ଼ିକ ରାସ୍ତାଠାରୁ ଉପରେ ରହିଛି। ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। ଏପରିକି ସହରର ସମସ୍ତ ଡ୍ରେନ୍ ଜବରଦଖଲରେ ରହିଛି। ଡ୍ରେନ୍ ଉପରେ ବେଆଇନ ଭାବେ ଘର ଏବଂ ବ୍ୟାବସାୟିକ ପ୍ରତିଷ୍ଠାନ କରି କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଭଡ଼ା ଲଗାଇଛନ୍ତି।

ସେହିପରି ମୁଖ୍ୟ ଡ୍ରେନ୍ ସହ ସଂଯୋଗ ନ ଥିବାରୁ ଆବର୍ଜନା ପାଣି ସାହି ରାସ୍ତାରେ ପ୍ରବାହିତ ହେଉଛି। ପ୍ରଦୂଷିତ ପରିବେଶ ଫଳରେ ଦିନକୁ ଦିନ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଡ୍ରେନ୍ ଠିକ୍ ସମୟରେ ସଫା ହେଉ ନ ଥିବାବେଳେ ବ୍ଲିଚିଂ ଟିକିଏ ବି ପଡୁନଥିବା ପୌରାଞ୍ଚଳବାସୀ ଅଭିଯୋଗ କରିଛନ୍ତି। କାଁ ଭାଁ ମଶା ଧୂଆଁ ଦିଆଯାଉଥିବାବେଳେ ସମ୍ପୂର୍ଣ୍ଣ ପୌରପରିଷଦରେ ମଶାଧୂଆଁ ଦିଆଯାଇ ନ ଥିବା ଏବଂ ମଶାତେଲ ପଡୁନଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁସାରେ, ଜିଲ୍ଲାରେ ୩୬୪ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଖୋର୍ଦ୍ଧା ଅଞ୍ଚଳରୁ ୧୪ଜଣ ରହିଛନ୍ତି। ଡେଙ୍ଗୁ ମୁକାବିଲା ଲାଗି ଜିଲ୍ଲା ପ୍ରଶାସନର ବୈଠକ ବସୁଥିବାବେଳେ ଏଥିରେ ଖୋଦ୍ ପୌରନିର୍ବାହୀ ଅଧିକାରୀ ପୌର ପ୍ରଶାସନ ସଜାଗ ଥିବା ସଫେଇ ଦେଉଛନ୍ତି। ମାତ୍ର ପୌରପ୍ରଶାସନ କେତେ ସଜାଗ ତାହା ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ରହିଥିବା ଆବର୍ଜନା ଓ ରାସ୍ତାରେ ଭାସୁଥିବା ଡ୍ରେନ୍ ପାଣି ସ୍ପଷ୍ଟ କରୁଛି ବୋଲି ସହରରେ ଚର୍ଚ୍ଚା ହେଉଛି। ପୌର ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁଁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଜଟଣୀ ମହୁଲଗୁଡ଼ିଆ ପୂଜା ମଣ୍ଡପ

# ବୁଢ଼ା ଗଣେଶଙ୍କ ଏକାଦଶୀରେ ହୁଏ ସିରିଣି ଭୋଗ

ଜଟଣୀ,୩୦।୮ (ସମିସ): ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଲାଗି ବ୍ୟାବସାୟିକ ସହର ଜଟଣୀ ସରଗରମ ରହିଥିବା ଦେଖିବାକୁ ମିଳିଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଏଠାକୁ ଗଣେଶ ପୂଜା ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ବିଭିନ୍ନ ଯାତ୍ରାପାର୍ଟି ସାଙ୍ଗକୁ ମୀନାବଜାର ଆଦିରେ ଲୋକମାନଙ୍କ ଅସଂଖ୍ୟ ଭିଡ଼ ଜମୁଛି। ଏହି ପରିପ୍ରେକ୍ଷୀରେ ଜଟଣୀ ମହୁଲଗୁଡ଼ିଆ ଛକ ବ୍ୟବସାୟୀ ସଂଘ ପୂଜା ମଣ୍ଡପ ପକ୍ଷରୁ ଚଳିତ ବର୍ଷ ଧୁମ୍‌ଧାମ୍‌ରେ ଗଜାନନଙ୍କ ପୂଜା ଆୟୋଜନ କରାଯାଇଛି। ଏଠାରେ ପୂଜା ପାଉଥିବା ପ୍ରଭୁ ଗଜାନନଙ୍କୁ ବୁଢ଼ା ଗଣେଶ ନାମରେ ଜଣାଯାଇଥାଏ। ଏହି ପୂଜା ପେଣ୍ଡାଲ ଦେଶ ସ୍ୱାଧୀନତା ପୂର୍ବରୁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଜଟଣୀ ବ୍ଲକ୍ ମହୁଲ ଗ୍ରାମର ଜଣେ ଗୁଡ଼ିଆ ସମ୍ପ୍ରଦାୟର ବ୍ୟକ୍ତି ପ୍ରଥମେ ଏହି ଛକରେ ଗଣେଶ ପୂଜା ଆରମ୍ଭ କରିଥିଲେ। ତେଣୁ ସେହି



ନାମାନୁସାରେ ଏହି ଛକକୁ ମହୁଲଗୁଡ଼ିଆ ଛକ ବୋଲି ଆଖ୍ୟା ଦିଆଯାଇଛି। ତେବେ ଏଠାରେ ପୂଜା ପାଉଥିବା ଅଗ୍ରପୂଜ୍ୟ ପ୍ରଭୁ ଗଣେଶଙ୍କ "ବୁଢ଼ା ଗଣେଶ' ନାମରେ ସ୍ୱତନ୍ତ୍ର ପରିଚୟ ରହିଛି। ଏଠାରେ ଠାକୁରଙ୍କ ନିକଟରେ ପ୍ରତିଦିନ ଖେଚୁଡ଼ି ଭୋଗ ଲାଗି ହେଉଥିବାବେଳେ ମଧ୍ୟାହ୍ନରେ ଅନ୍ନଭୋଗ ହେବାର ପ୍ରଥା ରହିଛି। ଏଠାରେ ପ୍ରତିଦିନ ମାନସିକଧାରୀଙ୍କ ଭୋଗ ଲଗାଇବା ପାଇଁ ଭକ୍ତଙ୍କ ଭିଡ଼ ଲାଗିଥାଏ। ମହୁଲଗୁଡ଼ିଆ ବ୍ୟବସାୟୀ ସଂଘ ପୂଜା କମିଟିର ସଭାପତି ଜିତେନ୍ଦ୍ର ପଟ୍ଟନାୟକ ଓ ସମ୍ପାଦକ ଗିରିଜା ଭୂଷଣ ଜେନାଙ୍କ ସୂଚନାନୁସାରେ, ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣିମା ମଧ୍ୟରେ ଗୋଟିଏ ଦିନ ଏକାଦଶୀ ପଡ଼ିଥାଏ। ସେହି ଏକାଦଶୀ ତିଥିରେ ବାବା ସିଦ୍ଧିବିନାୟକଙ୍କ ନିକଟରେ ସିରିଣି ଭୋଗଲାଗି ହେବାର ପ୍ରଥା ରହିଛି। ଏଥି ସହିତ ଠାକୁରଙ୍କ ରୋଷଘର ସ୍ୱତନ୍ତ୍ର ରହିଛି। ଏହି ରୋଷଘରେ ବିଧି ଅନୁସାରେ ଅନ୍ନ ରୋଷେଇ ହୋଇଥାଏ। ଏହି ଠାକୁରଙ୍କ ପରମ୍ପରା ରହିଛି ଯେ, ଚତୁର୍ଥୀ ଦିନରେ ବୁଢ଼ା ଗଣେଶ ସର୍ବଶେଷରେ ପୂଜା ପାଇଥାନ୍ତି। ଏହି ପୂଜା ସନ୍ଧ୍ୟାରେ ହୋଇଥାଏ। ସେହିପରି ବିସର୍ଜନ ତିଥିରେ ବୁଢ଼ା ଗଣେଶ ପ୍ରଥମେ ଧରାତ୍ୟାଗ କରିବା ପରେ ସହରର ସମସ୍ତ ଠାକୁର ଧରାତ୍ୟାଗ କରିବେ। ହେଲେ ସର୍ବପ୍ରଥମେ ବିସର୍ଜନ ଶୋଭାଯାତ୍ରା ପାଇଁ ବୁଢ଼ା ଗଣେଶ ବାହାରିବା ପରେ ଅନ୍ୟ ପୂଜା ମଣ୍ଡପର ଠାକୁରମାନେ ତାଙ୍କୁ ଅନୁସରଣ କରି ଯାଇଥା'ନ୍ତି ବୋଲି ଏଠାରେ ଏକ ପରମ୍ପରା ରହିଛି।

# ୧୦୩ ୟୁନିଟ୍ ରକ୍ତ ସଂଗ୍ରହ

ଗମ୍ଭାରୀମୁଣ୍ଡା,୩୦।୮ (ସମିସ): ଜାତୀୟତାର ମହାନ୍ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ନିଜ ଜନ୍ମଦିନକୁ ଏକ ନିଆରା ଢଙ୍ଗରେ ପାଳିଛନ୍ତି ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ଆୟତପୁର ଗ୍ରାମର ବିଜୁ ଯୁବ ଜନତା ଦଳର ଉପସଭାପତି ମୀକୁନ୍ ସାହୁ। ଏହି ଅବସରରେ ତାଙ୍କ ବାସଭବନରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରିବା ସହ ନିଜେ ରକ୍ତଦାନ କରି ନିଜର ଜନ୍ମଦିନଟିକୁ ସ୍ମରଣୀୟ କରିଛନ୍ତି। ଏହି ଶିବିରକୁ ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା ଉଦ୍‌ଘାଟନ କରିଥିଲେ। ଏଥିରେ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ କରିଯାଇଥିଲା। ଓଡ଼ିଶା ବ୍ଲଡ଼୍ ଓଡ଼ିଶା ସେଣ୍ଟର ବିଏମ୍‌ସି, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ଡାକ୍ତର କଲ୍ୟାଣ କୁମାର ସର୍କାର, ବରିଷ୍ଠ ଲାବ୍ ଟେକ୍‌ନିସିଆନ ଲିପକ କୁମାର ପାତ୍ର, ସଂଘମିତ୍ର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ବରାଳ, ବିଷ୍ଣୁ ଚନ୍ଦ୍ର ସ୍ୱାଇଁ, ରାମଚନ୍ଦ୍ର ବେହେରା ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା, ଜଗତ ବଲ୍ଲଭ ମହାରଥା, ସରପଞ୍ଚ ଆକାଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଟ୍ରିପଲ ‘ଏ’ରେ ରକ୍ତଦାନ ଶିବିର


ଖୋର୍ଦ୍ଧା,୩୦।୮ (ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ୍ ‘ଏ’ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରଟି ବିଦ୍ୟାଳୟର ଜୁନିଅର ରେଡ୍‌କ୍ରସ ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା।




ବିଦ୍ୟାଳୟର କର୍ମକର୍ତ୍ତା ଓ ଅଭିଭାବକମାନେ ଶିବିରରେ ପ୍ରାୟ ୪୫ ୟୁନିଟ୍ ରକ୍ତଦାନ କରିଥିଲେ। ରକ୍ତଦାନ ମହତ୍‌ଦାନ ଓ ଜୀବନଦାନ ଏହି ବାର୍ତ୍ତା ସମସ୍ତଙ୍କୁ ଏଭଳି ଏକ ମହତ୍ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇଥିଲା। ଏହି ଅଭିନବ ପ୍ରୟାସ ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ଡ. ନନ୍ଦକିଶୋର ପଟ୍ଟନାୟକ ଓ ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଦ୍ୟାଳୟ ରେଡ୍‌କ୍ରସ୍ ମୁଖ୍ୟ ଦିବାକର ପାଇକରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

# ଧର୍ମପରାୟଣ ମହିଳାଙ୍କ ପରଲୋକ

ନିରାକାରପୁର,୩୦।୮ (ସମିସ): ୧୨ ନମ୍ବର ଜୋନ୍‌ର ବିଜେପି ମଣ୍ଡଳ ସଭାପତି ଅଜୟ ପାଇକରାୟଙ୍କ ମା' ଦେବୀ ଶଶୀମଣୀ ପାଇକରାୟ (୭୫)ଙ୍କ ଶନିବାର ଆସେଲି ଗ୍ରାମରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ପୀଡ଼ିତ ଥିଲେ। ମରଶରୀରକୁ ଗ୍ରାମ ପରିକ୍ରମା



ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଥିଲା। ପୁତ୍ର ଅମୀୟ ପାଇକରାୟ ମୁଖାଗ୍ନି ଦେଇଥିଲେ। ସେ ଜଣେ ଧର୍ମପରାୟଣ ଓ ମେଳାପୀ ମହିଳା ଥିଲେ। ଶେଷ ଶଯ୍ୟା ନିକଟରେ ୫ ପୁତ୍ରଙ୍କ ସମେତ ପୁତ୍ରବଧୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ଯୁବ ରେଡ୍‌କ୍ରସ୍ ତାଲିମ କାର୍ଯ୍ୟକ୍ରମ

ବାଲୁଗାଁ,୩୦।୮ (ସମିସ): ବାଲୁଗାଁ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଶାଖା ପକ୍ଷରୁ ନୂତନ ଭାବେ ଯୁବ ରେଡ୍‌କ୍ରସରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଡ. କୈଳାଶ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁବ ରେଡ୍‌କ୍ରସର ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ମହାପାତ୍ର ଯୋଗଦେଇ ରେଡ୍‌କ୍ରସର ଉତ୍ପତ୍ତି, କାର୍ଯ୍ୟଶୈଳୀ, ମୌଳିକ ନିୟମ ସହ ରକ୍ତଦାନର ଉପକାରିତା ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ରଞ୍ଜନ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରାମର୍ଶଦାତା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଓ ଅଧ୍ୟାପକ ବିମଳ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ କ୍ରୀଡ଼ା ଦିବସ: ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ବାଲୁଗାଁ,୩୦।୮ (ସମିସ): ବାଲୁଗାଁ ଉଚ୍ଚ ବିଦ୍ୟାଳୟ ପରିସରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଷ୍ଟାଡିୟମ୍ ଇନ୍‌ଚାର୍ଜ କ୍ରିଷ୍ଣା ଶିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା ଓ ଚିଲିକା ପ୍ରେସ୍ କ୍ଲବ୍‌ର ସଭାପତି ପ୍ରକାଶ ପ୍ରଧାନ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଯୋଗ ଓ କରାଟେ ଛତ୍ରଛାତ୍ରୀମାନେ ଉଚ୍ଚକୋଟୀର କ୍ରୀଡ଼ା କୌଶଳ ପ୍ରଦର୍ଶନ କରଥିଲେ। ଏହି କାର୍ଯ୍ୟକ୍ରମକୁ କରାଟେ ସହ ପ୍ରଶିକ୍ଷକ ପ୍ରତାପ ଜେନା, ସଂଗ୍ରାମ କେଶରୀ ସ୍ୱାଇଁ, ଯୋଗ ଗୁରୁ ନବୀନ କୁମାର ରାଉତ, ଫୁଟ୍‌ବଲ୍ ପ୍ରଶିକ୍ଷକ ବାବୁଲ ଗୁର୍ଲା ପରିଚାଳନାରେ ସହଯୋଗ କରିଥିଲେ।

# ଜଙ୍କିଆ ପଲ୍ଲୀ ଉତ୍ସବର ଚତୁର୍ଥ ସନ୍ଧ୍ୟା

ନିରାକାରପୁର,୩୦।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଓଁ ଶ୍ରୀ ଗ୍ରୁପ୍ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡ଼ିଆଠାରେ ୧୪ତମ ପଲ୍ଲୀ ଉତ୍ସବର ଚତୁର୍ଥ ସନ୍ଧ୍ୟା ବାଜପୁର ସରପଞ୍ଚ କେଦାରେଶ୍ୱର ପୃଷ୍ଟି ଓ ଜଂକିଆ ସରପଞ୍ଚ



ପଙ୍କୋଜିନୀ ବଳବନ୍ତରାୟଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନୁଷ୍ଠାନର ସଭାପତି କୃଷ୍ଣ ଚନ୍ଦ୍ର ନରେନ୍ଦ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ କମଳେଶ ମହାରଣା ଓ ଅଶ୍ୱିନୀ ମହାନ୍ତି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ବୌଦ୍ଧ ଯାତ୍ରୀ ଗ୍ରୁପ୍, ଢେଙ୍କାନାଳ ନିତା ନୃତ୍ୟାଙ୍ଗନା ଓ ଜଟଣୀ ରଙ୍ଗିଲା ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଉତ୍ସବ ପଡ଼ିଆରେ ଘରକରଣା ସାମଗ୍ରୀ ଓ ଖାଦ୍ୟ ସାମଗ୍ରୀ ଷ୍ଟଲ୍‌ରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଓଁ ଶ୍ରୀ ଗ୍ରୁପ୍‌ର ସଭ୍ୟ ସଂଗ୍ରାମ ପଟ୍ଟନାୟକ, ରାଜେଶ ପାଲଟାସିଂହ, ଇନ୍ଦ୍ରଜିତ ଦାସ, କେଦାର ବଳବନ୍ତରାୟ, ବଣ୍ଟି ଜେନା, କୁଳଦୀପ ଛୋଟରାୟ, ଅନିରୁଦ୍ଧ ବେହେରା, ବିଶ୍ୱରଞ୍ଜନ ମଲ୍ଲ, କିଶାନ ଜେନା, ଶଶାଙ୍କ ମଲ୍ଲ, ସୁଧାଂଶୁ ଶେଖର ରାଉତରାୟ, ରମାକାନ୍ତ ସାମନ୍ତରାୟ, ରୋଶନ ଜେନା, ଶଶିକାନ୍ତ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

# ସଂପୁର ନୂଆଖାଇ ମହୋତ୍ସବ ଉଦ୍‌ଯାପିତ



ବେଗୁନିଆ,୩୦।୮ (ସମିସ): ବୋଲଗଡ଼ ବ୍ଲକ୍ ଖଙ୍ଗୁରିଆ ପଞ୍ଚାୟତ ଅନ୍ତର୍ଗତ ସଂପୁର ଗ୍ରାମରେ ଦୁଇ ଦିନ ଧରି ଚାଲିଥିବା ନୂଆଖାଇ ଚତୁର୍ଥ ବାର୍ଷିକ ମହୋତ୍ସବ ମହାଦେବ ମନ୍ଦିର ପରିସରରେ ଉଦ୍‌ଯାପିତ ହୋଇଛି। ଏଥିରେ ମହୋତ୍ସବ କମିଟିର ସଭାପତି ନିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସମାଜସେବୀ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ କର୍ମକର୍ତ୍ତା ହର ପ୍ରସାଦ ମହାନ୍ତି, ବିଜେଡି ପଞ୍ଚାୟତ ସଭାପତି ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ ବୋଲି ମତ ପ୍ରକାଶ କରିଥିଲେ। ପରେ ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସମାଜସେବୀ ବାସୁଦେବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ବରିଷ୍ଠ ସାମ୍ବାଦିକ କାଶୀନାଥ ହୋତା ଓ ଯୋଗେଶ୍ୱର ପଣ୍ଡା ଅତିଥି ଭାବେ ଉପସ୍ଥିତ ଥିଲେ। ପରେ ଜିଲ୍ଲା ପୂର୍ବତନ ସଭାପତି ରଶ୍ମିରଞ୍ଜନ ମହାପାତ୍ର, ସାମ୍ବାଦିକ ଇଂ କର୍ପୂର ସାହୁ, ହେମନ୍ତ ବେହେରା ଓ ଶରତ ବାରିକ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ହରପ୍ରସାଦ ମହାନ୍ତି ପରିଚାଳନା କରିଥିବାବେଳେ ସାନ୍ତନୁ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଘର ତାଲା ଭାଙ୍ଗି ସୁନା ଗହଣା ଚୋରି

ବେଗୁନିଆ,୩୦।୮ (ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଗେଡ଼ିଆପଲ୍ଲୀ ଗ୍ରାମର ଭରତ ଚନ୍ଦ୍ର ସାହୁଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ପରିବାର ସଦସ୍ୟ ଶୋଇଥିବାବେଳେ କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ସୁନା ଗହଣା ଓ ଟଙ୍କା ଚୋରି କରି ନେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏଥିରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ନିର୍ଦ୍ଦେଶରେ ସବ୍‌ଇନ୍ସପେକ୍ଟର ଅଭୟ ରାଉତ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି।

# ମୁକ୍ତାପୁର କ୍ଲଷ୍ଟରରେ ଜାତୀୟ କ୍ରୀଡ଼ା ଦିବସ

ଖୋର୍ଦ୍ଧା,୩୦।୮ (ସମିସ): ଖୋର୍ଦ୍ଧା ଉପକଣ୍ଠ ମୁକ୍ତାପୁର କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ଓ ଫିଟ୍ ଇଣ୍ଡିଆ ମୁଭମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୨୯ ରୁ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁକ୍ତାପୁରର ବିଭିନ୍ନ ବିଦ୍ୟାଳୟରେ ବିଭିନ୍ନ ଖେଳ ଯଥା- ଦୌଡ଼, କବାଡ଼ି, ଦଉଡ଼ି ଡିଆଁ, ମ୍ୟୁଜିକ୍ ଚେୟାର, ଲମ୍ବଡିଆଁ ଇତ୍ୟାଦି ଇନ୍‌ଡୋର ଓ ଆଉଟ୍‌ଡୋର୍ ଖେଳ ଅନୁଷ୍ଠିତ ହୋଇ ଶିକ୍ଷାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଛି। ମୁକ୍ତାପୁର କ୍ଲଷ୍ଟରର ସାଧନ କେନ୍ଦ୍ର ସଂଯୋଜିକା ପୂର୍ଣ୍ଣଲକ୍ଷ୍ମୀ ମହାରଣାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ମହାମାୟା ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ, ସରକାରୀ ଆଶ୍ରମ ବିଦ୍ୟାଳୟ ଟାଙ୍ଗିଆପଡ଼ା, ସରକାରୀ ଉପ୍ରା ବିଦ୍ୟାଳୟ ନିଆଳ ବିଂକୁଡ଼ିଆ, ନୂଆପଡ଼ା ପୋଡ଼ାପୁଟ ଓ ମୁକ୍ତାପୁର ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଜାତୀୟ କ୍ରୀଡ଼ାଦିବସ ପାଳନ କରିଥିଲେ।

ମା' ଭଗବତୀଙ୍କ ପାଣିତୋଳା ଉତ୍ସବ

# ଚିଲିକା ହ୍ରଦରେ ନୌବିହାର କରି ମା' କାଳିଜାଈଙ୍କୁ ନିମନ୍ତ୍ରଣ

ବାଲୁଗାଁ,୩୦।୮ (ସମିସ): ପବିତ୍ର ଶାରଦୀୟ ପାର୍ବଣର ଶୁଭାରମ୍ଭ ପରମ୍ପରା ଅନୁଯାୟୀ ଚିଲିକା ହ୍ରଦ ମଧ୍ୟରେ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ଓ ଚିଲିକାର ଆରାଧ୍ୟ ଦେବୀ ମା' କାଳିଜାଈଙ୍କ ପାଣିତୋଳା ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଲଳିତା ସପ୍ତମୀ ତିଥିରେ ମା' ଭଗବତୀ ଚିଲିକା ବକ୍ଷକୁ ଆଗମନ କରି ଶାରଦୀୟ ପାର୍ବଣ ନିମନ୍ତେ ଚିଲିକା ହ୍ରଦ ଅଥଳ ଜଳରାଶି ମଧ୍ୟରେ ଅନୁଷ୍ଠିତ ଭଉଣୀ ମା' କାଳିଜାଈଙ୍କୁ ନିମନ୍ତ୍ରଣ କରିବାର ଏହି ଉତ୍ସବକୁ ପାଣିତୋଳା ଉତ୍ସବ କୁହାଯାଇଥାଏ। ଚିଲିକା ହ୍ରଦ ମଧ୍ୟରୁ ମା' କାଳିଜାଈଙ୍କ ଆଜ୍ଞାମାଳ ନେଇ ମା' ଭଗବତୀ ନିଜ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଶାରଦୀୟ ପାର୍ବଣର ନୀତିକାନ୍ତି ଆରମ୍ଭ ହେବାର ଅନନ୍ୟ ପରମ୍ପରା କାହିଁ କେଉଁ



ଅନାଦି କାଳରୁ ପ୍ରଚଳିତ ହୋଇ ଆସୁଛି। ସମଗ୍ର ବାଣପୁର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ଶାରଦୀୟ ପାର୍ବଣ ନିମନ୍ତେ କଥାକଥିତ ୬ ଭଉଣୀଙ୍କୁ ବିଭିନ୍ନ ତିଥିରେ ମା' ଚାରି ଦିଗକୁ ଯାତ୍ରା କରି ନିମନ୍ତ୍ରଣ କରିଥାନ୍ତି।

ପରମ୍ପରା ଅନୁଯାୟୀ ମା' ଭଗବତୀଙ୍କ କାଠି ଠାକୁରାଣୀ ଶନିବାର ଅପରାହ୍ଣରେ ସେବାୟତଙ୍କ ଗହଣରେ ଘଣ୍ଟ, ବାଦ୍ୟ, କାହାଳୀ ପାଟପଟୁଆର ସହ ବାଣପୁରରୁ ବାହାରି ବାଲୁଗାଁ ପାଟଣା ସାହି ଗୁଣ୍ଡୁରୁପୁର ଓ ସାମନ୍ତରାପୁର ସାହି ଦେଇ ଚିଲିକା କୂଳରେ ପହଞ୍ଚିଥିଲେ। ସେଠାରୁ ଏକ ସୁସଜ୍ଜିତ ବୋଇତରେ ମା'ଙ୍କୁ ବିରାଜମାନ କରାଇ ଚିଲିକା ହ୍ରଦ ମଧ୍ୟକୁ ନିଆଯାଇଥିଲା। ବିପରୀତ ପାଶ୍ୱର୍ରୁ ଅନ୍ୟ ଏକ ଡଙ୍ଗାରେ ମା' କାଳିଜାଈଙ୍କ ଆଜ୍ଞାମାଳ ଆସିବା ପରେ ଆରମ୍ଭ ହୋଇଥିଲା ପାଣିତୋଳା ଉତ୍ସବ। ପୂଜା ନୀତି ସମାପନ ପରେ ଶାରଦୀୟ ପର୍ବ ପାଇଁ ମା' କାଳିଜାଈଙ୍କୁ ନିମନ୍ତ୍ରଣ ସ୍ୱରୂପ ଆଜ୍ଞାମାଳ ନେଇ ବାଲୁଗାଁ ପ୍ରତ୍ୟାବର୍ତ୍ତନ କରିଥିଲେ ମା' ଭଗବତୀ। ବିଳମ୍ବିତ ରାତ୍ରିରେ ମା' ଭଗବତୀଙ୍କ କାଠି ଠାକୁରାଣୀ ପ୍ରଥମେ ବାଲୁଗାଁ ସାମନ୍ତରାପୁର ସାହି, ଗୁଣ୍ଡୁରୁପୁର ସାହି, ପାଟଣାସାହି ଏବଂ ଅନ୍ତରକିଆରୀ ଆଦି ଗ୍ରାମରେ ଭୋଗ ସାରି ବାଣପୁରସ୍ଥିତ ନିଜସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହା ପରେ ରାଧାଷ୍ଟମୀ ତିଥିରେ ମା' ଭଗବତୀଙ୍କ ଶୟନ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ଉତ୍ସବର ଆଠ ଦିନ ପରେ ଅର୍ଥାତ୍ ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ତିଥିରେ ମା' ଦକ୍ଷିଣ ଦିଗକୁ ପାଶ୍ୱର୍ ପରିବର୍ତ୍ତନ କରନ୍ତି। ପୁନଃ ଏହାର ଆଠ ଦିନ ପରେ ମୂଳାଷ୍ଟମୀ ତିଥିରେ ଶାରଦୀୟ ପୂଜା ପାଇଁ ମା'ଙ୍କୁ ମନ୍ତ୍ର ମୁତାବକ ଆରାଧନା କରାଯାଇ ଶୟନ ଅବସ୍ଥାରୁ ଉତ୍‌ଥାପନ କରାଯାଇ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହୋଇଥାଏ। ଉକ୍ତ ଦିନଠାରୁ ମା' ଭଗବତୀଙ୍କ ଷୋଡ଼ଶ ଦିବସୀୟ ଶାରଦୀୟ ପୂଜା ଆରମ୍ଭ ହୁଏ। ମୂଳାଷ୍ଟମୀଠାରୁ ପ୍ରଥମ ଆଠଦିନ ଅର୍ଥାତ୍ ଅମାବାସ୍ୟା ପର୍ଯ୍ୟନ୍ତ ଭଗବତୀ ମନ୍ଦିରରେ ଯେଉଁ ପୂଜା ଅନୁଷ୍ଠିତ ହୁଏ ତାହାକୁ ଭିତର ପୂଜା କୁହାଯାଏ। ତହିଁ ଆଠଦିନ ପର୍ଯ୍ୟନ୍ତ ମା'ଙ୍କ ପିତ୍ରାଳୟ ଦକ୍ଷପ୍ରଜାପତି ମନ୍ଦିର ନିକଟସ୍ଥ ୭ ବଖରା ଘରେ ବାହ୍ୟ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଶାରଦୀୟ ପାର୍ବଣ ନିମନ୍ତେ ପୂର୍ବରୁ ମା' ଭଗବତୀଙ୍କ ନିମନ୍ତ୍ରଣ ପାଇ ମା'ଙ୍କ ତଥାକଥିତ ଅନ୍ୟ ୬ ଭଉଣୀ ମା' ବିରଜାଈ, ମା' ନାରାୟଣୀ, ମା' ପୋଲକାଶୁଣୀ, ମା' କାଳିଜାଈ, ମା' ସିଦ୍ଧାମ୍ବରୀ ଓ ମା' ବୁଢ଼ୀ ଠାକୁରାଣୀ ବାହାର ପର୍ବ ଗୃହରେ ଆସ୍ଥାନ ଗ୍ରହଣ କରିଥା'ନ୍ତି। ସପ୍ତମୀ ତିଥିରୁ ଦିନେ ଛଡ଼ା ଦିନେ ପାରମ୍ପରିକ ବଳିଜେନା ନୃତ୍ୟ ଅନୁଷ୍ଠିତ ହୁଏ। ମହାନବମୀ ତିଥିରେ ଭଗବତୀଙ୍କ ମନ୍ଦିର ଗୃହରେ ନବକଳସ, ପୂଜା, ହୋମ ଓ ବଳିଦାନ ଇତ୍ୟାଦି ସମାପନ ପରେ ଦଶମୀ ତିଥିରେ ପରମ୍ପରା ଅନୁଯାୟୀ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହୋଇଥାଏ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୭୫
- ପାଉଣ୍ଡ ୧୧୯.୮୨
- ୟୁରୋ ୧୦୩.୦୨
- ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୪,୭୦୦ (ଭୁବନେଶ୍ୱର)
- ରୁପା : ୧,୨୨,୭୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୯,୮୦୯.୦୦
- ନିଫ୍ଟି ୨୪,୪୨୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ବିଫଳ ହେଲା ଟ୍ରମ୍ପଙ୍କ ଅପପ୍ରଚାର

# ରୁଷ୍ ତେଲ କିଣି ୟୁକ୍ରେନ୍‌କୁ ବିକୁଛି ଭାରତ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି)

ରୁଷଠାରୁ ତୈଳ କିଣିବାକୁ ନେଇ ଆମେରିକ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଛି। ତେଲ କିଣି ୟୁକ୍ରେନ ଯୁଦ୍ଧକୁ ଭାରତ ଅର୍ଥ ଯୋଗାଉଛି ବୋଲି ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରଗୁଡିକ ଅଭିଯୋଗ କରୁଛନ୍ତି। ଏପରି ସମୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ରୁଷଠାରୁ ତୈଳ ଆଣି ଭାରତ ୟୁକ୍ରେନ ଅର୍ଥ ବ୍ୟବସ୍ଥାକୁ ବଡ଼ ଆଶ୍ୱସ୍ତି ଦେଇଛି। ଏଥିଯୋଗୁଁ ଭାରତକୁ ଖଳନାୟକ ରୂପେ ଦେଖାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କରିଥିବା ଅପପ୍ରଚାର ବିଫଳ ହୋଇଯାଇଛି। ଏହି ମୋର୍ଚ୍ଚାରେ ଟ୍ରମ୍ପ କ୍ରମାଗତ ଭାବେ ପଛକୁ ପଡ଼ିବାରେ ଲାଗିଛନ୍ତି। ରିପୋର୍ଟ ଅନୁଯାୟୀ ଗତ ଜୁଲାଇରେ ଭାରତ ୟୁକ୍ରେନକୁ ଡିଜେଲ ଯୋଗାଣ କରିଥିବା ସବୁଠାରୁ ବଡ଼ ଦେଶ ପାଲଟି ଯାଇଛି। ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଲଗାଇ ଥିବା ବେଳେ ଏପରି ହୋଇଛି।



ଗୋଟିଏ ପଟେ ରୁଷ୍ ସହ ତୈଳ କାରବାରକୁ ନେଇ ଆମେରିକା କ୍ଷୁବ୍ଧ ହୋଇଥିବାବେଳେ ଅନ୍ୟପଟେ ଭାରତୀୟ ଡିଜେଲ ୟୁକ୍ରେନର ଯୁଦ୍ଧଗ୍ରସ୍ତ ଅର୍ଥବ୍ୟବସ୍ଥାକୁ ଗତି ଦେଉଛି। ୟୁକ୍ରେନ ତୈଳ ବଜାରର ବିଶ୍ଳେଷକ କମ୍ପାନୀ ନାଫ୍ଟୋରିନୋକ ପକ୍ଷରୁ କୁହାଯାଇଛି ଯେ ଜୁଲାଇରେ ୟୁକ୍ରେନକୁ ଡିଜେଲ ଯୋଗାଣରେ ଭାରତର ଭାଗ ୧୫.୫ ପ୍ରତିଶତ ଥିଲା। ଏହା ଅନ୍ୟ ଦେଶଠାରୁ ଅଧିକ। ଭାରତ ଦିନକୁ ପ୍ରାୟ ୨୭୦୦ ଟନ୍ ଡିଜେଲ ୟୁକ୍ରେନ ପଠାଉଛି। ଏହା ଚଳିତ ବର୍ଷର ସର୍ବାଧିକ ମାସିକିଆ ଇନ୍ଧନ ଯୋଗାଣ। ଜାନୁଆରୀରୁ ଜୁଲାଇ ପର୍ଯ୍ୟନ୍ତ ଏଥିରେ ଭାରତର ଯୋଗଦାନ ୧.୯ ପ୍ରତିଶତରୁ ବଢ଼ି ୧୦.୨ ପ୍ରତିଶତ ହୋଇଯାଇଛି। ରିପୋର୍ଟ ଅନୁଯାୟୀ ଏହି ଡିଜେଲ ରୋମାନିଆରୁ ଡାନିବ୍ୟୁ ନଦୀ ଦେଇ ତୁର୍କୀର ଓପିଇଟି ଟର୍ମିନାଲ ମାଧ୍ୟମରେ ୟୁକ୍ରେନ ପଠାଉଛି। ତେବେ ଏହା ଉପରେ କଟକଣା ଲାଗିଛି। ଭାରତ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ ଏହି କାରବାର ବୃଦ୍ଧି ପାଇଛି। ଯୁଦ୍ଧକୁ ନେଇ ଟ୍ରମ୍ପ ଭାରତ ଉପରେ ଶୁଳ୍କ ଲଗାଇଥିବାବେଳେ ୟୁକ୍ରେନ ଟ୍ୟାଙ୍କ ଭାରତୀୟ ଡିଜେଲରେ ଚାଲିଛି। ସୂଚନା ଅନୁଯାୟୀ ରୁଷ୍‌ର ଅଶୋଧିତ ତୈଳକୁ ବିଶୋଧନ କରି ୟୁକ୍ରେନକୁ ଯୋଗାଉଛି। ତେବେ ଏ ନେଇ ସ୍ପଷ୍ଟ ରିପୋର୍ଟ ସାମ୍ନାକୁ ଆସିନାହିଁ।

### ନ୍ୟୁୟର୍କ ଟାଇମ୍ସର ଦାବି

# ନୋବେଲ ପାଇଁ ଭାରତ ଉପରେ ଶୁଳ୍କ ଲଗାଇଲେ ଟ୍ରମ୍ପ୍

ୱାସିଂଟନ, ୩୦।୮ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଚାହୁଁଛନ୍ତି। ଆଉ ଏଥିପାଇଁ ସେ ଭାରତ ସହ ସମ୍ପର୍କ ଖରାପ କରିଛନ୍ତି। ୫୦ ପ୍ରତିଶତ ଶୁଳ୍କ ଲଗାଇ ସେ ଦ୍ୱିପାକ୍ଷିକ ସମ୍ବନ୍ଧକୁ ବିଗାଡ଼ି ଦେଇଛନ୍ତି। ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁଯାୟୀ ଜୁନ୍ ୧୭ରେ ଟ୍ରମ୍ପ ମୋଦୀଙ୍କୁ ଫୋନ କରିଥିଲେ। ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବାରୁ କେତେ ଗର୍ବ କରୁଛନ୍ତି ବୋଲି ପଚାରି ଥିଲେ। ଏଥିପାଇଁ ପାକିସ୍ତାନ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ଲାଗି ମନୋନୀତ କରିବ ବୋଲି କହିଥିଲେ। ଏଭଳି କରିବାକୁ ଟ୍ରମ୍ପ ଭାରତକୁ ମଧ୍ୟ ସଙ୍କେତ ଦେଇଥିଲେ। କିନ୍ତୁ ମୋଦୀ ଏଥିରେ କ୍ଷୁବ୍ଧ ହୋଇ ଯାଇଥିଲେ। ଏହି ଅସ୍ତ୍ରବିରତିରେ ଆମେରିକାର କୌଣସି ଦେବାନେବା ନାହିଁ । ଏହା ପ୍ରତ୍ୟକ୍ଷ ଭାବେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଛି ବୋଲି ମୋଦୀ ସ୍ପଷ୍ଟ କରିଥିଲେ। ଏପରି କରି ଟ୍ରମ୍ପଙ୍କୁ ମୋଦୀ ଅଣଦେଖା କରିଥିଲେ। ଏହା ଦ୍ୱାରା ଦୁଇ ନେତାଙ୍କ ସମ୍ପର୍କ ଖରାପ ହୋଇଥିଲା। ପରେ ଉଭୟେ କେବେ ଆଉ ଆଲୋଚନା କରି ନ ଥିଲେ। ୱାସିଂଟନ ଏବଂ ନୂଆ ଦିଲ୍ଲୀରେ ଥିବା ଲୋକଙ୍କ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ନାମ





ଲୁଚାଇବା ସର୍ତ୍ତରେ ଅନେକ ଏହି ସୂଚନା ଦେଇଥିଲେ।

ଏହି ଲୋକମାନେ କହିଥିଲେ ଯେ ଟ୍ରମ୍ପ ଏବଂ ମୋଦୀଙ୍କ ସମ୍ପର୍କ ଦୁଇ ଦେଶ ପାଇଁ ପ୍ରଭାବୀ ସାବ୍ୟସ୍ତ ହୋଇପାରେ। କିନ୍ତୁ ଟ୍ରମ୍ପଙ୍କ ନୀତି ଯୋଗୁଁ ଭାରତ-ଆମେରିକା ସମ୍ବନ୍ଧ ଖରାପ ହେବାରେ ଲାଗିଛି। ଅନ୍ୟପକ୍ଷରେ ଭାରତ ନିଜ ଅର୍ଥବ୍ୟବସ୍ଥାକୁ ମଜବୁତ କରିବା ପାଇଁ ପଦକ୍ଷେପ ନେଉଛି। କିନ୍ତୁ ଏହାକୁ ନେଇ ସବୁଠାରୁ ବଡ଼ ବ୍ୟାବସାୟିକ ସହଯୋଗୀ ଆମେରିକା ଅସନ୍ତୋଷ ପ୍ରକାଶ କରୁଛି। ରିପୋର୍ଟରେ କୁହାଯାଇଛି ଯେ ପୂର୍ବରୁ ଟ୍ରମ୍ପଙ୍କୁ ମୋଦୀ ପ୍ରକୃତ ମିତ୍ର କହିଥିଲେ। କିନ୍ତୁ ଏବେ ଉଭୟଙ୍କ ସମ୍ବନ୍ଧ ଠିକ୍ ନାହିଁ। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ସମ୍ବନ୍ଧିତ ଅଧିକାରୀଙ୍କ ଅନୁଯାୟୀ କ୍ୱାଡ ସମ୍ମିଳନୀରେ ଭାଗ ନେବା ପାଇଁ ଟ୍ରମ୍ପ ଚଳିତ ବର୍ଷ ଶେଷରେ ଭାରତ ଆସିବେ ବୋଲି ମୋଦୀଙ୍କୁ କୁହାଯାଇଥିଲା। ମାତ୍ର ଏବେ ନୂଆଦିଲ୍ଲୀ ଆସିବାକୁ ଟ୍ରମ୍ପଙ୍କ କୌଣସି ଯୋଜନା ନାହିଁ। ଭାରତରେ ଟ୍ରମ୍ପଙ୍କୁ ନେଇ ନକରାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ସପ୍ତାହରେ ମହାରାଷ୍ଟ୍ରର ଏକ ପର୍ବ ସମୟରେ ବଡ଼ କୁଶପୁତ୍ତଳିକା ବୁଲା ଯାଇଥିଲା। ଏଥିରେ ପଛରୁ ଛୁରା ମାରିଥିବା ଲେଖା ଯାଇଥିଲା। ଆମେରିକା ଯେଉଁ ପଦକ୍ଷେପ ନେଇଛି ତାହାକୁ ଜଣେ ଭାରତୀୟ ଅଧିକାରୀ ଗୁଣ୍ଡାଗର୍ଦି ବୋଲି କହିଥିଲେ।

## ପାୱାର ଗ୍ରିଡ୍‌କୁ ପୁରସ୍କୃତ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଗ୍ରିଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ (ପାୱାରଗ୍ରିଡ୍)କୁ ମାନବ ସଂସାଧନ ପ୍ରବନ୍ଧନ ପାଇଁ 'ସ୍କୋପ ଏମିନେନ୍ସ ପୁରସ୍କାର'ରେ ସମ୍ମାନୀତ କରିଛନ୍ତି। ସ୍ଥାନୀୟ ବିଜ୍ଞାନ ଭବନରେ ପାୱାରଗ୍ରିଡ୍‌ର ନିର୍ଦ୍ଦେଶକ ତଥା ଏମ୍‌ଡି ରବୀନ୍ଦ୍ର କୁମାର ତ୍ୟାଗୀ ଓ ପର୍ସନାଲ ନିର୍ଦ୍ଦେଶକ ଯତୀନ୍ଦ୍ର ଦ୍ୱିବେଦୀ ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଡିପାର୍ଟମେଣ୍ଟ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜର୍ସ (ଡିପିଇ) ସଚିବ କେ ମୋସେସ ଚଲାଇଙ୍କ ସମେତ ସିପିଏସ୍‌ୟୁ, ସ୍କୁପ୍ ଓ ପାୱାରଗ୍ରିଡ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପାୱାରଗ୍ରିଡ୍‌ର ପ୍ରଗତିଶୀଳ ମାନବ ସଂଶାଧନ ପ୍ରକ୍ରିୟା, କର୍ମଚାରୀ କୈନ୍ଦ୍ରିକ ନୀତି, ନିରନ୍ତର ଭାବେ କୌଶଳ ଉନ୍ନୟନ ଏବଂ ନେତୃତ୍ୱର ବିକାଶକୁ ଦୃଷ୍ଟିରେ ରଖି ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିସହ ସଂଗଠନରେ କିଛି ନୂଆ କରି ଦେଖାଇବାର ପ୍ରତିବଦ୍ଧତା ଓ ସମାବେଶିତା ଓ ସମାଗ୍ରିକ କଲ୍ୟାଣର ସଂସ୍କୃତିର ବିକାଶକୁ ମଧ୍ୟ ମାନ୍ୟତା ପ୍ରଦାନ କରାଯାଇଛି।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଓ କୋଟକ ମହିନ୍ଦ୍ରା ବ୍ୟାଙ୍କ ପକ୍ଷରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୦।୮ (ସମିସ): ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ କୋଟକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ଼ ସହ ସହଭାଗିତାରେ ଭୁବନେଶ୍ୱରରେ 'ଗୋଷ୍ଠୀ ଭିତ୍ତିକ ଜୈବିକ ବିବିଧତା ସଂରକ୍ଷଣ' ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମକୁ ଉଦଘାଟନ କରି ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ରାୟ ପରିବେଶ ବ୍ୟବସ୍ଥାର ସଂରକ୍ଷଣରେ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ର (ରିଜିଓନାଲ ପ୍ଲାଂଟ ରିସୋର୍ସ ସେଂଟର)ର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଆଇଏଫଏସ ସୁଧାଂଶୁ ଖୋରା, ସମ୍ମାନିତ ଅତିଥି ଭାବରେ ଡେଭଲପମେଣ୍ଟ ପ୍ରଫେସନାଲ ତଥା ପରିବେଶବିତ୍ ଡ଼ ଅମ୍ବିକା ପ୍ରସାଦ ନନ୍ଦ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଟାଟା ଷ୍ଟିଲର ନାଚୁରାଲ କ୍ୟାପିଟାଲ ଆଣ୍ଡ ବିଜନେସ ଇଂଟିଗ୍ରେସନ ସଷ୍ଟେନେବିଲିଟିର ମୁଖ୍ୟ ଜେସନ ଥୋମାସ୍ ଯୋଗ ଦେଇଥିଲେ। ବୈଷୟିକ ଅଧିବେଶନରେ ଏମ୍ ଏସ୍ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନର ଡ଼ କାର୍ତ୍ତିକ ଚରଣ ଲେଙ୍କା, ଓଡ଼ିଶା ବାୟୋଡାଇଭର୍ସିଟି ବୋର୍ଡର ଡ଼ ସତ୍ୟରଞ୍ଜନ ବେହେରା, 'ସ୍ନେହା'ର ରଞ୍ଜିତ ପଟ୍ଟନାୟକ, ଗ୍ରୋ ୱିଥ୍ ନେଚରର ଡ଼ ଗାୟତ୍ରୀ ଦେବୀ ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନର ଡ଼ ସୁବ୍ରତ ଉଦବୋଧନ ଦେଇଥିଲେ।





## ଅନୁଗୁଳରେ ଖିମ୍‌ଜୀ ଜୁଏଲର୍ସର ନୂତନ ଶୋ'ରୁମ୍



ଅନୁଗୋଳ, ୩୦।୮ (ସମିସ): ଓଡ଼ିଶାର ସୁନା ଅଳଙ୍କାରର ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡ ଖିମ୍‌ଜୀ ଜୁଏଲର୍ସର ନୂଆ ଭବ୍ୟ ଶୋ'ରୁମ ରବିବାର ଅନୁଗୁଳରେ ଖୋଲିବାକୁ ଯାଉଛି। ଏହା ଅନୁଗୋଳର ସବୁଠାରୁ ବଡ଼ ଅଳଙ୍କାର ଶୋରୁମ୍। ଓଡ଼ିଶାରେ ଏହା ବ୍ରାଣ୍ଡର ଦଶମ ଶୋରୁମ୍ ହେବ। ଏଠାରେ ସୁନା, ହୀରା, ପ୍ଲାଟିନମ୍ ଏବଂ ରୂପା ଅଳଙ୍କାରର ଏକ ବିସ୍ତୃତ ଏବଂ ବ୍ୟାପକ ସଂଗ୍ରହ ସହିତ ଫ୍ୟାଶନ୍ ଜୁଏଲାରୀ ଏବଂ କର୍ପୋରେଟ୍ ଉପହାର ରହିଛି। ଏହି ଉଦଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ, ନିର୍ଦ୍ଦେଶକ ସୁମିତ ଖିମଜୀ, ଖିମ୍‌ଜୀ ପରିବାରର ସଦସ୍ୟଗଣ ଏବଂ ଅନେକ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ରହିବେ। ଆଧୁନିକ ଡିଜାଇନ୍ ଏବଂ ଭବ୍ୟ ପରିବେଶ ସହିତ ଏହି ଶୋରୁମ୍ ଏକ ଅବିସ୍ମରଣୀୟ ଅଳଙ୍କାର କ୍ରୟ ଅନୁଭୂତି ପ୍ରଦାନ କରିବାକୁ ସୁନ୍ଦର ଭାବରେ ପରିକଳ୍ପିତ। ଉଦଘାଟନୀ ଅବସରରେ ସୁନା ଅଳଙ୍କାରରେ ଗଢ଼ା ମଜୁରିରେ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି, ରୂପା ଓଜନ ବସ୍ତୁର ଗଢ଼ା ମଜୁରିରେ ୨୫% ରିହାତି, ରୂପା ଏବଂ ଫ୍ୟାଶନ୍ ଜୁଏଲାରି ଏମଆରପିରେ ୧୫% ରିହାତି ଏବଂ କଳାକୃତି (ଆର୍ଟେଫ୍ୟାକ୍ଟସ) ଉପରେ ୧୦% ରିହାତି ପାଇବେ।

## ବିକଶିତ ଭାରତ ୨୦୪୭ ପାଇଁ ରୋଡ଼ମ୍ୟାପ



ଭୁବନେଶ୍ୱର, ୩୦।୮ (ସମିସ): ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ଏମ୍‌ଡି ଓ ସିଇଓ, ଆଶିଷ କୁମାର ଚୌହାନ ନିକଟରେ ବିକଶିତ ଭାରତ ୨୦୪୭ ଉପରେ ନିଜ ଆଭିମୁଖ୍ୟ ରଖିଛନ୍ତି। ସେ କହିଛନ୍ତି ଯେ ବିଶ୍ୱରେ ଜାରି ରହିଥିବା ଅସ୍ଥିରତା ମଧ୍ୟମରେ ଭାରତର ପୁଞ୍ଜି ବଜାର ପୁଣିଥରେ ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶିତ କରିଛି। 'ଭାରତର ଅଭିବୃଦ୍ଧି କାହାଣୀ ମଜବୁତ ମୌଳିକତା, ଢାଞ୍ଚାଗତ ସୁଧାର, ଡିଜିଟାଲୀକରଣ ଓ ଘରୋଇ ଚାହିଦାରେ ବୃଦ୍ଧି ଦ୍ୱାରା ପରିଚାଳିତ ହେଉଛି। ଭାରତ ଏକ ଗ୍ଲୋବାଲ ଫାଇନାନ୍ସିଆଲ ପାୱାରହାଉସ ଭାବେ ଆଗକୁ ବଢ଼ିବା ଜାରି ରଖିଛି। ଗମ୍ଭୀର ଭୂରାଜନୈତିକ ଅନିଶ୍ଚିତତା, ବିଶ୍ୱବ୍ୟାପୀ ଜଟିଳ ମୁଦ୍ରାନୀତି ଚକ୍ର ଓ ଅସ୍ଥିର ସାମଗ୍ରୀ ମୂଲ୍ୟ ସତ୍ତ୍ୱେ ଭାରତୀୟ ଷ୍ଟକ ବଜାରଗୁଡ଼ିକରେ ସ୍ଥିରତା ବଜାୟ ରହିଛି। ଏହି ସ୍ଥିରତା ସ୍ଥାୟୀ ଉଚ୍ଚ ଆର୍ଥିକ ଅଭିବୃଦ୍ଧି ଏବଂ ବିଶ୍ୱର ଅନ୍ୟତମ ସର୍ବବୃହତ ସଞ୍ଚୟ କ୍ଷେତ୍ର ଏବଂ ଦୃଢ ଓ ଉତମ ବ୍ୟାଙ୍କିଙ୍ଗ ବାଲାନ୍ସ ସିଟରୁ ଆସିଛି।

## ସିଏଫ୍‌ଏ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଭୁବନେଶ୍ୱରରେ ପ୍ରଥମ ପ୍ରଫେସର୍‌ସ ରାଉଣ୍ଡ ଟେବୁଲ

ଭୁବନେଶ୍ୱର,୩୦।୮ (ସମିସ): ନିବେଶ କ୍ଷେତ୍ରର ପେସାଦାର ବ୍ୟକ୍ତିମାନଙ୍କ ଆନ୍ତର୍ଜାତୀୟ ସଂଘ ସିଏଫଏ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଚଳିତ ମାସ ଆରମ୍ଭରେ ଭୁବନେଶ୍ୱରରେ ଏହାର ପ୍ରଥମ ପ୍ରଫେସର୍‌ସ ରାଉଣ୍ଡଟେବୁଲ ଆୟୋଜନ କରାଯାଇଛି। ଏହା ବିତ୍ତୀୟ ଶିକ୍ଷାର ଭବିଷ୍ୟତ ଏବଂ ନିବେଶ ପରିଚାଳନା ଶିଳ୍ପର ବିକଶିତ ଆବଶ୍ୟକତା ସହ ଏହାର ସମନ୍ୱୟତା ପ୍ରସଙ୍ଗରେ ଏକ ତଥ୍ୟପୂର୍ଣ୍ଣ ଆଲୋଚନା ପାଇଁ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡିକର ବରିଷ୍ଠ ଅଧ୍ୟାପକମାନଙ୍କୁ ଏକତ୍ରିତ କରିଛି। ସିଏଫଏ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଆୟୋଜିତ ଏହି ରାଉଣ୍ଡଟେବୁଲ ବୈଠକ, ଦକ୍ଷତା ଅନ୍ତର ଦୂର କରିବା ଉପରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ମଧ୍ୟରେ ବିଚାର ବିନିମୟ, ଛାତ୍ରଛାତ୍ରୀଙ୍କ ନିଯୁକ୍ତି କ୍ଷମତା ବୃଦ୍ଧି ଏବଂ ନିଯୁକ୍ତି ବଜାରର ବାସ୍ତବ ଦୁନିଆର ଆବଶ୍ୟକତା ସହ ଶିକ୍ଷାନୁଷ୍ଠାନଗୁଡିକର ପାଠ୍ୟକ୍ରମକୁ ସଂଯୋଜିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଛି। ଏହି ରାଉଣ୍ଡଟେବୁଲରେ ସିଏଫଏ ଇନ୍‌ଷ୍ଟିଚ୍ୟୁଟର ସିନିୟର ୟୁନିଭର୍ସିଟି ରିଲେଶନ୍ସ ସ୍ପେଶାଲିଷ୍ଟ ସଇମ ଫକିହଙ୍କ ସମେତ ଭୁବନେଶ୍ୱରର ଫାଇନାନ୍ସ ଓ ମ୍ୟାନେଜମେଣ୍ଟ କ୍ଷେତ୍ରର ପ୍ରତିଷ୍ଠିତ ଶିକ୍ଷାବିତମାନେ ଯୋଗଦେଇଥିଲେ। ଏହି ଅଧିବେଶନରେ ସିଏଫଏ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ସିନିୟର ୟୁନିଭର୍ସିଟି ରିଲେଶନ୍ସ ସ୍ପେଶାଲିଷ୍ଟ ସଲିମ ଫକିହ, ଉତ୍କଳ ବିଶ୍ୱବିଦ୍ୟାଳୟର ରବୀନ୍ଦ୍ର କୁମାର ସ୍ୱାଇଁ, ଏକ୍ସଆଇଏମ ୟୁନିଭର୍ସିଟିର ପି.କେ. ମହାନ୍ତି, ମହର୍ଷି କଲେଜର କଳିଙ୍ଗ ରଞ୍ଜନ,ଏକ୍ସଆଇଏମବି ଓ ଏକ୍ସଆଇଏମ ୟୁନିଭର୍ସିଟିର ରିତେଶ କୁମାର ଦୁବେ ଓ ପି.କେ. ମହାନ୍ତି; ରମାଦେବୀ ୱମେନ୍‌ସ ୟୁନିଭର୍ସିଟିର ସାବତ କୁମାର ଦିଗଲ ଓ ଆଶାକ ଓଝା; ମହର୍ଷି କଲେଜର କଳିଙ୍ଗ ରଞ୍ଜନ ପ୍ରଧାନ; ଉତ୍କଳ ୟୁନିଭର୍ସିଟିର ରବୀନ୍ଦ୍ର କୁମାର ସ୍ୱାଇଁ ଓ ମୁନା ସାହୁ, ସୋଆ ୟୁନିଭର୍ସିଟିର ପ୍ରଫୁଲ କୁମାର ସ୍ୱାଇଁ ଏବଂ ଏକାମ୍ର କଲେଜର ଅଧକ୍ଷ କୁମାର ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।

## ଋଣ ଓ ବନ୍ଧକ ଋଣରେ ସୁଧ ହାର ହ୍ରାସ କଲା ବିଓବି

ଭୁବନେଶ୍ୱର, ୩୦।୮ (ସମିସ): ଭାରତର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ-ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ପାର୍ବଣ ଋତୁରେ କାର୍ ଋଣ ଓ ବନ୍ଧକ ଋଣ ସୁଧ ହାର ହ୍ରାସ କରାଯାଇଛି। କାର ଋଣର ଫ୍ଲୋଟିଂ ସୁଧ ହାର ୮.୪୦ରୁ ହ୍ରାସ କରି ୮.୧୫ ପ୍ରତିଶତ କରିଦିଆଯାଇଛି। ଏହା ପୂର୍ବରୁ ଆରବିଆଇ ରେପୋ ରେଟ୍ ହ୍ରାସ କରିବା ପରେ ବିଓବି ସୁଧ ହାର ୧ ପ୍ରତିଶତ ହ୍ରାସ କରିଥିଲା। ବାର୍ଷିକ ୮.୧୫ ପ୍ରତିଶତ ସୁଧ ହାର ନୂଆ କାର୍ କିଣିବା ଉପରେ ଲାଗୁ ହେବ। ସେହିପରି ବନ୍ଧକ ଋଣ (ସମ୍ପତ୍ତି ବନ୍ଧକ ଋଣ) ସୁଧ ହାରକୁ ବାର୍ଷିକ ୯.୧୫ ପ୍ରତିଶତକୁ ହ୍ରାସ କରିଦିଆଯାଇଛି। ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ ମୁଦଲିଆର କହିଛନ୍ତି ଯେ ପାର୍ବଣ ଋତୁରେ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଏହି ସ୍ୱତନ୍ତ୍ର ଅଫର ଅଣାଯାଇଛି। ଏହା ସହିତ ଗ୍ରାହକଙ୍କ ସିବିଲ୍ ସ୍କୋର ଅନୁସାରେ ସୁଧ ହାରରେ ୦.୫୫ ପ୍ରତିଶତରୁ ୩ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସରେ ଅତିରିକ୍ତ ପାଣ୍ଠି ହାସଲ କରିପାରିବେ। ବ୍ୟାଙ୍କ ପକ୍ଷରୁ କାର୍ ଋଣ ଉପରେ ଆକର୍ଷଣୀୟ ଫିକ୍ସଡ୍ ସୁଧ ହାର ରହିଛି। ଏହା ବ୍ୟାଙ୍କର ୬ ମାସିଆ ଏମ୍‌ସିଏଲ୍‌ଆର୍ ସହ ସଂଯୁକ୍ତ ଥିବା ବେଳେ ବାର୍ଷିକ ୮.୬୫ ପ୍ରତିଶତରୁ ଆରମ୍ଭ ହୋଇଛି।

## ମେହୁଲ ଚୋକସିଙ୍କ ଜାମିନ ଆବେଦନ ଖାରଜ



ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ଦୁର୍ନୀତିରେ ୬,୩୦୦ କୋଟି ଟଙ୍କାର ଠକେଇ ମାମଲାରେ ଜଡିତ ଜଣାଶୁଣା ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ଜାମିନ ଆବେଦନକୁ ବେଲଜିୟମର ଏକ କୋର୍ଟ ଖାରଜ କରିଛନ୍ତି। ଫଳରେ ଭାରତକୁ ପ୍ରତ୍ୟାର୍ପଣ କରିବା ନେଇ ଶୁଣାଣି ହେବା ପୂର୍ବରୁ ମେହୁଲଙ୍କୁ ବଡ଼ ଝଟ୍‌କା ଲାଗିଛି। ସେ ଏବେ ଜେଲ୍‌ରେ ରହିବା ସ୍ପଷ୍ଟ ହୋଇଛି। ମେହୁଲ ଅଗଷ୍ଟ ୨୨ରେ ଜାମିନ ପାଇଁ ଆବେଦନ କରିଥିଲେ ଓ ନଜର ବନ୍ଦୀରେ ରହିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାଙ୍କର ଏହି ପ୍ରସ୍ତାବକୁ କୋର୍ଟ ପ୍ରତ୍ୟାଖାନ କରିଛନ୍ତି। ୬୫ ବର୍ଷୀୟ ମେହୁଲ ଗତ ଏପ୍ରିଏ ୧୧ରେ ଆଣ୍ଟୱେର୍ପ ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କୁ ଭାରତକୁ ପ୍ରତ୍ୟାର୍ପଣ କରିବା ଲାଗି ସିବିଆଇ ଆବେଦନ କରିଥିଲା। ଏହାକୁ ଭିତ୍ତି କରି ତାଙ୍କୁ ବେଲଜିୟମରେ ଗିରଫ କରାଯାଇଥିଲା। ମେହୁଲଙ୍କ ଭଣଜା ନୀରବ ମୋଦୀ ମଧ୍ୟ ପିଏନ୍‌ବି ଦୁର୍ନୀତି ମାମଲାରେ ୧୩,୦୦୦ କୋଟି ଟଙ୍କାର ଠକେଇ ମାମଲାରେ ମୁଖ୍ୟ ଅଭିଯୁକ୍ତ ରହିଛନ୍ତି ଓ ସେ ଭାରତରେ ୱାଣ୍ଟେଡ୍ ଅଛନ୍ତି।

## ୨୦୨୫ ଟାଇମ ୧୦୦ ଏଆଇ ତାଲିକାରେ କଗ୍ନିଜାଣ୍ଟ ସିଇଓ ରବି କୁମାର

ଭୁବନେଶ୍ୱର, ୩୦।୮ (ସମିସ): କଗ୍ନିଜାଣ୍ଟର ସିଇଓ ରବି କୁମାର ଏସ୍ ୨୦୨୫ ଟାଇମ ୧୦୦ ଏଆଇ ତାଲିକାରେ ସ୍ଥାନ ପାଇଛନ୍ତି। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏହିପ୍ରତିଷ୍ଠିତ ସ୍ୱୀକୃତି ରବି କୁମାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ଏଆଇ



ଉଦ୍ୟୋଗ କ୍ଷେତ୍ରରେ ତାଙ୍କର ଅବଦାନକୁ ସୂଚିତ କରୁଛି। ଟାଇମ ୧୦୦ ଏଆଇ ତାଲିକା ଆଜିର ଏଆଇ ପରିଦୃଶ୍ୟକୁ ନୂଆ ରୂପ ଦେଉଥିବା ବିଭିନ୍ନ କ୍ଷେତ୍ରର ପ୍ରଭାବଶାଳୀ ଲିଡର, ଥିଙ୍କର, ବୈଜ୍ଞାନିକ ଓ ନୀତିନିର୍ମାତାମାନଙ୍କୁ ସାମିଲ କରିଥାଏ। ଏହି ତାଲିକାରେ ସ୍ଥାନ ପାଇବା ଏଆଇ ଟେକ୍ନୋଲୋଜିକୁ ଅଗ୍ରଗାମୀ କରିବା ଦିଗରେ କୁମାରଙ୍କ ଉତ୍ସର୍ଗୀକୃତତା ଓ ଅବଦାନକୁ ପ୍ରତିଫଳନ କରୁନାହିଁ ବରଂ ଏହି ଶିଳ୍ପରେ ଉଦ୍ଭାବନା ଓ ଉତ୍କର୍ଷତାକୁ ପରିଚାଳନା କରିବା ପ୍ରତି କଗ୍ନିଜାଂଟର ପ୍ରତିବଦ୍ଧତାକୁ ଦର୍ଶାଉଛି।ରବି କୁମାରଙ୍କ ନେତୃତ୍ୱରେ କଗ୍ନିଜାଂଟ ଏଂଟରପ୍ରାଇଜ ଏଆଇକୁ ତ୍ୱରାନ୍ୱିତ କରିବା ପାଇଁ ୨୦୨୩ରେ ୧ ମିଲିୟନ ଡଲାରର ନିବେଶ ଘୋଷଣା କରିଥିଲା। କମ୍ପାନୀ ଏହାର ଗ୍ଲୋବାଲ ସିନାପ୍‌ସ ସ୍କିଲିଂ ଅଭିଯାନ ମାଧ୍ୟମରେ ବର୍ତ୍ତମାନ ଏଆଇ ଓ ଆଡଭାନ୍ସଡଟେକ୍ନୋଲୋଜି କ୍ଷେତ୍ରରେ ଦକ୍ଷତା ଓ ପ୍ରଶିକ୍ଷଣ ସୁଯୋଗ ସହ ୧ ମିଲିୟନ ଲୋକଙ୍କ ନିକଟରେ ପହଞ୍ଚିଛି।

### ଏସ୍‌ସି/ ଏସ୍‌ଟି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

# 'ଅବହେଳିତ ସମ୍ପ୍ରଦାୟକୁ ମର୍ଯ୍ୟାଦା ଓ ସୁଯୋଗ ଦେଶ ସମୃଦ୍ଧିର ମାପକାଠି'

ଭୁବନେଶ୍ୱର, ୩୦।୮ (ସମିସ): ଦେଶର ପ୍ରକୃତ ସମୃଦ୍ଧି ସଂଖ୍ୟା କିମ୍ବା ଭିତ୍ତିଭୂମିରେ ମପାଯାଏ ନାହିଁ, ବରଂ ଏହାର ସବୁଠାରୁ ଅବହେଳିତ ସମ୍ପ୍ରଦାୟକୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦା ଏବଂ ସୁଯୋଗ ଦ୍ୱାରା ମପାଯାଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଶନିବାର ଲୋକସେବା ଭବନରେ ଆୟୋଜିତ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷମାନଙ୍କ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଶ୍ରୀ କମ୍ଭମପାଟି ସାମ୍ବିଧାନିକ ସୁରକ୍ଷାକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବାରେ ସଂସଦୀୟ ଏବଂ ରାଜ୍ୟ ବିଧାନସଭା କମିଟିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି।

ରାଜ୍ୟପାଳ କହିଥିଲେ ଯେ ଅନୁସୂଚିତ ଜାତି ଏବଂ ଜନଜାତି କେବଳ ଭାରତର ସାମାଜିକ ସଂରଚନାର ଅବିଚ୍ଛେଦ୍ୟ ଅଂଶ ନୁହନ୍ତି, ବରଂ ଦେଶର ଇତିହାସ, ସଂସ୍କୃତି ଏବଂ ଐତିହ୍ୟର ରକ୍ଷକ ମଧ୍ୟ। ସେମାନଙ୍କର କଲ୍ୟାଣ କେବଳ ନୀତିର ପ୍ରଶ୍ନ ନୁହେଁ, ଏହା ସମାନତା, ମର୍ଯ୍ୟାଦା ଏବଂ ଭାଇଚାରାର ସ୍ତମ୍ଭ ଉପରେ ପ୍ରତିଷ୍ଠିତ ଗଣତନ୍ତ୍ର ଭାବେ ଆମର ପ୍ରଗତିର ମାପକାଠି।

ସମାରୋହରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ବୋଧନ ଦେଇ କହିଥିଲେ ଯେ ସମସ୍ତେ ନୂତନ ଉତ୍ସାହ ଓ ଶକ୍ତି ସହ ସମାଜ ମଙ୍ଗଳ ପାଇଁ ପ୍ରତିବଦ୍ଧ ହେବା ସହ ଅବହେଳିତ ବର୍ଗଙ୍କ ପାଇଁ କାମ କରନ୍ତୁ। ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଆମ୍ବେଦକରଙ୍କ ଦର୍ଶନକୁ ଆଧାର କରି ଦେଶ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତି କରିବାରେ ଉକ୍ତ ଜାତୀୟ ସମ୍ମିଳନୀ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ବିର୍ଲା କହିଥିଲେ। ରାଜ୍ୟସଭା ଉପାଧକ୍ଷ ହରି ବଂଶ ନାରାୟଣ ସିଂହ କହିଥିଲେ ଯେ କେବଳ କାଗଜରେ ନୀତି ନପରଖି ବାସ୍ତବ କ୍ଷେତ୍ରରେ ଯୋଜନା ତୃଣମୂଳ ସ୍ତରରେ ସଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ସମାଜ ଓ ଦେଶର ମଙ୍ଗଳ ହେବ। ଏତଦ୍‌ବ୍ୟତୀତ ସେବା ଲୋକଙ୍କ ପାଖକୁ ସରଳ ଭାବେ ପହଞ୍ଚାଇବା ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ସୁଶାସନର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ସଂସଦର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଡ. ଫଗନ ସିଂହ କୁଲସ୍ତେ ଏହି ସମ୍ମିଳନୀ ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ଭାବେ ଉପଯୋଗୀ ହେବ ଏବଂ ଏ ଦିଗରେ ସମସ୍ତଙ୍କର ସହଯୋଗ ଓ ସହଭାଗିତା କାମନା କରିଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏପରି ଜାତୀୟ ସ୍ତରୀୟ ସମ୍ମିଳନୀର ଆୟୋଜନ କରିବା ପାଇଁ ଓଡ଼ିଶାକୁ ସୁଯୋଗ ଦେଇଥିବାରୁ ଲୋକସଭା ବାଚସ୍ପତିଙ୍କୁ କୃତଜ୍ଞତା ଜଣାଇଥିଲେ।

# ମହିଳା କାଠ କାରିଗର



**ସାଧାରଣତଃ କାଠକାମ କହିଲେ ପୁରୁଷ ବଢ଼େଇଙ୍କ କଥା ସାମ୍ନାକୁ ଆସିଥାଏ। ଘରେ ଖଟ, ପଲଙ୍କ, ସୋଫା ଆଦି ତିଆରି କଥା ଉଠିଲେ, ବୁଢ଼ା ବଢ଼େଇଙ୍କୁ ଖୋଜା ପଡ଼ିଥାଏ। ଏହା ପୁରୁଷଙ୍କ କାର୍ଯ୍ୟ ବୋଲି କୁହାଯାଏ। କିନ୍ତୁ ଏ ଦିଗରେ ଏବେ ମହିଳାଙ୍କ ପ୍ରବେଶ ଦେଖିବାକୁ ମିଳୁଛି। ପୁରୁଷ ଭଳି ମହିଳା ଏବେ ହାତରେ କରତ ଧରି କାଠ ଆସବାବପତ୍ର ତିଆରି କରୁଛନ୍ତି। ସେମିତି ଜଣେ ମହିଳା ବଢ଼େଇ ହେଲେ, ନାଗପୁର ବାଥିଣ୍ଡା ଅଞ୍ଚଳର ପ୍ରୀତି ହେଙ୍ଗେ। ସେ କାଠରୁ ଭଳିକି ଭଳି ଉପକରଣ ଯଥା - ସୋଫା, ଖଟ, ପଲଙ୍କ, ଚଉକି , ଟେବୁଲ ଆଦି ପ୍ରସ୍ତୁତ କରି କାଠକାର୍ଯ୍ୟରେ ନିଜର ଏକ ପରିଚୟ ସୃଷ୍ଟି କରିଛନ୍ତି। ଏହା କେବଳ ପୁରୁଷ କାର୍ଯ୍ୟ ନୁହେଁ, ବୋଲି ସେ ପ୍ରମାଣିତ କରିଛନ୍ତି। ଏଥିସହ ଅନ୍ୟ ମହିଳାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଛନ୍ତି।**

ମହିଳା ବଢ଼େଇ ଭାବେ ପରିଚିତ ପ୍ରୀତି ନାଗପୁର ବାଥିଣ୍ଡାରେ ରୁହନ୍ତି। ସେ ଗାଁର ଏକମାତ୍ର ମହିଳା ବଢ଼େଇ ଭାବେ ଜଣାଜାନ୍ତି। ଗାଁରେ ତାଙ୍କର ଜୟଶ୍ରୀ ଗଣେଶ ଫର୍ଣ୍ଣିଚର ମାର୍ଟ ନାମରେ ଏକ ଦୋକାନ ରହିଛି। ପିଲାବେଳୁ ସେ ନିଜ ପିତାଙ୍କୁ ବଢ଼େଇ କାର୍ଯ୍ୟ କରିବାର ଦେଖିଥିଲେ। ଧୀରେ ଧୀରେ ତାଙ୍କର ଏଥିପ୍ରତି ରୁଚି ବଢ଼ିଥିଲା। ସେ ପିତାଙ୍କୁ କହି ଏହି କାର୍ଯ୍ୟ ଶିଖିଥିଲେ। ସେ କୋଡ଼ିଏ ବର୍ଷ ବୟସରେ ପ୍ରଥମେ ଏକ କାଠ ଆଲମାରୀ ତିଆରି କରିଥିଲେ। ଫର୍ଣ୍ଣିଚର ଜିନିଷ ପ୍ରତି ତାଙ୍କ ରୁଚି ଦେଖି ଏହି କାର୍ଯ୍ୟ ଶିଖିବାରେ ତାଙ୍କ ପିତା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରଥମେ ପ୍ରଥମେ ପ୍ରୀତିଙ୍କୁ ଏହି କାର୍ଯ୍ୟ କରୁଥିବା ଦେଖି ସାହିପଡ଼ୋଶୀ ଲୋକେ ଟାହିଟାପରା କରୁଥିଲେ। ଅନେକ ତାଙ୍କ ମଜାକ୍ ଉଡ଼ାଉଥିଲେ। ହେଲେ ସ କାହା କଥାକୁ ଭ୍ରୁକ୍ଷେପ ନ କରି ନିଜ କାମରେ ଧ୍ୟାନ ଦେଇଥିଲେ। ଧିରେ ଧିରେ ସେ କାଠରୁ ଖଟ, ଆଲମାରୀ, ଡ୍ରେସିଂ ଟେବୁଲ୍ ଆଦି ଶିଖିଥିଲେ। ବିବାହପରେ ଘରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଫର୍ଣ୍ଣିଚର ଦୋକାନ କରି ବ୍ୟବସାୟ କରିବାକୁ ସ୍ଥିର କରିଥିଲେ। ପ୍ରଥମ ଛୁଆ ଜନ୍ମ ହେବାପରେ ସେ ଏହି ଫର୍ଣ୍ଣିଚର କାର୍ଯ୍ୟ ଆରମ୍ଭ କରିଥିଲେ। ଧୀରେ ଧୀରେ ତାଙ୍କ କାମ ଦେଖି ଲୋକେ ତାଙ୍କୁ ପ୍ରଶଂସା କଲେ। ସ୍ଥାନୀୟ ଅଞ୍ଚଳରେ ଲୋକେ ତାଙ୍କୁ କାର୍ପେଣ୍ଟର ଦିଦି ଭାବେ ଡାକନ୍ତି। କାଠକାମ ପାଇଁ ପ୍ରସିଦ୍ଧି ଲାଭ କରିଥିବା ପ୍ରୀତିଙ୍କ ପୂର୍ବରୁ ସେ ଅଞ୍ଚଳରେ କୌଣସି ମହିଳା କାଠ କାରିଗର ନ ଥିଲେ। ସେ ନଅ ବର୍ଷ ପୂର୍ବେ ଏକ ଦୋକାନ ଭଡ଼ାରେ ନେଇ ଏହି ବ୍ୟବସାୟ ଆରମ୍ଭ କରିଥିଲେ। ସମୟ କ୍ରମେ ସେ ଏଥିରେ ସଫଳ ହୋଇଥିଲେ। ଦେଖୁ ଦେଖୁ ତାଙ୍କ ତିଆରି ସାମଗ୍ରୀ ଲୋକପ୍ରିୟ ହୋଇଥିଲା। ଏହାପରେ ସେ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ମିଶନରେ ୧୫ ଦିନିଆ କର୍ମଶାଳାରେ ମଧ୍ୟ ଭାଗ ନେଇଥିଲେ। ଜଣେ ଗୃହିଣୀ ଭାବେ ସେ ଘରକାର୍ଯ୍ୟ ସହ ଏହି କାଠକାମ କରିଥାନ୍ତି। ଏହାଦ୍ୱାରା ନିଜେ ରୋଜଗାରକ୍ଷମ ହେବା ସହ ନିତିଦିନିଆ ତେଲ ଲୁଣ ସଂସାର ଚଳାଇଥାନ୍ତି।

# ସ୍ଲିଭ୍‌ଲେସ୍ ବ୍ଲାଉଜ୍

**ଶାଢ଼ିରେ ମହିଳାମାନେ ଡିଜାଇନର ବ୍ଲାଉଜ୍ ପିନ୍ଧିବାକୁ ପସନ୍ଦ କରନ୍ତି। ଏହା ଶାଢ଼ିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ସେହିପରି ନିଜକୁ ଏକ ଆଧୁନିକ ତଥା ଷ୍ଟାଇଲିଶ୍ ଲୁକ୍ ଦେବାକୁ ଚାହୁଁଥିଲେ, ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପିନ୍ଧିପାରିବେ। ଏହା ଉଭୟ କାଜୁଆଲ୍ ଓ ବିବାହ ପାର୍ଟି ଫଙ୍କସନ୍‌ରେ ଭଲ ମାନିଥାଏ। ଏଥିପାଇଁ ହେୟାର୍ ଷ୍ଟାଇଲ୍‌ରୁ ନେଇ ଆସେସରିଜ୍ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ। ତେବେ ସ୍ଲିଭ୍‌ଲେସ୍ ବ୍ଲାଉଜରେ ସୁନ୍ଦର ଦିଶିବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଉପାୟ।**



### ବଟମ୍‌ୱେୟାର

ଏହାକୁ ଉଭୟ ଶାଢ଼ି ଓ ଲେହେଙ୍ଗା ସହ ପିନ୍ଧିପାରିବେ। ବ୍ଲାଉଜ୍ ସାଧା ଥିଲେ ଏହାକୁ ଭାରି କାମଯୁକ୍ତ ଶାଢ଼ିରେ ପିନ୍ଧିପାରିବେ। ସେହିପରି ବ୍ଲାଉଜ୍‌ରେ ଭାରି କାମ ଥିଲେ, ଏହାକୁ ହାଲୁକା ଶାଢ଼ି ତଥା ଲେହେଙ୍ଗାରେ ପିନ୍ଧିପାରିବେ। ଏହାଦ୍ୱାରା ଲୁକ୍‌ରେ ଏକ ସନ୍ତୁଳନ ରହିଥାଏ।

### ଜୁଏଲାରୀ ଓ ହେୟାର୍ ଷ୍ଟାଇଲ୍

ସ୍ଲିଭ୍‌ଲେସ୍ ବ୍ଲାଉଜରେ ଅଳଙ୍କାର ଓ ହେୟାର୍ ଷ୍ଟାଇଲ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ତେଣୁ ଷ୍ଟାଇଲିଶ୍ ଦେଖାଯିବା ପାଇଁ ଝୁମ୍‌କା ତଥା ପେଣ୍ଡି କାନଫୁଲ ପିନ୍ଧିପାରିବେ। କେଶକୁ ଖୋଲା ନ ରଖି କର୍ଲ କିମ୍ବା ବନ୍ କରିପାରିବେ। ଏଥିସହ ବ୍ଲାଉଜ୍ ଏମ୍ବ୍ରୋଡୋରୀ ଡିଜାଇନ୍ ଥିଲେ ହାଇ ପନିଟେଲ କରିପାରିବେ।

### ସ୍ରଗ୍

ପ୍ରଥମ ଥର ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପିନ୍ଧୁଥିଲେ ଏହାକୁ ସ୍ରଗ୍ କିମ୍ବା ଜ୍ୟାକେଟ୍ ସହ ଷ୍ଟାଇଲ୍ କରିପାରିବେ। ଏଥିରୁ ଏକ ଏଲିଗେଣ୍ଟ ଲୁକ୍ ମିଳିଥାଏ। ଏଥିରୁ ଏକ ଇଣ୍ଡୋ ୱେଷ୍ଟର୍ଣ୍ଣ ଲୁକ୍ ମିଳିଥାଏ।

# କିସ୍‌ମିସ୍ ପାଣିରୁ ଦୂର ହେବ କେଶ ସମସ୍ୟା

**କିସ୍‌ମିସ୍‌ରେ ବହୁ ପୋଷକ ତତ୍ତ୍ୱ ରହିଥାଏ। ସେଥିପାଇଁ ବିଶେଷଜ୍ଞମାନେ କିସ୍‌ମିସ୍ ସହ ଏହାର ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି। ଏହା ଶରୀର ପାଇଁ ସ୍ୱାସ୍ଥ୍ୟକର ହେବା ସହ ପାଚନରେ ସାହାଯ୍ୟ କରିଥାଏ। ସେହିପରି ଏହା ସ୍ୱାସ୍ଥ୍ୟ ଭଳି କେଶ ପାଇଁ ମଧ୍ୟ ଖୁବ୍ ଲାଭଦାୟକ ହୋଇଥାଏ। ଜାଣିବା ସେ ବିଷୟରେ...**

### କେଶ ବୃଦ୍ଧି

କିସମିସ୍ ପାଣିରେ ଆଇରନ୍ ପ୍ରଚୁର ମାତ୍ରାରେ ରହିଥାଏ। ତେଣୁ ଏହା କେଶମୂଳକୁ ରକ୍ତସଞ୍ଚାଳନ କରିବାରେ ସହାୟକ ହୋଇଥାଏ। ସେହିପରି ଏହାଦ୍ୱାରା କେଶକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ଓ ପୋଷକ ତତ୍ତ୍ୱ ମିଳିଥାଏ। ନିୟମିତ କିସ୍‌ମିସ୍ ପାଣି ପିଇବା ଦ୍ୱାରା ସ୍କାଲ୍‌ପ ସମସ୍ୟା ଦୂର ହୋଇଥାଏ।

### କେଶ ଝଡ଼ା ସମସ୍ୟା ଦୂର କରେ

୧୫ ରୁ ୨୦ ଟି କିସ୍‌ମିସ୍ ନେଇ ଗୋଟିଏ ପାତ୍ରରେ ବୁଡ଼ାଇ ରାତିସାରା ରଖି ଦିଅନ୍ତୁ। ଏହାକୁ ସକାଳୁ ଖାଲି ପେଟରେ ପିଅନ୍ତୁ। ଏଥିରେ ଥିବା ଭିଟାମିନ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ କେଶମୂଳକୁ ମଜଭୂତ କରି କେଶଝଡ଼ାକୁ ରୋକିଥାଏ। ଏଥିସହ ପତଳାକେଶକୁ ଘନ କରିବାରେ ସହାୟକ ହୋଇଥାଏ।

### ଆଣେ କେଶରେ ଚମକ

କିସ୍‌ମିସ୍‌ରେ ବାୟୋଟିନ୍ ମାତ୍ରା ଅଧିକ ଥାଏ। ଏହା ସୁସ୍ଥ ଓ ଉଜ୍ଜ୍ୱଳ କେଶ ପାଇଁ ଆବଶ୍ୟକ ହୋଇଥାଏ। ତେଣୁ କିସ୍‌ମିସ୍ ପାଣି ନିୟମିତ ପିଇବା ଦ୍ୱାରା କେଶ ମଜଭୂତ ହେବା ସହ କୋମଳ ଓ ଚମକ ଆସିଥାଏ।


**ରୁହେ ନାହିଁ ରୁପି ସମସ୍ୟା** ଏଥିରେ ଥିବା ପ୍ରାକୃତିକ ଭିଟାମିନ୍ କେଶରେ ରୁପି ସମସ୍ୟା ଦୂର କରିଥାଏ। ଏଥିସହ ସ୍କାଲ୍‌ପକୁ ସଂକ୍ରମଣରୁ ସୁରକ୍ଷା ଦେଇଥାଏ। ଏହାକୁ ନିୟମିତ ସେବନ କରିବା ଦ୍ୱାରା ସମସ୍ତ କେଶ ସମସ୍ୟାରୁ ମୁକ୍ତି ମିଳିଥାଏ।



# ଆରବିକ୍ ଆଇଲାଇନର୍

**ଆଖିକୁ ଆକର୍ଷଣୀୟ କରିବା ପାଇଁ ସମସ୍ତେ ଚାହାଁନ୍ତି। ଏଥିପାଇଁ କଳା, ମସ୍କାରା ଭଳି ଲାଇନର୍ ଲଗାଇଥାନ୍ତି। ଆଇଲାଇନର ଆଖିର ସୁନ୍ଦରତାକୁ ବୃଦ୍ଧି କରି ଆଖିକୁ ଏକ ଆକାର ଦେଇଥାଏ। ସେହିପରି ଏବେ ଆରବିକ୍ ଆଇଲାଇନର୍ ଟ୍ରେଣ୍ଡରେ ରହିଛି ଜାଣିବା ସେ ବିଷୟରେ...**

- ଆଖିରେ ପତଳା ଲାଇନର ଲଗାଇବାକୁ ପସନ୍ଦ ନ ଥିଲେ, ଆରବିକ୍ ଆଇଲାଇନର ଲଗାଇପାରିବେ। ଏ ପ୍ରକାର ଲାଇନର୍‌କୁ ଆଖିରେ ମୋଟା କରି ଲଗାଯାଇଥାଏ। ସେହିପରି ଏହା ଆଖିର ତଳଉପର ଦୁଇପାର୍ଶ୍ୱରେ ଲଗାଯାଇଥାଏ। ଆରବରେ ପ୍ରଚଳିତ ଏହି ଷ୍ଟାଇଲ୍‌କୁ ଆରବିକ୍ ଆଇଲାଇନର କୁହାଯାଏ।
- ଏହି ଆଇଲାଇନର କ୍ୟାଟ୍ ଆଇଲାଇନର ସହ ପାଖାପାଖି ସମାନ। ଏଥିରେ ଆଖିରେ ୱିଙ୍ଗ୍ ଟଣାଯାଇଥାଏ।
- ଲାଇନର ଲଗାଇବେବେଳେ ହାତ ଥରୁଥିଲେ, ସ୍କଚ୍ ଟେପ୍ ବ୍ୟବହାର କରିପାରିବେ। ଏଥିପାଇଁ ଆଖି କୋଣରେ ଲାଇନର ଲଗାଇବା ପୂର୍ବରୁ ଟେପ୍ ଲଗାନ୍ତୁ। ଏହାପରେ ଲାଇନର ଲଗାଇ ଟେପ୍‌କୁ କାଢ଼ିଦିଅନ୍ତୁ। ଏହାଦ୍ୱାରା ଲାଇନର ସେପରେ ଲାଗିଥାଏ।
- ସେହିପରି ସିଧା ଗାଢ଼ ଯୁକ୍ତ ଆଇଲାଇନର ଲଗାଇବାକୁ ପସନ୍ଦ ନ ଥିଲେ, ଏହାକୁ ଛୋଟ ଛୋଟ ଡଟ୍ ଡିଜାଇନ୍ କରି ଲଗାଇପାରିବେ। ଏହାପରେ ଲାଇନରକୁ ଏକାସହ ଯୋଡ଼ିପାରିବେ। ଏହାଦ୍ୱାରା ଲାଇନର ସୁନ୍ଦର ଦେଖାଯାଏ।



# ଫର୍‌ମେଣ୍ଟେଡ୍ ସ୍କିନ୍ କେୟାର୍

**ସମୟାନୁସାରେ ସ୍କିନ୍ କେୟାର ଟ୍ରେଣ୍ଡରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ଫର୍‌ମେଣ୍ଟେଡ୍ ସ୍କିନ୍ କେୟାର୍ ଟ୍ରେଣ୍ଡରେ ରହିଛି। କୋରିଆ ଓ ଜାପାନରୁ ଆରମ୍ଭ ହୋଇଥିବା ଏହି ଟ୍ରେଣ୍ଡ ଏବେ ଭାରତରେ ପ୍ରଚଳିତ। ଏହା ପ୍ରାକୃତିକ ଓ ଦୀର୍ଘସ୍ଥାୟୀ ଗୁଣ ଯୋଗୁ ମହିଳାଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇଛି। ଏଥିରେ ଥିବା ନ୍ୟୁଟ୍ରିଏଣ୍ଟସ୍ ତ୍ୱଚାକୁ ଗଭୀରରୁ ସଫା କରି ତ୍ୱଚାରେ ଚମକ ଆଣିଥାଏ।**



### ଫର୍‌ମେଣ୍ଟେଡ୍ ସ୍କିନ୍ କେୟାର୍ କ'ଣ

ଏହି ସ୍କିନ୍‌କେୟାର୍ ପ୍ରସାଧନ ପ୍ରାକୃତିକ ଉପାଦାନକୁ ମିଶାଇ ପ୍ରସ୍ତୁତ କରାଯାଇଥାଏ। ଏହା ତ୍ୱଚାକୁ ପ୍ରାକୃତିକ ଉପାୟରେ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।

### ତ୍ୱଚା ଫାଇଦା

ଏହା ଭିଟାମିନ୍, ଆମିନୋ ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ୍ ମାତ୍ରା ବଢ଼ାଇଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ।

### ଭାରତରେ ଲୋକପ୍ରିୟ

ପ୍ରାକୃତିକ ଓ ରସାୟନ ମୁକ୍ତ ପ୍ରସାଧନର ଚାହିଦାକୁ ଦୃଷ୍ଟିରେ ରଖି ଏହାର ଲୋକପ୍ରିୟତା ବୃଦ୍ଧି ପାଇଛି। ଏହା ରସାୟନ ମୁକ୍ତ ହୋଇଥିବାରୁ ଏହାକୁ ତ୍ୱଚାରେ ଲଗାଇବାରେ କୌଣସି ସମସ୍ୟା ହୁଏ ନାହିଁ।

### ଉପାଦାନ

ଗ୍ରୀନ ଟି, ଚାଉଳ ପାଣି, ଦହି, ଭଳି ଉପାଦାନ ଏଥିରେ ବ୍ୟବହାର କରାଯାଏ। ଏହା ସମ୍ବେଦନଶୀଳ ତ୍ୱଚା ପାଇଁ ଖୁବ୍ ଭଲ ହୋଇଥାଏ। ଏହା ତ୍ୱଚାର ଭଲଭାବେ ମିଶିଯାଏ। ତେଣୁ ଭାରତରେ ଅଧିକାଂଶ ଲୋକେ ଦହି, ଗ୍ରୀନ ଟି ବ୍ୟବହାର କରି ସ୍କିନ୍‌କେୟାର କରନ୍ତି।

# କମ୍ ସ୍ଥାନରେ ସଜାଇ ରଖନ୍ତୁ ଜୋତା

**ଅନେକ ସମୟରେ ଘରେ ସ୍ଥାନ କମ୍ ଥିବାରୁ ଜୋତା, ଚପଲ ଆଦି ରଖିବାରେ ସମସ୍ୟା ହୋଇଥାଏ। ଚପଲ ଷ୍ଟାଣ୍ଡରେ ରଖିବା ପରେ ମଧ୍ୟ ଏହା ଯଥେଷ୍ଟ ହୋଇ ନଥାଏ। ତେଣୁ ଘରେ ଜୋତା ଏଠିସେଠି ପଡ଼ି ରହିଥାଏ। ଏହା ଆଖିକୁ ଅସୁନ୍ଦର ଦେଖାଯାଏ। ତେଣୁ ଜାଣିବା କିପରି ସଜାଇ ରଖିବେ ଜୋତା।**

- ଘରକୁ ଆସୁଥିବା ନୂଆ ଜୋତା ବକ୍ସକୁ ନ ଫୋପାଡ଼ି ତାହାକୁ ସଂଗ୍ରହ କରନ୍ତୁ। ଚାରି ପାଞ୍ଚୋଟି ବକ୍ସ ହୋଇଗଲେ ଏହାକୁ ଗୋଟିଏ ଉପରେ ଗୋଟିଏ ରଖି ଅଠା କିମ୍ବା ସେଲୋ ଟେପ୍‌ରେ ଲଗାଇ ଦିଅନ୍ତୁ। ଏହାପରେ ବକ୍ସର ଉପରପାର୍ଶ୍ୱକୁ କାଟିଦିଅନ୍ତୁ। ପରେ ବକ୍ସରେ ଚପଲଗୁଡ଼ିକୁ ସଜାଇ ରଖନ୍ତୁ।
- ସେହିପରି ବଜାରରେ ମିଳୁଥିବା ଜରି ଜୋତା କଭର୍ ମଧ୍ୟ କିଣିପାରିବେ। ଏଥିରେ ଜୋତାକୁ ରଖି ଏହାକୁ କାର୍ଡ଼ବୋର୍ଡ ବକ୍ସରେ ଏକତ୍ର ରଖିପାରିବେ। ଏହାଦ୍ୱାରା ଜୋତା ରଖିବା ସମସ୍ୟା ଦୂର ହୋଇଥାଏ।



ମୋ ହାଣ୍ଡିଶାଳରୁ...

# ଆଳୁ ପଲଉ

### ଆବଶ୍ୟକ ସାମଗ୍ରୀ

ବିରିୟାନୀ ଚାଉଳ -୨୦୦ ଗ୍ରାମ୍, ଆଳୁ – ଦୁଇଟି, କଟା ପିଆଜ – ଏକ କପ୍, ଜିରା – ଏକ ଚାମଚ, ଅଦା – ଏକ ଇଞ୍ଚ, ରସୁଣ – ଚାରି ପାଞ୍ଚଟି, ଟମାଟୋ – ଗୋଟିଏ, କଞ୍ଚା ଲଙ୍କା – ଦୁଇ ଗୋଟି, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଧନିଆଗୁଣ୍ଡ – ଏକ ଚାମଚ, ଗରମ ମସଲା – ଏକ ଚାମଚ, ଧନିଆପତ୍ର – ଅଧା କପ୍, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବିରିୟାନୀ ଚାଉଳକୁ ଗୋଟିଏ ବାଉଲ୍‌ରେ କାଢ଼ି ଧୋଇ ଦିଅନ୍ତୁ। ସେଥିରେ ଅଳ୍ପ ପାଣି ଦେଇ ଏହାକୁ ବତୁରାଇ ରଖନ୍ତୁ। ଏହାପରେ ଆଳୁରୁ ଚୋପା ଛଡ଼େଇ ବଡ଼ ଖଣ୍ଡରେ କାଟି ଧୋଇ ଦିଅନ୍ତୁ। ଚୁଲାରେ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଗଲେ ସେଥିରେ କଟା ଆଳୁକୁ ଦେଇ ଭଲରେ ଭାଜି ଦିଅନ୍ତୁ। ଏହାକୁ ଗୋଟିଏ ପାତ୍ରରେ କାଢ଼ନ୍ତୁ। ପରେ ସେହି ତେଲରେ ଅଳ୍ପ ଜିରା ପକାଇ ପିଆଜ ଦେଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲେ କାଟି ରଖିଥିବା ଲଙ୍କା, ଅଦା ଓ ରସୁଣକୁ ଦିଅନ୍ତୁ। ଏହାପରେ ଟମାଟୋ ଦେଇ ସେଥିରେ ଏକ ଚାମଚ ଲୁଣ ପକାଇ ଭାଜନ୍ତୁ। ଏହାପରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ ଓ ଗରମ ମସଲା ଦିଅନ୍ତୁ। ମସଲାକୁ ଭଲରେ ଏପାଖସେପାଖ କରି ସେଥିରେ ଅଳ୍ପ ପାଣି ଦେଇ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ। ପାଣି ଫୁଟିଗଲା ପରେ ଧୋଇ ରଖିଥିବା ବିରିୟାନୀ ଚାଉଳକୁ ଦେଇ ୩୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ। ଏହାପରେ ଢାଙ୍କୁଣି ଖୋଲି ଧନିଆପତ୍ର ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଆଳୁ ପଲଉ'।




# ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍

# ପ୍ରି-କ୍ୱାର୍ଟରରେ ସାବାଲେଙ୍କା ଓ ଗଫ୍

ନ୍ୟୁୟର୍କ,୩୦।୮ (ଏଜେନ୍ସି):

ମହିଳା ବିଭାଗର ଶୀର୍ଷ ଏବଂ ପ୍ରମୁଖ ଖେଳାଳି ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଚତୁର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଟପ୍ ସିଡ ଆରିନା ସାବାଲେଙ୍କା, ୩ୟ ସିଡ୍ କୋକୋ ଗଫ୍, ଚତୁର୍ଥ ସିଡ୍ ଜେସିକା ପେଗୁଲା, ୯ମ ସିଡ୍ ଏଲେନା ରିବାକିନା ପ୍ରମୁଖ ତୃତୀୟ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି। କିନ୍ତୁ ୭ମ ସିଡ୍ ଜସ୍ମିନ ପାଓଲିନ୍, ୫ମ ସିଡ୍ ମୀରା ଆନ୍ଦ୍ରିଭା, ୧୦ମ ସିଡ୍ ଏମ୍ମା ନାଭାରୋଙ୍କ ଅଭିଯାନ ତୃତୀୟ ରାଉଣ୍ଡରୁ ଶେଷ ହୋଇଛି। ଶନିବାର ରାତିରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ୩ୟ ରାଉଣ୍ଡ ମୁକାବିଲାରେ ଘରୋଇ ଖେଳାଳି ଗଫ୍ ୬-୩, ୬-୧ ସିଧାସଳଖ ସେଟ୍‌ରେ ପୋଲାଣ୍ଡର ମାଗଡାଲେନା ଫ୍ରେଚ୍‌ଙ୍କୁ ସହଜରେ ହରାଇ ଅଗ୍ରଗତି କରିଛନ୍ତି। ଅନ୍ୟ ଏକ ମୁକାବିଲାରେ ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋଣ୍ଡ୍ରୋଉସୋଭା ୭-୬, ୬-୧ ସେଟ୍‌ରେ ୭ମ ସିଡ୍ ଇଟାଲୀର ଜସ୍ମିନ୍ ପାଓଲିନ୍‌ଙ୍କୁ ପରାସ୍ତ କରିଥିଲେ। ସେହିଭଳି ସ୍ପେନ୍ର କ୍ରିଷ୍ଟିନା ବୁସା ୩-୬, ୭-୫, ୬-୩ ସେଟ୍‌ରେ ୧୯ନମ୍ବର ସିଡ୍ ବେଲଜିୟମ୍‌ର ଏଲିସେ ମେର୍ଟେନ୍ସଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲେ। ୫ମ ସିଡ୍ ରୁଷର ମୀରା ଆନ୍ଦ୍ରିଭାଙ୍କୁ ଆମେରିକାର ଯୁବ ଖେଳାଳି ଟେଲର ଟାଉନ୍‌ସେଣ୍ଡ ୨-୦ ସିଧାସଳଖ ସେଟ୍‌ରେ ପରାସ୍ତ କରି ତାଙ୍କ ଟେନିସ କ୍ୟାରିୟରରେ ଏକ ବଡ ସଫଳତା ପାଇଛନ୍ତି।ଅଣସିଡେଡ ଖେଳାଳି ଆମେରିକାର ଆନ୍ ଲି ମଧ୍ୟ ପ୍ରି-କ୍ୱାର୍ଟରରେ ପ୍ରବେଶ କରି ତାଙ୍କ ଜୟଯାତ୍ରା ଅବ୍ୟାହତ ରଖିଛନ୍ତି।






ଟପ୍ ସିଡ୍ ସାବାଲେଙ୍କା ୬-୩, ୭-୬ରେ ୩୧ ନମ୍ବର ସିଡ୍ କାନାଡାର ଲୀଲା ଫର୍ଣ୍ଣାଣ୍ଡିଜ୍‌ଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପ୍ରି-କ୍ୱାର୍ଟରରେ ସାବାଲେଙ୍କାଙ୍କ ସହ କ୍ରିଷ୍ଟିନା ବୁସାଙ୍କ ମୁକାବିଲା କରିବେ। ସେହିପରି ପେଗୁଲାଙ୍କ ସହ ଆନ୍ ଲି, ରିବାକିନାଙ୍କ ସହ ଭୋଣ୍ଡ୍ରୋଉସୋଭା ଓ କ୍ରେଜିକୋଭାଙ୍କ ସହ ଟାଉନ୍‌ସେଣ୍ଡଙ୍କର କ୍ୱାର୍ଟରଫାଇନାଲ ସ୍ଥାନ ଲାଗି ମୁକାବିଲା ହେବ।


## ଫ୍ରିଜ୍, ଜୋକୋଭିଚ୍ ଚତୁର୍ଥ ରାଉଣ୍ଡରେ

ପୁରୁଷ ବିଭାଗରେ ମଧ୍ୟ ଶୀର୍ଷ ସିଡ୍ ଖେଳାଳିମାନେ ଚତୁର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଦ୍ୱିତୀୟ ସିଡ କାର୍ଲୋସ ଆଲକାରାଜ, ଚତୁର୍ଥ ସିଡ୍ ଟେଲର ଫ୍ରିଜ୍, ୭ମ ସିଡ୍ ନୋଭାକ ଜୋକୋଭିଚ୍ ପ୍ରମୁଖ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ତୃତୀୟ ରାଉଣ୍ଡ ମୁକାବିଲରେ ଜର୍ମାନୀର ଜାନ୍‌ଲେନାର୍ଡ ଷ୍ଟ୍ରଫ୍ ୨-୧ ସେଟ୍‌ରେ ବରିଷ୍ଠ ଖେଳାଳି ଫ୍ରାନ୍‌ସେସ୍ ଟିଆଫୋଏଙ୍କୁ ପରାସ୍ତ କରିଥିଲେ। ଚତୁର୍ଥ ରାଉଣ୍ଡରେ ଷ୍ଟ୍ରଫ୍‌ଙ୍କ ସହ ୭ମ ସିଡ୍ ନୋଭାକ ଜୋକୋଭିଚ୍‌ଙ୍କର ମୁକାବିଲା ହେବ। ତୃତୀୟ ରାଉଣ୍ଡରେ କାମେରନ ନୋରୀଙ୍କୁ ୪-୧ ସେଟ୍‌ରେ ହରାଇ ଜୋକୋଭିଚ୍ ଏହି ସଫଳତା ପାଇଥିଲେ। ଚତୁର୍ଥ ରାଉଣ୍ଡରେ ଆଲକାରାଜ୍‌ଙ୍କ ସହ ଆର୍ଥର ରିଣ୍ଡେର୍କନେକ୍, ଟେଲର ଫ୍ରିଜ୍‌ଙ୍କ ସହ ୨୧ ନଂ ସିଡ୍ ଟମାସ ମାଚାକ୍, ୨୦ ନମ୍ବର ସିଡ୍ ଜିରି ଲେହେକାଙ୍କ ସହ ଆଡ୍ରିଆନ ମାନାରିନୋଙ୍କର ମୁକାବିଲା ହେବ।

## ୩୦ ମିନିଟ୍ ବିଳମ୍ବରେ ଆରମ୍ଭ ହେବ ଏସିଆ କପ୍ କ୍ରିକେଟ

ମୁମ୍ବାଇ,୩୦।୮ (ଏଜେନ୍ସି): ୟୁଏଇର ଦୁବାଇ ଓ ଆବୁଧାବିରେ ସେପ୍ଟେମ୍ବର ୯ ତାରିଖରୁ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତା ନିର୍ଦ୍ଧାରିତ ସମୟଠାରୁ ୩୦ ମିନିଟ୍ ବିଳମ୍ବରେ ଆରମ୍ଭ ହେବ। ପୂର୍ବରୁ ସମସ୍ତ ଖେଳ ଭାରତୀୟ ସମୟ ରାତି ୭ଟା ୩୦ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ୟୁଏଇରେ ଏବେ ହେଉଥିବା ପ୍ରବଳ ଗରମ ଲାଗି ଖେଳ ଆରମ୍ଭକୁ ଘୁଞ୍ଚାଇ ଦିଆଯାଇଛି। ପରିବର୍ତ୍ତିତ ନିଷ୍ପତ୍ତି ଅନୁଯାୟୀ ଗୋଟିଏ ମ୍ୟାଚ୍‌କୁ ବାଦ୍ ଦେଇ ଅନ୍ୟ ୧୮ଟି ମ୍ୟାଚ୍ ଭାରତୀୟ ସମୟ ରାତି ୮ଟାରୁ ଆରମ୍ଭ ହେବ। କେବଳ ୟୁଏଇ ଓ ଓମାନ ମଧ୍ୟରେ ସେପ୍ଟେମ୍ବର ୧୫ରେ ଖେଳାଯିବାକୁ ଥିବା ମ୍ୟାଚ୍ ୨ ଘଣ୍ଟା ଆଗୁଆ ବା ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। ଡିଫେଣ୍ଡିଂ ଏବଂ ୭ଥରର ଚାମ୍ପିଅନ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଓମାନ ଓ ୟୁଏଇ ସହ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ସେପ୍ଟେମ୍ବର ୧୦ରେ ଭାରତ ତାହାର ପ୍ରଥମ ମ୍ୟାଚ ୟୁଏଇ, ୧୪ରେ ପାକିସ୍ତାନ ଓ ୧୯ରେ ୟୁଏଇ ସହ ଖେଳିବ। ସେପ୍ଟେମ୍ବର ୨୦ରୁ ୨୬ ତାରିଖଯାଏ ସୁପର-୪ ଓ ଏଥିରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୨୮ରେ ଖେଳାଯିବ।

## ଫିଟ୍‌ନେସ ଟେଷ୍ଟ ଲାଗି ବେଙ୍ଗାଲୁରୁରେ ପହଞ୍ଚିଲେ ଭାରତୀୟ କ୍ରିକେଟର



ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ସେପ୍ଟେମ୍ବର ୯ରୁ ଖେଳାଯିବାକୁ ଥିବା ଏସିଆ କପ୍ ଓ ବିଦେଶ ମାଟିରେ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜ୍ ଲାଗି ଭାରତୀୟ ଖେଳାଳିଙ୍କ ଫିଟ୍‌ନେସ୍ ପରୀକ୍ଷା ନୂଆକରି ନିର୍ମାଣ ହୋଇଥିବା ସେଣ୍ଟର ଅଫ୍ ଏକ୍ସଲେନ୍ସିରେ ହେବ। ଏଥିଲାଗି ରୋହିତ ଶର୍ମା, ଯଶପ୍ରୀତ୍ ବୁମ୍‌ରା ଓ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ଏଠାରେ ପହଞ୍ଚିଛନ୍ତି। ଏମାନଙ୍କ ସହ ଶାର୍ଦ୍ଦୁଳ ଠାକୁର, ମହମ୍ମଦ୍ ସିରାଜ, ଯଶସ୍ୱୀ ଜୟସ୍ୱାଲ, ଜିତେଶ ଶର୍ମା ମଧ୍ୟ ପହଞ୍ଚିଛନ୍ତି। ଏମାନଙ୍କୁ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ଆଡ୍ରିଆନ ଲୀ ରକ୍ସ ଫିଟନେସ ପରୀକ୍ଷା କରିବା ସହ ପ୍ରଶିକ୍ଷଣ ଦେବେ। ଜୁନ୍ ୧ରେ ଶେଷଥର ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିଥିବା ୩୮ ବର୍ଷୀୟ ରୋହିତ ଶର୍ମା ଭାରତ ଗସ୍ତରେ ଆସୁଥିବା ଅଷ୍ଟ୍ରେଲିଆ-ଏ' ସହ ୩ଟି ଯାକ ଦିନିକିଆରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ସେ ଓ ଅନ୍ୟ ମନୋନୀତ ଖେଳାଳିମାନେ ଅଷ୍ଟ୍ରେଲିଆ ଯିବେ।

### ■ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

## ବିଡ୍ ଦାଖଲକଲା ଭାରତ

ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ସକାଶେ ଭାରତୀୟ ଅଲିମ୍ପିକ୍ ସଂଘ ଆଜି ବିଡ୍ ଦାଖଲ କରିଛି। ଭାରତ ଯଦି ଆୟୋଜନ ଅଧିକାର ପାଏ ତେବେ ଅହମ୍ମଦାବାଦ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଅଲିମ୍ପିକ୍ ସଂଘ ଗତକାଲି ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମୁଖ୍ୟାଳୟ ଲଣ୍ଡନରେ ଏହି ବିଡ୍ ଦାଖଲ କରିଛି। ୨୦୧୦ରେ ଶେଷଥର ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହୋଇଥିଲା।

### ■ ଏସିଆ କପ୍ ହକି

## କୋରିଆକୁ ହରାଇଲା ମାଲେସିଆ

ରାଜଗିର,୩୦।୮ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକିରେ ପୂର୍ବ ଚାମ୍ପିଅନ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରି ମାଲେସିଆ ବିପର୍ଯ୍ୟୟ ସୃଷ୍ଟି କରିବା ସହ ପ୍ରଥମ ବିଜୟ ହାସଲ କରିଛନ୍ତି। ବିଜୟୀ ଦଳ ପକ୍ଷରୁ ଅଖିମୁଲ୍ଲା ଅନୱାର ହ୍ୟାଟ୍ରିକ ସହ ୩ଟି ଗୋଲ ସ୍କୋର କରିଛନ୍ତି। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ଚାଇନିଜ୍ ତାଇପେଇକୁ ୮-୩ ଗୋଲରେ ପରାସ୍ତ କରି ବାଂଲାଦେଶ ବିରାଟ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ଅବଦୁଲ୍ଲା, ହାସନ ଓ ଇସ୍‌ଲାମ ୨ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ୪ଟି ଦଳକୁ ନେଇ ଗଠିତ ଗ୍ରୁପ୍-ବି'ରେ ମାଲେସିଆ ୨ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ଶୀର୍ଷସ୍ଥାନରେ ରହିଛି। ଆସନ୍ତାକାଲି ପୁଲ-ଏ'ର ଦୁଇଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ଚୀନ୍ ସହ କାଜାଖସ୍ତାନ ଓ ଜାପାନ ସହ ଭାରତର ମୁକାବିଲା ହେବ। ଚୀନ୍ ଓ ଜାପାନ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି।

### ଦୁଲୀପ ଟ୍ରଫି କ୍ରିକେଟରେ ଅଙ୍କିତ, ଧୁଲ୍‌ଙ୍କ ଶତକ

## ଉତ୍ତରାଞ୍ଚଳ କବ୍‌ଜାରେ କ୍ୱାର୍ଟରଫାଇନାଲ

ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ଅଧିନାୟକ ଅଙ୍କିତ କୁମାରଙ୍କ ଅପରାଜିତ ୧୬୮ ଓ ଯୁବ ଖେଳାଳି ଯଶ ଧୁଲ୍‌ଙ୍କ ୧୩୩ ରନ୍ ସହାୟତାରେ ଏଠାରେ ଚାଲିଥିବା ପୂର୍ବାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲ ଉତ୍ତରାଞ୍ଚଳ କବ୍‌ଜାରେ ରହିଛି। ପ୍ରଥମ ଇନିଂସରେ ୧୭୫ ରନ୍‌ରେ ଆଗୁଆ ଥିବା ଉତ୍ତରାଞ୍ଚଳ ତୃତୀୟ ଦିନ ଖେଳ ଶେଷସୁଦ୍ଧା ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୩୮୮ ରନ୍ ସଂଗ୍ରହ କରିଛି। ଏବେ ସୁଦ୍ଧା ଉତ୍ତରାଞ୍ଚଳ ୫୬୩ ରନ୍‌ରେ ଅଗ୍ରଣୀ ଥିଲାବେଳେ ଆସନ୍ତାକାଲି ଶେଷ ଦିନରେ ଦଳ ବିପକ୍ଷରେ ଫଳାଫଳ ଯିବାର ସମ୍ଭାବନା ନାହିଁ। ଶେଷ ଦିନରେ ଭଲ ବ୍ୟାଟିଂ କରିପାରିଲେ ପୂର୍ବାଞ୍ଚଳ ଏହି ମ୍ୟାଚ୍‌ରେ ସମ୍ମାନ ପାଇବ। ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସରେ ସୁରଜ ସିନ୍ଧୁ ଜୟସ୍ୱାଲ ଓ ରିୟାନ ପରାଗ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ଓଡ଼ିଶାରୁ କୌଣସି ଖେଳାଳି ଖେଳିବାକୁ ସମର୍ଥ ହୋଇ ନାହାନ୍ତି।

### କେନ୍ଦ୍ରାଞ୍ଚଳର ଶୁଭମ ଶର୍ମାଙ୍କ ଶତକ

ସେହିପରି ଏଠାରେ ଚାଲିଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାଞ୍ଚଳ ଦ୍ୱିତୀୟ ଇନିଂସରେ ୭ ୱିକେଟରେ ୩୩୧ ରନ୍ କରିଛି। ଦଳ ପକ୍ଷରୁ ଶୁଭମ ଶର୍ମା ୧୨୨ ରନ୍‌ର ଶତକୀୟ ଇନିଂସ ଖେଳିଛନ୍ତି। ଯଶ ରାଠୋଡ ଓ ଅଧିନାୟକ ରଜତ ପାଟିଦାରଙ୍କ ବ୍ୟାଟରୁ ଯଥାକ୍ରମେ ୭୮ ଓ ୬୬ ରନ୍ ମିଳିଛି। ଦଳ ଏବେ ୬୭୮ ରନ୍‌ରେ ଆଗୁଆ ରହି ସେମିଫାଇନାଲରେ ପ୍ରବେଶ କରିବାର ରାସ୍ତା ପରିଷ୍କାର କରିନେଇଛି।

## ରାଜସ୍ଥାନ ରୟାଲ୍ସର ପ୍ରଶିକ୍ଷକ ପଦରୁ ଦ୍ରାବିଡ୍‌ଙ୍କ ଇସ୍ତଫା



ଜୟପୁର, ୩୦।୮ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦୨୬ ସିଜନ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଦଳକୁ ବଡ଼ ଝଟ୍‌କା ଲାଗିଛି। ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଦ୍ରାବିଡ୍ ଇସ୍ତଫା ଦେଇଥିବା ନେଇ ଫ୍ରାଞ୍ଚାଇଜ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏକ ବିବୃତି ଜାରି କରି ସୂଚନା ଦିଆଯାଇଛି। '୨୦୨୬ ଆଇପିଏଲ୍ ପୂର୍ବରୁ ଦ୍ରାବିଡ୍ ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଦ୍ରାବିଡ୍‌ଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ଭଲ ପ୍ରଦର୍ଶନ କରିଥିଲେ। ଟିମ୍‌ର ବାତାବରଣକୁ ଉନ୍ନତ କରିବାରେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା। ଫ୍ରାଞ୍ଚାଇଜ ପକ୍ଷରୁ ତାଙ୍କୁ ବଡ଼ ପଦବୀ ଲାଗି ଅଫର୍ ଦିଆଯାଇଥିଲା। କିନ୍ତୁ ସେ ଏହାକୁ ପ୍ରତ୍ୟାଖାନ କରିଥିଲେ' ବୋଲି ରାଜସ୍ଥାନ ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଭାରତକୁ ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ କରାଇବା ପରେ ଜାତୀୟ ଦଳ ସହ ଦ୍ରାବିଡ୍‌ଙ୍କ ୩ ବର୍ଷୀୟା ଚୁକ୍ତି ଶେଷ ହୋଇଥିଲା। ଏହାପରେ ସେ ସେପ୍ଟେମ୍ବରରେ ରାଜସ୍ଥାନ ରୟାଲ୍ସର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ତାଙ୍କ ତତ୍ତ୍ୱାବଧାନରେ ରାଜସ୍ଥାନ ଆଇପିଏଲ୍‌ର ଗତ ୧୮ତମ ସଂସ୍କରଣରେ ୧୪ ମ୍ୟାଚ୍ ଖେଳି ମାତ୍ର ୪ଟି ବିଜୟ ହାସଲ କରିପାରିଥିଲା। ୧୦ ଦଳୀୟ ଟେବଲ୍ ତାଲିକାରେ ରାଜସ୍ଥାନ ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ପୂର୍ବରୁ ଦ୍ରାବିଡ୍ ୨୦୧୨ ଓ ୨୦୧୩ ସିଜନରେ ଅଧିନାୟକ ଭାବେ ରାଜସ୍ଥାନ ଦଳରେ ଖେଳିଥିଲେ। ଏହାପରେ ୨୦୧୪ରୁ ଦୁଇ ବର୍ଷ ଧରି ଦଳର ମେଣ୍ଟର ଦାୟିତ୍ୱ ତୁଲାଇଥିଲେ। ଦ୍ରାବିଡ୍‌ଙ୍କ ପୂର୍ବରୁ ଚଳିତ ବର୍ଷ ଚନ୍ଦ୍ରକାନ୍ତ ପଣ୍ଡିତ କୋଲକାତା ନାଇଟ୍ ରାଇଡର୍ସର ମୁଖ୍ୟ ପ୍ରଶିକ୍ଷକ, ଜାହିର ଖାନ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ମେଣ୍ଟର ପଦରୁ ଇସ୍ତଫା ଦେଇଥିଲେ।

## ପଦକ ନିଶ୍ଚିତ କଲେ ସାତ୍ତ୍ୱିକ-ଚିରାଗ



ପ୍ୟାରିସ, ୩୦।୮ (ଏଜେନ୍ସି): ତାରକା ଭାରତୀୟ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୨, ୨୧-୧୯ ସିଧାସଳଖ ଗେମରେ ମାଲେସିଆର ଆରୋନ ଚିଆ ଓ ୱଇ ୟିକ୍ ସୋ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ପ୍ରବେଶ ସହ ସାତ୍ତ୍ୱିକ-ଚିରାଗ ଯୋଡ଼ି ଅତିକମ୍‌ରେ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ୨୦୨୨ ସଂସ୍କରଣରେ ଉଭୟ ଏଠାରେ କାଂସ୍ୟ ପଦକ ହାସଲ କରିଥିଲେ। ସେମିଫାଇନାଲରେ ଏହି ଭାରତୀୟ ଯୋଡ଼ିଙ୍କ ମୁକାବିଲା ଚାଇନାର ଲି ୟି ଓ ବୟାଙ୍ଗ ଚେନ୍‌ଙ୍କ ସହ ହେବ। ଅପରପକ୍ଷରେ ଏହି ବିଜୟ ସହ ସାତ୍ତ୍ୱିକ-ଚିରାଗ ୨୦୨୪ ଅଲିମ୍ପିକ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ଏହି ସମାନ ଭେନ୍ୟୁରେ ଗତବର୍ଷ ଅଲିମ୍ପିକ୍ସ କ୍ୱାର୍ଟର ଫାଇନାଲରେ ସାତ୍ତ୍ୱିକ-ଚିରାଗଙ୍କୁ ହରାଇ ମାଲେସିଆ ଯୋଡ଼ି ସେମିଫାଇନାଲରେ ପହଞ୍ଚିଥିଲେ।

## ମୃତକଙ୍କ ପରିବାରକୁ ୨୫ ଲକ୍ଷ ଦେବ ଆର୍‌ସିବି

**ଚିନ୍ନାସ୍ୱାମୀ ଦଳାଚକଟା ମାମଲା**

ବେଙ୍ଗାଲୁରୁ, ୩୦।୮ (ଏଜେନ୍ସି): ଆଇପିଏଲ୍‌ରେ ପ୍ରଥମଥର ଚାମ୍ପିଅନ ହେବାପରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପକ୍ଷରୁ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଜୟ ଉତ୍ସବ ପରେଡ ଆୟୋଜିତ କରାଯାଇଥିଲା। ଯେଉଁଥିରେ ଦଳଚକଟାରେ ଷ୍ଟାଡିୟମ ବାହାରେ ୧୧ଜଣ ପ୍ରଶଂସକଙ୍କ ମୃତ୍ୟୁ ଘଟିଥିଲା। ଜୁନ ୪ରେ ଘଟିଥିବା ଏହି ଅଘଟଣର ପାଖାପାଖି ୩ ମାସ ପରେ ଆର୍‌ସିବି ଫ୍ରାଞ୍ଚାଇଜ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କ ଲାଗି ଆର୍ଥିକ ସହାୟତା ଘୋଷଣା କରାଯାଇଛି। ମୃତ୍ୟୁବରଣ କରିଥିବା ୧୧ଜଣ ଲୋକଙ୍କ ପରିବାର ସଦସ୍ୟଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। 'ଜୁନ ୪ରେ ଆମର ହୃଦୟ ଭାଙ୍ଗିଯାଇଥିଲା। ଆର୍‌ସିବି ପରିବାରର ୧୧ଜଣ ସଦସ୍ୟଙ୍କୁ ଆମେ ହରାଇଥିଲୁ। ସେମାନେ ଆମର ଏକ ଅଂଶ ଥିଲେ। କୌଣସି ପରିମାଣର ଟଙ୍କା ସେହି ଲୋକଙ୍କ ଶୂନ୍ୟସ୍ଥାନକୁ ପୂରଣ କରିପାରିବ ନାହିଁ। କିନ୍ତୁ ପ୍ରଥମ ପଦକ୍ଷେପ ସ୍ୱରୂପ ସମ୍ମାନର ସହିତ ସେହି ୧୧ଜଣ ପରିବାର ସଦସ୍ୟଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏ ଦେବାକୁ ନିଷ୍ପତ୍ତି ନେଇଛୁ' ବୋଲି ଆର୍‌ସିବି ପକ୍ଷରୁ କୁହାଯାଇଛି। ଏହି ଅଘଟଣ ପରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବଡ଼ ଇଭେଣ୍ଟ ଆୟୋଜନ ଲାଗି ଅସୁରକ୍ଷିତ ବୋଲି ତଦନ୍ତ କମିଟି ପକ୍ଷରୁ କୁହାଯାଇଥିଲା। ଫଳରେ ଆଗାମୀ ମହିଳା ଦିନିକିଆ ବିଶ୍ୱକପ୍‌ର ଯେଉଁ ମ୍ୟାଚ୍ ସବୁ ଏଠାରେ ଖେଳାଯାଇଥାନ୍ତା ତାହା ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମକୁ ସ୍ଥାନାନ୍ତରିତ କରିନିଆଯାଇଛି।

## କିଟ୍‌ରେ ଜାତୀୟ କ୍ରୀଡ଼ା ଦିବସ ପାଳିତ



ଭୁବନେଶ୍ୱର, ୩୦।୮ (ସମିସ): ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ୧୨୦ତମ ଜନ୍ମବାର୍ଷିକୀ ଉପଲକ୍ଷେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧ୍ୟାନଚାନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ଏଥିସହ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ୩ଜଣ କ୍ରୀଡ଼ା ବ୍ୟକ୍ତିବିଶେଷଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ କିମ୍ସର ସ୍ପୋର୍ଟ୍ସ ଆଣ୍ଡ ମେଡିସିନ ବିଭାଗର ମୁଖ୍ୟ ତଥା କ୍ରୀଡ଼ା ବୈଷୟିକ ଅଧିକାରୀ ଡ. ସୁଦୀପ ଶତପଥୀ, ଅନ୍ତର୍ଜାତୀୟସ୍ତରରେ ପଦକ ଜିତିଥିବା ବ୍ୟାଡ୍‌ମିଣ୍ଟନ ଖେଳାଳି ଅବିନାଶ ମହାନ୍ତି ଓ କିକ୍‌ବକ୍ସିଂ ଖେଳାଳି ଯଶ କୁମାର ସିହ୍ନା। ଅବିନାଶ ବର୍ତ୍ତମାନ କିଟ୍‌ରେ ଏମ୍‌ବିଏ ଓ ଯଶ କମ୍ପ୍ୟୁଟର୍ ଇଞ୍ଜିନିୟରିଂରେ ଅଧ୍ୟୟନ କରୁଛନ୍ତି। ନିକଟରେ ଘାନା ଇଣ୍ଟରନ୍ୟାସନାଲରେ ଅବିନାଶ ଓଡ଼ିଶାର ଅନ୍ୟତମ ଖେଳାଳି ଆୟୂଷ ପଟ୍ଟନାୟକଙ୍କୁ ସାଥୀ କରି ରୌପ୍ୟ ପଦକ ଜିତିଥିଲେ।

## ଭାରତରେ କନିଷ୍ଠ ବିଶ୍ୱକପ୍ ଖେଳିବ ପାକିସ୍ତାନ

ନୂଆଦିଲ୍ଲୀ,୩୦।୮ (ସମିସ): ଭାରତରେ ଖେଳାଯିବାକୁ ଥିବା କନିଷ୍ଠ ହକି ବିଶ୍ୱକପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିବ ବୋଲି ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ ଆଜି ଘୋଷଣା କରିଛନ୍ତି। ଚେନ୍ନଇରେ ଏହି ପ୍ରତିଯୋଗିତା ଚଳିତବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୦ ଯାଏ ଖେଳାଯିବ। ଆମେ ପାକିସ୍ତାନ ହକି ସଂଘଠାରୁ ସମ୍ମତି ପାଇବା ପରେ ଏ ସମ୍ପର୍କରେ ଘୋଷଣା କରୁଛୁ। ଅଲିମ୍ପିକ୍ ଚାର୍ଟର ଅନୁଯାୟୀ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛି। କିନ୍ତୁ ରାଜଗିରଠାରେ ଚାଲିଥିବା ଏସିଆ କପ୍ ହକିରୁ ପାକିସ୍ତାନ ଓହରିଯାଇଥିଲେ ମଧ୍ୟ ସେହି ଦେଶ ଉପରେ କୌଣସି ପ୍ରତିବନ୍ଧକ କିମ୍ବା ଦଣ୍ଡବିଧାନ କରାଯିବ ନାହିଁ ବୋଲି ମଧ୍ୟ ଶ୍ରୀ ସିଂହ କହିଛନ୍ତି। ପ୍ରୋ-ଲିଗ୍‌ରେ ପ୍ରଥମଥର ଖେଳୁଥିବା ପାକିସ୍ତାନ ବରିଷ୍ଠ ଦଳ ମଧ୍ୟ ଭାରତରେ ଖେଳିବ।

## ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସରେ ୨୨ଜଣ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୩୦।୮ (ସମିସ):

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ୪୫ତମ ପ୍ରତିଷ୍ଠା ଦିବସ ଏଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୫ଜଣ କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ର, ସର୍ବେଶ୍ୱର ମହାନ୍ତି, ମନୋରଞ୍ଜନ ଦାସ, ଶୁଭଲକ୍ଷ୍ମୀ ବଳ ଓ ରାଜୀବ ଗୌରବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବିଭିନ୍ନ କ୍ରୀଡ଼ାରେ ଅର୍ନ୍ତଜାତୀୟସ୍ତରରେ ପଦକ ଜିତିଥିବା ୧୭ଜଣ କ୍ରୀଡ଼ାବିତ୍‌ଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅନୁପମା ସ୍ୱାଇଁ, ଲୋମା ସ୍ୱାଇଁ, ଡ. ଭଗବାନ ରେଡ୍ଡୀ, ସୁମନ ଶେଖର, ରୀତେଶ ରାୟ, ଦିବ୍ୟ ବେହେରା, ଶୁଭକାନ୍ତ ବିଶ୍ୱାଳ, ଅଂଶୁମାନ ଆଚାର୍ଯ୍ୟ, ତ୍ରିଲୋଚନ ରଣା, ସମରଜିତ୍ ଚକ୍ର, ଅଭିଷେକ ପଟ୍ଟନାୟକ, ପ୍ରିୟଦର୍ଶିନୀ ସାହୁ, ଅର୍ଯ୍ୟବ୍ରତ, ପୁଲକ ପାଢ଼ୀ, ସୂର୍ଯ୍ୟପ୍ରକାଶ ଘଡ଼େଇ, ପୁନିତ ମହାନ୍ତି ଓ ଅମୈଶା ଝା ରହିଛନ୍ତି।

ରାଜ୍ୟ ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଦୁଇଥରର ବିଶ୍ୱ କରାଟେ ଚାମ୍ପିଅନ ଅମୀର ମେହେଦୀଜାଦେ ଅତିଥିଭାବେ ଯୋଗଦେଇଥିଲେ। ସେହିଭଳି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡା. ହରିପ୍ରସାଦ ପଟ୍ଟନାୟକ ଓ ସ୍କୁଲର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS